

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୮ ଡିସେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 18 DECEMBER 2020

Vol.No. 30 ■ No. 320 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆଇଏଫଏସ ଅଭୟକାନ୍ତ ପାଠକଙ୍କୁ ବାଧ୍ୟତାମୂଳକ ଅବସର ପାଇଁ କେନ୍ଦ୍ରକୁ ସୁପାରିଶ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୭।୧୨ (ନି.ପ୍ର): ଦୁର୍ନୀତି ଅଭିଯୋଗରେ ନିଲମ୍ବିତ ଆଇଏଫଏସ ଅଧିକାରୀ ଅଭୟକାନ୍ତ ପାଠକଙ୍କୁ ବାଧ୍ୟତା ମୂଳକ ଅବସର ପାଇଁ କେନ୍ଦ୍ରକୁ ସୁପାରିଶ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପ୍ରଥମ ଥର ପାଇଁ ଜଣେ ସର୍ବଭାରତୀୟ ସେବା ଅଧିକାରୀଙ୍କୁ ଅବସର ଦେବାକୁ ଓଡ଼ିଶା ସରକାର ସୁପାରିଶ କରିଛନ୍ତି। ୨୦କୋଟି ଟଙ୍କାରୁ ଅଧିକ ମୂଲ୍ୟର ସମ୍ପତ୍ତି ଜମା କରିବାର ପ୍ରମାଣ ପାଇବା ପରେ ରାଜ୍ୟ ଭିଜିଲାନ୍ସ ବିଭାଗ ଅଭୟକାନ୍ତ ପାଠକ ଏବଂ ତାଙ୍କ ପୁଅ ଆକାଶ ପାଠକଙ୍କୁ ଗିରଫ କରିଛି। ଉଭୟ ବାପା ଓ ପୁଅ ଏବେ ଜେଲରେ ଅଛନ୍ତି। ଅଭୟକାନ୍ତଙ୍କ ପୁଅ ଆକାଶଙ୍କୁ ଜାଲିଆତି, ପ୍ରତାରଣା ଏବଂ ନକଲି ମାମଲାରେ କ୍ରାଇମ ବ୍ରାଂଚ ଗିରଫ କରିଛି। ଲକଡାଉନ୍ ସମୟରେ ଅଭୟକାନ୍ତ ପାଠକ ଏବଂ ତାଙ୍କ ପୁଅ ଚାର୍ଟାର୍ଡ ବିମାନରେ ଉଡୁଥିଲେ ଏବଂ ବିଳାସପୂର୍ଣ୍ଣ ପଂଚ ତାରକା ଏବଂ ସାତ ତାରକା ହୋଟେଲରେ ରହିଥିଲେ। ଆକାଶ ଟାଟା କମ୍ପାନୀରେ ଚାକିରୀ କରାଇଦେବାକୁ କହି ଗଂଜାମ ଜିଲ୍ଲାର ବହୁ ଯୁବକଯୁବତୀଙ୍କୁ ଠକିଥିବା ଅଭିଯୋଗ ହୋଇଥିଲା। ଏହି ଲିଙ୍କ୍‌ରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ମଧ୍ୟ ଗିରଫ ହୋଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଗୃହବନ୍ଦୀ କରି ରଖାଯାଇଛି : ସୁର ରାଉତରାୟ




ଭୁବନେଶ୍ୱର,୧୭।୧୨ (ନି.ପ୍ର): ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ବିଧାୟକ ସୁରେଶ କୁମାର ରାଉତରାୟ ଆଜି ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ସେ ଆଜି ଗଣମାଧ୍ୟମରେ ସିଧାସଳଖ ଫାଇଭ-ଟି ସଚିବଙ୍କୁ ଟାର୍ଗେଟ୍ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗୃହବନ୍ଦୀ କରି ରଖାଯାଇଛି ବୋଲି ଅଭିଯୋଗ କରିଛନ୍ତି। ଏହା ସହିତ ତୁରନ୍ତ ମୁଖ୍ୟମନ୍ତ୍ରୀଙ୍କୁ ମୁକ୍ତ କରିବା ପାଇଁ ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଗୁହାରି କରିଛନ୍ତି। ଶ୍ରୀ ରାଉତରାୟ ଗଣମାଧ୍ୟମରେ ସଙ୍ଗୀନ ଅଭିଯୋଗ ଆଣି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କୁ ଗୋଟିଏ ଘରେ ଗୃହବନ୍ଦୀ କରି ରଖାଯାଇଛି। ତାଙ୍କୁ ତୁରନ୍ତ ଛାଡ଼ି ଦିଆଯାଉ। ମୁଖ୍ୟମନ୍ତ୍ରୀ ଆମ ପାଖକୁ ଆସି ରାଜ୍ୟର ଭଲମନ୍ଦ ଓ ଲୋକଙ୍କ ସୁଖଦୁଃଖ ବୁଝନ୍ତୁ। ରାଜ୍ୟର ବିକାଶ ପାଇଁ କାର୍ଯ୍ୟ କରନ୍ତୁ। ମୁଖ୍ୟମନ୍ତ୍ରୀଙ୍କୁ ପୁରୀ ଓ ଲିଙ୍ଗରାଜ ମନ୍ଦିରକୁ ବୁଲେଇ ନିଆଯାଉଛି। କେବଳ ଲୋକଙ୍କୁ ବାର୍ତ୍ତା ଦିଆଯାଉଛି ଯେ ମୁଖ୍ୟମନ୍ତ୍ରୀ ବଂଚିଛନ୍ତି। ମୁଖମ୍ୟମନ୍ତ୍ରୀ କାହିଁକି ସାମାଜିକ, ସରକାରୀ କାର୍ଯ୍ୟକ୍ରମରେ ସାମିଲ ହେଉନାହାନ୍ତି ବୋଲି ଶ୍ରୀ ରାଉତରାୟ ପ୍ରଶ୍ନ କରିବା ସହ ୯ ମାସ ମଧ୍ୟରେ ରାଜ୍ୟରେ କ'ଣ ବିକାଶ ହୋଇଛି ତା'ର ହିସାବ ମାଗିଛନ୍ତି। ରାଜ୍ୟର ବିକାଶ ଏବେ କେବଳ ତାମିଲନାଡୁରେ ହେଉଛି। ଓଡ଼ିଶାରେ ଯେତେ ଠିକାଦାର କାମ କରୁଛନ୍ତି ସେମାନେ ସମସ୍ତେ ତାମିଲନାଡୁର। ▶▶ପୃଷ୍ଠା ୭

## ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓଙ୍କ ୧୫୦ତମ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୧୨ (ନି.ପ୍ର): ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ପୁରୋଧା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓଙ୍କ ୧୫୦ତମ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଂଜଳି ଜଣାଇଛନ୍ତି। ସେ ଟ୍ୱିଟ କରି କହିଛନ୍ତି ଯେ - ଓଡ଼ିଆ ଭାଷା ଆନ୍ଦୋଳନ ତଥା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ପୁରୋଧା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓଙ୍କ ୧୫୦ତମ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି। ରାଜ୍ୟର ପ୍ରଗତିକୁ ନୂଆ ଦିଗ ଦେବା ସହ ଓଡ଼ିଆ ଭାଷା, ସାହିତ୍ୟ, ସ୍ୱାସ୍ଥ୍ୟ, ପ୍ରଶାସନିକ ସେବା ଓ ଶିକ୍ଷାର ପ୍ରସାର କ୍ଷେତ୍ରରେ ତାଙ୍କ ଅତୁଳନୀୟ ଅବଦାନ ଚିରସ୍ମରଣୀୟ।

## ବୋଦା ଖୋଜା ଚାଲିଛି : ସୁରେଶ ପୂଜାରୀ



ନୟାଗଡ଼,୧୭।୧୨ (ନି.ପ୍ର): ପରୀକୁ ନ୍ୟାୟ ଦାବିରେ ନୟାଗଡ଼ରେ ବିଜେପି ପକ୍ଷରୁ ଜାରି ରହିଥିବା ଧାରଣା ଆଜି ୧୩ ଦିନରେ ପହଞ୍ଚିଛି। ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଏହି ଗଣଧାରଣାରେ ଆଜି ବରଗଡ଼ ସାଂସଦ ସୁରେଶ ପୂଜାରୀ ଯୋଗଦେଇଥିଲେ। ଏହି ଅବସରରେ ସେ କହିଛନ୍ତି ଯେ, ଏସଆଇଟି ମୁଖ୍ୟ ଅରୁଣ ବୋଥ୍ରାଙ୍କ ତଦନ୍ତ କୋର୍ଟରେ ଗ୍ରହଣୀୟ ହେବ ନାହିଁ। ଅରୁଣ ବୋଥ୍ରାଙ୍କର ପୁଲିସ କ୍ଷମତା ନାହିଁ ବୋଲି ସେ ଦୋହରାଇବା ସହ ତଦନ୍ତକୁ ବାଟବଣା କରିବାକୁ ପ୍ରୟାସ ଚାଲିଛି କହିଛନ୍ତି। ପ୍ରକୃତ ଦୋଷୀକୁ ପଛଦ୍ୱାର ଦେଇ ଚାଲିଯିବାକୁ ବ୍ୟବସ୍ଥା ହେଉଛି। ତଦନ୍ତ ବାଟବଣା ପାଇଁ ବୋଦା ଖୋଜା ଚାଲିଛି ବୋଲି ସୁରେଶ ପୂଜାରୀ କହିଛନ୍ତି।

## ଆସୋଚାମ୍‌ର ପ୍ରତିଷ୍ଠା ସପ୍ତାହ

## ଆତ୍ମନିର୍ଭର ଭାରତ ପାଇଁ ଆତ୍ମନିର୍ଭର ଉର୍ଜା ରୋଡମ୍ୟାପ୍ ବିକଶିତ ହେଉଛି : ଧର୍ମେନ୍ଦ୍ର




ନୂଆଦିଲ୍ଲୀ/ଭୁବନେଶ୍ୱର,୧୭।୧୨ (ନି.ପ୍ର): ଉର୍ଜା କ୍ଷେତ୍ରରେ ଆତ୍ମନିର୍ଭର ଭାରତ ପାଇଁ ଆତ୍ମନିର୍ଭର ଉର୍ଜାର ଏକ ସ୍ୱଚ୍ଛ ରୋଡମ୍ୟାପକୁ ବିକଶିତ କରାଯାଉଛି ବୋଲି ଗୁରୁବାର ଆସୋସିଏଟେଡ୍ ଚାମ୍ବରସ୍ ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ(ଆସୋଚାମ୍)ର ପ୍ରତିଷ୍ଠା ସପ୍ତାହ -୨୦୨୦ ଅବସରରେ ଆୟୋଜିତ "ଭାରତର ବିକାଶ ପଥରେ ଇନ୍ଧନକୁ ଉର୍ଜାର ରୂପାନ୍ତରଣ" ଶୀର୍ଷକ ଆଲୋଚନା କାର୍ଯ୍ୟକ୍ରମରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଉର୍ଜା କ୍ଷେତ୍ରକୁ ବୃହତ ଆତ୍ମନିର୍ଭର କରିବା ପାଇଁ ଆରମ୍ଭ ହୋଇଥିବା ଆତ୍ମନିର୍ଭର ଉର୍ଜା ପଦକ୍ଷେପରେ ସାମିଲ ହେବା ପାଇଁ ଭାରତର ସମସ୍ତ ସରକାରୀ ଓ ବେସରକାରୀ କମ୍ପାନୀ(ଇଣ୍ଡିଆନ ଆଇଏନସି)କୁ ନିମନ୍ତ୍ରଣ କରିବା ସହ ଦେଶରେ ଉର୍ଜା ନ୍ୟାୟ ସୁନିଶ୍ଚିତ କରିବା ସଙ୍ଗେସଙ୍ଗେ ଉର୍ଜା ଦାରିଦ୍ର୍ୟକୁ ସମାପ୍ତ କରିବାକୁ ହେବ ବୋଲି ସେ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତୀୟଙ୍କ ଜୀବନରେ ଅଧିକ ଉନ୍ନତି ଆଣିବା ପାଇଁ ଅଧିକ ଉର୍ଜାର ଆବଶ୍ୟକତା ରହିଛି। ଆମର ଉର୍ଜା କ୍ଷେତ୍ର ଅଭିବୃଦ୍ଧି କେନ୍ଦ୍ରିକ, ଶିଳ୍ପ ଅନୁକୂଳ ଏବଂ ପରିବେଶ ସନ୍ତୁଳିତ। ଆମର ଜାତୀୟ ବିକାଶ ଏବଂ ଆଗାମୀ ବର୍ଷରେ ୫ ଟ୍ରିଲିୟନ ଆମେରିକୀୟ ଡ଼ଲାର ଅର୍ଥନୀତି ଲକ୍ଷ୍ୟକୁ ହାସଲ କରିବାରେ ଉର୍ଜା ଏକ ପ୍ରମୁଖ କ୍ଷେତ୍ରର ମାଧ୍ୟମ ହେବ। ବିଗତ ୬ ବର୍ଷରେ ଭାରତର ଉର୍ଜା ସ୍ଥାପତ୍ୟରେ ଏକ ବଡ଼ ପରିବର୍ତ୍ତନ ହୋଇଛି। ଯଦ୍ୱାରା ଦେଶରେ ଉର୍ଜା ଦାରିଦ୍ର୍ୟକୁ ଶେଷ କରିବା ଦିଗରେ ଏକ ବୃହତ ଆମର ଇଚ୍ଛାଶକ୍ତି ଦୃଢ ହୋଇଛି। କୋଭିଡ୍-୧୯ର ସଂକଟକୁ ଉର୍ଜା କ୍ଷେତ୍ର ସୁଯୋଗରେ ପରିଣତ କରିଛି। ▶▶ପୃଷ୍ଠା ୭

## ଆକାଶଙ୍କୁ ୪ ଦିନିଆ ରିମାଣ୍ଡରେ ନେଲା କମିଶନରେଟ୍ ପୋଲିସ୍



ଭୁବନେଶ୍ୱର,୧୭।୧୨ (ନି.ପ୍ର): କମିଶନରେଟ୍ ପୋଲିସ୍ ଗୁରୁବାର ଦିନ ଆକାଶ ପାଠକଙ୍କୁ ଚାରି ଦିନିଆ ରିମାଣ୍ଡରେ ନେଇଛି। ଭୁବନେଶ୍ୱରର ଟ୍ରାଭେଲ ଏଜେନ୍ସି ସ୍କାଏ କିଙ୍ଗ ଠାରୁ ୬୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ତାଙ୍କୁ ପଚରାଉଚରା କରିବା ପାଇଁ ପୋଲିସ ରିମାଣ୍ଡରେ ନେଇଛି। ଖୋର୍ଦ୍ଧା ଜିଲ୍ଲା ଦୌରା ଜଜ୍ ରିମାଣ୍ଡ ପାଇଁ କମିଶନରେଟ୍ ପୋଲିସ୍‌କୁ ଅନୁମତି ଦେଇଛନ୍ତି। ଅପରପକ୍ଷରେ ଉକ୍ତ ମାମଲାରେ ଆକାଶ ଜାମିନ ଆବେଦନ କରିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ ସ୍କାଏ କିଙ୍ଗ ଟ୍ରାଭେଲ ଏଜେନ୍ସି ଗତ ଡିସେମ୍ବର ୨ ରେ ଖାରବେଳନଗର ପୋଲିସ ଥାନାରେ ଆକାଶଙ୍କ ବିରୁଦ୍ଧରେ ୬୫ ଲକ୍ଷରୁ ଅଧିକ ଟଙ୍କା ଠକେଇ ଅଭିଯୋଗକରି ଏତଲା ଦେଇଥିଲେ। ସ୍କାଏ କିଙ୍ଗ ଏଜେନ୍ସିର ଅଭିଯୋଗକୁ ଭିତି କରି ପୋଲିସ ଅଭିଯୁକ୍ତ ଆକାଶ ପାଠକଙ୍କୁ ପଚରାଉଚରା ପାଇଁ ରିମାଣ୍ଡରେ ନେବା ଲାଗି କୋର୍ଟରେ ଆବେଦନ କରିଥିଲା ବୋଲି ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ତାଙ୍କୁ ଚାରି ଦିନିଆ ରିମାଣ୍ଡରେ ନେବାକୁ କୋର୍ଟ ଆମକୁ ଅନୁମତି ଦେଇଛନ୍ତି। ତାଙ୍କର ଠକେଇ ଏବଂ ଜାଲିଆତି ମାମଲାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ ଗଠନ କରାଯାଇଛି। ସମ୍ପୃକ୍ତ ଟିମ୍ ଆକାଶଙ୍କ ଠାରୁ ଅଧିକ ତଥ୍ୟ ହାସଲ କରିବାକୁ ପଚରାଉଚରା କରିବ ବୋଲି ଡିସିପି କହିଛନ୍ତି। ଅଭିଯୋଗ ଅନୁଯାୟୀ ଆକାଶ ଏବଂ ତାଙ୍କ ପିତା ଅଭୟକାନ୍ତ ପାଠକ ସ୍କାଏ କିଙ୍ଗ ଏଜେନ୍ସି ମାଧ୍ୟମରେ ଚାର୍ଟାର୍ଡ ଫ୍ଲାଇଟ୍, ପଂଚ ତାରକା ହୋଟେଲ ଏବଂ ଏୟାର ଟିକେଟ୍ ବୁକ୍ କରିଥିଲେ ଯାହାର ମୂଲ୍ୟ ପ୍ରାୟ ୨.୭୮ କୋଟି ଟଙ୍କା ଥିଲା।

## ଖସିବ ରାତି ତାପମାତ୍ରା

ଭୁବନେଶ୍ୱର,୧୭।୧୨ (ନି.ପ୍ର): ଆଗାମୀ ୨୪ଘଂଟା ମଧ୍ୟରେ ରାତ୍ରି ତାପମାତ୍ରାରେ କୌଣସି ପରିବର୍ତ୍ତନର ସମ୍ଭାବନା ନାହିଁ। ତେବେ ପରବର୍ତ୍ତୀ ୩ରୁ ୪ଦିନ ମଧ୍ୟରେ ଉତର ଏବଂ ଉତର-ପଶ୍ଚିମ ଦିଗରୁ ଆସୁଥିବା ଶୁଷ୍କ ଏବଂ ଥଣ୍ଡା-ବାୟୁ ପ୍ରଭାବରେ ଓଡ଼ିଶାର ଜିଲ୍ଲାଗୁଡିକରେ ରାତ୍ରି ତାପମାତ୍ରା ୪ଡ଼ିଗ୍ରୀ ରୁ ୬ଡ଼ିଗ୍ରୀ ପର୍ଯ୍ୟନ୍ତ ତଳକୁ ଖସିବାରେ ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

## କରୋନା ଯୋଦ୍ଧା ଓ ବୟସ୍କଙ୍କୁ ମାଗଣାରେ ମିଳିବ କରୋନା ଟୀକା




ଭୁବନେଶ୍ୱର,୧୭।୧୨ (ନି.ପ୍ର): ରାଜ୍ୟର କରୋନା ଯୋଦ୍ଧାଙ୍କୁ ମାଗଣାରେ ଟିକା ମିଳିବ। ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟରେ ୩ଟି ଶ୍ରେଣୀଭୁକ୍ତ କରୋନା ଯୋଦ୍ଧାଙ୍କୁ ମାଗଣା ଟିକା ମିଳିବ। ଏଥିରେ ପ୍ରଥମେ ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ ଆଦିଙ୍କୁ ମାଗଣା ଟିକା ଦିଆଯିବ। ଏହାପରେ ପୌର, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ଯୋଗାଣ କର୍ମଚାରୀମାନଙ୍କ ପାଇଁ ମାଗଣା ଟିକା ବ୍ୟବସ୍ଥା କରାଯିବ। ଏହାବ୍ୟତୀତ ବୟସ୍କ ବ୍ୟକ୍ତିମାନଙ୍କୁ ମଧ୍ୟ ମାଗଣାରେ ଟିକା ଦିଆଯିବ ବୋଲି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ। ଆଗାମୀ ଜାନୁଆରି ମାସ ଭିତରେ ଟିକାକରଣ ଆରମ୍ଭ ହେବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଏନେଇ ସଚେତନ ଅଛନ୍ତି ଏବଂ ଟିକାକରଣ ଆରମ୍ଭ ହେଲେ ରାଜ୍ୟର କରୋନା ଯୋଦ୍ଧାମାନଙ୍କୁ ଏହାର ସୁଯୋଗ ଦିଆଯିବ ବୋଲି ସେ କହିଛନ୍ତି।

## ଆଜିଠାରୁ ଖୋଲିବ ରାଜ୍ୟ ଜନଜାତି ସଂଗ୍ରହାଳୟ

ଭୁବନେଶ୍ୱର,୧୭।୧୨ (ନି.ପ୍ର): ଆସନ୍ତାକାଲି (ଶୁକ୍ରବାର)ଠାରୁ ଭୁବନେଶ୍ୱର ସିଆରପି ଛକସ୍ଥିତ ରାଜ୍ୟ ଜନଜାତି ସଂଗ୍ରହାଳୟ ସର୍ବସାଧାରଣଙ୍କ ପାଇଁ ଖୋଲିବ। କୋଭିଡ଼-୧୯କୁ ଦୃଷ୍ଟିରେ ରଖବ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ▶▶ପୃଷ୍ଠା ୭

## ଗୋବରରୁ ନିର୍ମିତ ବୈଦିକ ରଙ୍ଗ ଦ୍ୱାରା ଆତ୍ମ ନିର୍ଭର ହେବ ଭାରତ : ପ୍ରତାପ ଷଡଙ୍ଗୀ



ଭୁବନେଶ୍ୱର,୧୭।୧୨ (ନି.ପ୍ର): ଗୋବରରୁ ନିର୍ମିତ ହେଉଥିବା ବୈଦିକ ରଙ୍ଗ ପ୍ରସ୍ତୁତ ହେବା ଦ୍ୱାରା ଏଥିରେ ଭାରତ ଆତ୍ମ ନିର୍ଭର ହେବ ବୋଲି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ। ଶ୍ରୀ ଷଡଙ୍ଗୀ ଟ୍ୱିଟ କରି କହିଛନ୍ତି ଯେ -ଖାଦି ଗ୍ରାମୋଦ୍ୟୋଗ କର୍ପୋରେସନ ମାଧ୍ୟମରେ ଖୁବ୍ ଶୀଘ୍ର ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ କରିବାର ଲକ୍ଷ୍ୟ ନେଇ ଗୋବରରେ ନିର୍ମିତ ଏକ 'ବୈଦିକ ରଙ୍ଗ' ପ୍ରସ୍ତୁତ କରିବାକୁ ଯାଉଛୁ, ଯାହାଦ୍ୱାରା ଗୋପାଳକ ତଥା କୃଷକମାନେ ଏକ ସୁନିଶ୍ଚିତ ଅତିରିକ୍ତ ଆୟ ପାଇବା ସହ ପ୍ରଧାନମନ୍ତ୍ରୀଙ୍କ ଆତ୍ମ ନିର୍ଭର ପରିକଳ୍ପନାକୁ ▶▶ପୃଷ୍ଠା ୭

## ପରିଶ୍ରମ ପୋର୍ଟାଲର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

### ସବୁ ଶ୍ରମ ଆଇନ ଓ ୨୨ ପ୍ରକାର ସେବା ଅନ୍‌ଲାଇନ୍‌ରେ ଉପଲବ୍ଧ

ଭୁବନେଶ୍ୱର,୧୭।୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ରାଜ୍ୟ ଶ୍ରମ ଓ କର୍ମଚାରୀ ବୀମା ବିଭାଗର ପରିଶ୍ରମ ପୋର୍ଟାଲର ଲୋକାର୍ପଣ କରିବା ସହିତ ୨୨ ପ୍ରକାର ଅନ୍‌ଲାଇନ ସେବାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ୫-ଟି କାର୍ଯ୍ୟକ୍ରମର ମୁଖ୍ୟ ଆଧାର ହେଉଛି ବୈଷୟିକ କୌଶଳ। ଏହା ହିଁ ପରିବର୍ତ୍ତନର ମାର୍ଗକୁ ଅଧିକ ସୁଗମ କରିଥାଏ। ରାଜ୍ୟ ଶ୍ରମ ଓ ଇଏସ୍ଆଇ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା ପରିଶ୍ରମ ପୋର୍ଟାଲ ଓ ୨୨ ପ୍ରକାର ସେବା ସ୍ୱଚ୍ଛନ୍ଦ ବ୍ୟବସାୟ (ଇଜ୍ ଅଫ୍ ଡୁଇଂ ବିଜନେସ୍) ପାଇଁ ବିଶେଷ ସହାୟକ ହେବ ଏବଂ ଏହା ସହିତ ରାଜ୍ୟରେ ସାମଗ୍ରିକ ଶିଳ୍ପ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ପୋର୍ଟାଲରେ ଜନସାଧାରଣଙ୍କ ନିମନ୍ତେ ବିଭିନ୍ନ ଶ୍ରମ ଆଇନ ସଂପର୍କରେ ସୂଚନା ଉପଲବ୍ଧ ହେବ। ଏହାଦ୍ୱାରା ବିଭିନ୍ନ ଶିଳ୍ପସଂସ୍ଥାନ, ବ୍ୟବସାୟିକ ପ୍ରତିଷ୍ଠାନ, କ୍ଷୁଦ୍ର ଉଦ୍ୟୋଗୀ ଓ ଜନସାଧାରଣ ଉପକୃତ ହେବେ। ଆଗାମୀ ଦିନରେ ଏହି ପୋର୍ଟାଲରେ ୫୨ ପ୍ରକାର ସେବା ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଶ୍ରମ ଓ କର୍ମଚାରୀ ବୀମା ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସେବା ମନୋବୃତି ସହିତ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେବା ଗୁଡିକୁ ଯୋଗାଇ ଦେବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ▶▶ପୃଷ୍ଠା ୭

## ୨୧ରେ ସବୁ ଏସପି ଅଫିସ୍ ଘେରିବ କଂଗ୍ରେସ

ଭୁବନେଶ୍ୱର,,୧୭।୧୨ (ନି.ପ୍ର): ରାଜ୍ୟରେ ଶିଶୁ ନିଖୋଖ ଘଟଣାକୁ ରୋକିବାରେ ସରକାରଙ୍କ ବିଫଳତା ଓ ତଦନ୍ତରେ ପୋଲିସର ନିଷ୍କ୍ରିୟତା ପ୍ରତିବାଦରେ ଆସନ୍ତା ୨୧ ତାରିଖ ସୋମବାର ଦିନ କଂଗ୍ରେସ ଦଳ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ (ଏସ୍.ପି.)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହେବ ବୋଲି ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ଉକ୍ତ ଦିନ ଜିଲ୍ଲା କଂଗ୍ରେସ କମିଟି ସଭାପତିମାନେ ଦିବା ୧୦ ଘଟିକାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ନିଜ ଜିଲ୍ଲାର ଏସ୍.ପି. ଅଫିସ୍ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଆୟୋଜନ କରି ଜିଲ୍ଲାର ସମସ୍ତ ବିଧାୟକ ଓ ସାଂସଦ, ପ୍ରାକ୍ତନ ବିଧାୟକ ଓ ସାଂସଦ, ବିଧାୟକ ଓ ସାଂସଦ ପ୍ରାର୍ଥୀ, ପିସିସି ପର୍ଯ୍ୟବେକ୍ଷକ, ପିସିସି ଓ ଏଆଇସିସି ସଭ୍ୟ, ଛାମୁଆ ସଂଗଠନ, ▶▶ପୃଷ୍ଠା ୭

# ପରୀ ପାଇଁ ନ୍ୟାୟ ପଦଯାତ୍ରା କରିବ ବିଜେପି: ସମୀର ମହାନ୍ତି

## ୫ ହଜାରରୁ ଉର୍ଦ୍ଧ୍ୱ ଶିଶୁଙ୍କ ନିଖୋଜ ସମ୍ପର୍କରେ ଶ୍ୱେତ ପତ୍ର ପ୍ରକାଶ କରନ୍ତୁ ରାଜ୍ୟ ସରକାର: ଭାଜପା




ରାଉରକେଲା,୧୭।୧୨ (ନି.ପ୍ର): ପରୀର ଆଜି ଜନ୍ମଦିନ । ପରୀ ଓ ତା'ର ବାପା-ମାଆଙ୍କୁ ନ୍ୟାୟ ଦେବାକୁ ବିଜେପି ପଦ୍ଧପରିକର ଏବଂ ଏଥିପାଇଁ ବିଜେପି ପକ୍ଷରୁ ରାଜ୍ୟର ସମସ୍ତ ବିଧାନସଭା କ୍ଷେତ୍ରରେ ଚଳିତ ମାସ ୧୫ରୁ ୨୦ ତାରିଖ ଭିତରେ ପଦଯାତ୍ରାମାନ କରାଯିବ ଏବଂ ଏହି ଘଟଣାରେ ଅଭିଯୁକ୍ତକୁ ତୁରନ୍ତ ଗିରଫ କରିବା ଓ ଏହାର ସିବିଆଇ ତଦନ୍ତ କରିବା ସହ ଅଭିଯୁକ୍ତକୁ ଘଣ୍ଟ ଘୋଡାଉଥିବା ମନ୍ତ୍ରୀ ଅରୁଣ ସାହୁ ଇସ୍ତଫା ଦିଅନ୍ତୁ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଦାବି କରିଛନ୍ତି । ଆଜି ପୂର୍ବାହ୍ନ ୧୦ଟା ବେଳେ ସ୍ଥାନୀୟ ହୋଟେଲ ରାଧିକା ରିଜେନ୍ସି ଠାରେ ରାଜ୍ୟ ମୁଖପାତ୍ର ଧିରେନ ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି ଏହା କହିଛନ୍ତି । ଏଥିସହ ରାଜ୍ୟରେ ଅନ୍ୟୂନ ୫ ହଜାରରୁ ଉର୍ଦ୍ଧ୍ୱ ଶିଶୁ ନିଖୋଜ ଘଟଣାର ଶିଥିଳତା ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ନୟାଗଡ ଜିଲ୍ଲା ଅନ୍ତର୍ଗତ ଯଦୁପୁର ଗ୍ରାମର ଜଣେ ସାଧାରଣ ଗରିବ ଅଟୋ ଚାଳକଙ୍କ ଝିଅ ପରୀ ହତ୍ୟାକାରୀକୁ ଏକ ଷଡଯନ୍ତ୍ରର ଅଙ୍ଗ ଭାବେ ରାଜ୍ୟ ସରକାର ସୁରକ୍ଷା ପ୍ରଦାନ କରୁଛନ୍ତି । ପରୀ ଅପହରଣ ଓ ହତ୍ୟା ମାମଲାକୁ ବିଜେପି ଭାତ ହାଣ୍ଡିରୁ ଗୋଟିଏ ଚିପିବା ଭଳି ପ୍ରତୀକାତ୍ମକ ଭାବେ ଗ୍ରହଣ କରିଛି। ନ୍ୟାସନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ତଥ୍ୟ ଅନୁଯାୟୀ ରାଜ୍ୟରେ ୫ ହଜାର ୫୦୩ ଜଣ ଶିଶୁ ନିଖୋଜ ଅଛନ୍ତି । ରାଜ୍ୟର ବିଭିନ୍ନ ଥାନାମାନଙ୍କରେ ଦାଖଲ ହୋଇଥିବା ତଥ୍ୟ ଅନୁସାରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି । ପରୀ ଘଟଣା ସହ ଆଜି ଆଶୁ, ପିହୁ, ସ୍ୱାତୀ ଓ ବାବୁଲା ଭଳି ଅପହରଣ ଅଥବା ଉଭୟ ଅପହରଣ ଓ ହତ୍ୟା ଭଳି ସଙ୍ଗୀନ ଘଟଣା ଗଣମାଧ୍ୟମରେ ବିତର୍କିତ ହେବାରେ ଲାଗିଛି । ତେବେ ବିତର୍କ ସାଜିଥିବା ଏହି ଘଟଣା ୪/୫ ଜଣ ମଧ୍ୟରେ ସୀମିତ ନାହିଁ ବରଂ ସମଗ୍ର ଓଡିଶାରେ ନିଖୋଜ ଥିବା ୫ ହଜାରରୁ ଉର୍ଦ୍ଧ୍ୱ ପିଲା ଓ ସେମାନଙ୍କ ବାପା-ମାଆ ଏବଂ ପରିବାରର ଭାବାବେଗ ସହ ସମ୍ପର୍କ ରହିଛି । ବିଜେଡି ନେତାମାନଙ୍କ ପାଇଁ ଏହା ଛୋଟ ଘଟଣା ହୋଇପାରେ କିନ୍ତୁ ଏତେ ସଂଖ୍ୟାରେ ଶିଶୁ ନିଖୋଜ ହେବା ରାଜ୍ୟବାସୀଙ୍କ ପାଇଁ ଏକ ସମ୍ବେଦନଶୀଳ ଘଟଣା । ପରୀ ନିଖୋଜ ଓ ଏହାର ତଦନ୍ତ ପ୍ରକ୍ରିୟା ରାଜ୍ୟ ସରକାରଙ୍କ ମୁଖା ଖୋଲିଦେଇଛି । ପରୀ ମାମଲାର ଉତ୍ତରରେ ବିଧାନସଭାରେ ମନ୍ତ୍ରୀମାନେ ଲିଖିତ ଭାବେ କହିଛନ୍ତି ଯେ, ପରୀର ମୃତଦେହ ଏତେମାତ୍ରାରେ ନଷ୍ଟ ହୋଇଥିଲା ଯେ, ଏଥିରୁ ମୃତ୍ୟୁର କାରଣ ତଥା ପରୀ ସହ ଦୁଷ୍କର୍ମ ହୋଇଛି କି ନାହିଁ ତାହା ଜଣାପଡିବା ସମ୍ଭବ ନୁହେଁ । ପରୀର ବାପା-ମାଆ ତାଙ୍କ ଝିଅର ଅପରହଣ ଓ ନୃଶଂସ ହତ୍ୟା ପଛରେ ସ୍ଥାନୀୟ ବିଜେଡି ନେତା ବାବୁଲି ନାୟକର ହାତଥିବା ଓ ବାବୁଲି ନାୟକକୁ କ୍ଷମତାଶାଳୀ ମନ୍ତ୍ରୀ ଅରୁଣ ସାହୁ ଘଣ୍ଟ ଘୋଡାଉଥିବା ଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି । ଇତିମଧ୍ୟରେ ମନ୍ତ୍ରୀ ଅରୁଣ ସାହୁଙ୍କ ସ୍ଥାନୀୟ ସରପଞ୍ଚଙ୍କୁ ଧମକ ଦେବା ଓ ବାବୁଲି ନାୟକ ସହ ତାଙ୍କର ସୁସମ୍ପର୍କ ପ୍ରସଙ୍ଗରେ ଏକ ଅଡିଓ ଭାଇରାଲ୍ ହୋଇଛି । ପରୀ ଆନ୍ଦୋଳନ ବନ୍ଦ କରିବାକୁ ମନ୍ତ୍ରୀ ଧମକ ଦେଇଛନ୍ତି । ପରୀ ଅପହରଣ ଓ ହତ୍ୟା ଘଟଣାର ଅଭିଯୁକ୍ତ ବାବୁଲି ନାୟକ ମନ୍ତ୍ରୀଙ୍କୁ ସାକ୍ଷାତ କରିଥିବାର ଭାଇରାଲ ଅଡିଓ ଏହାକୁ ସ୍ପଷ୍ଟ କରୁଥିବା ବେଳେ ମନ୍ତ୍ରୀ ଅରୁଣ ସାହୁଙ୍କୁ କାହିଁକି ତଦନ୍ତ ପରିସରଭୁକ୍ତ କରାଯାଉ ନାହିଁ । ପରୀ ଘଟଣା ସହ ୫ ହଜାରରୁ ଉର୍ଦ୍ଧ୍ୱ ନିଖୋଜ ଶିଶୁଙ୍କ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ଜରୁରୀ । ରାଜ୍ୟ ସରକାର ଏହି ନିଖୋଜ ଶିଶୁମାନଙ୍କ ଉପରେ ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ । ବିଜେପି ଜନଜାଗରଣ ମାଧ୍ୟମରେ ଏହି ପ୍ରସଙ୍ଗକୁ ବିତର୍କିତ କରି ପରୀ ସମେତ ୫ ହଜାରରୁ ଉର୍ଦ୍ଧ୍ୱ ନିଖୋଜ ଶିଶୁଙ୍କ ପରିବାରକୁ ନ୍ୟାୟ ଦେବାକୁ ବଦ୍ଧପରିକର ବୋଲି ଦଳ ପକ୍ଷରୁ କୁହାଯାଇଛି । ବିଧାନସଭାରେ ପରୀ ହତ୍ୟାକାରୀକୁ ଧରିବା ପାଇଁ ଆଲୋଚନା ଓ ବିଜେପିର ଦାବିକୁ ଗ୍ରହଣ ନକରି ବିଧାନସଭାକୁ ବନ୍ଦ କରିଦେବା କେତେଦୂର ନ୍ୟାୟସଙ୍ଗତ ବୋଲି ରାଜ୍ୟ ସଭାପତି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । ଗଣତନ୍ତ୍ରକୁ ସୁରକ୍ଷା ଦେବା ପାଇଁ ବିଜେପିର ୨୨ ଜଣ ବିଧାୟକ ବିଧାନସଭା ପରିସରରେ ଥିବା ଗାନ୍ଧୀ ମୂର୍ତ୍ତିଙ୍କ ତଳେ ଧାରଣା ଦେଇଥିଲେ । ଏଥିସହ ପରୀ ଗ୍ରାମକୁ ସମସ୍ତ ବିଧାୟକ ଯାଇ ପରୀର ବାପା-ମାଆଙ୍କୁ ନ୍ୟାୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ଶ୍ରୀ ମହାନ୍ତିଙ୍କ ସମେତ ରାଜ୍ୟ ସାଧାରଣ ସମ୍ପାଦକ ରବି ନାୟକ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ବେହେରା, ନିହାର ରାୟ, ଭଗବାନ ରାଉତ, ଗଙ୍ଗାଧର ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ଲ୍ୟାପଟପ୍ ଚୋରି ଅଭିଯୋଗରେ ୩ ଗିରଫ

ପୁରୀ,୧୭।୧୨ (ନି.ପ୍ର): ଲ୍ୟାପଟପ୍ ଚୋରି ଅଭିଯୋଗରେ ସମୁଦ୍ରକୂଳ ଥାନା ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ସମୁଦ୍ରକୂଳ ଥାନା ଅନ୍ତର୍ଗତ ଧୋବାଖାଲ ତାରେଣୀବସ୍ତିର ଯୁଧିଷ୍ଠିର ସାହୁ ଓରଫ ନବୀନା (୨୨), ଜିତୁ ମଣ୍ଡଳ (୨୬) ଓ ଲକ୍ଷ୍ମୀଧର ବେହେରା (୩୬) । ପୁଲିସ ଅଭିଯୁକ୍ତମାନଙ୍କ ନିକଟରୁ ଚୋରି ହୋଇଥିବା ଏକ ଡେଲ କମ୍ପାନୀର ଲ୍ୟାପଟପ୍ ଓ ଏକ ଜିଓ ମୋବାଇଲ ଫୋନ୍ ଜବତ କରିଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ଶ୍ରୀକ୍ଷେତ୍ର କଲୋନୀ ଓ୍ୱାର୍ଟର ଓ୍ୱାର୍କସ ରୋଡର ପ୍ରତୀକ ପଟ୍ଟନାୟକ ଗତ ସେପ୍ଟମ୍ବର ୧୮ ତାରିଖରେ ଥାନାରେ ଅଭିଯୋଗ କରିଥିଲେ ଯେ କେହି ଦୁର୍ବୃତ୍ତ ତାଙ୍କର ଲ୍ୟାପଟପ୍ ଓ ଜିଓ ମୋବାଇଲ ଫୋନ୍ ଚୋରି କରି ନେଇଯାଇଛି । ଅଭିଯୋଗ କ୍ରମେ ପୁଲିସ କେସନମ୍ବର ୧୫୧/୨୦୨୦ କ୍ରମେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ମାମଲାରେ ପୁଲିସ ଆଜି ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ନାରଣପୁର ଗାଁ ପୋଖରୀ ପୋତିବାକୁ ଗ୍ରାମବାସୀଙ୍କ ଦାବି

କେନ୍ଦ୍ରାପଡା,୧୬ ଡିସେମ୍ବର (ହି.ସ.) କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଅଧିନ କରିଲୋପାଟଣା ଗ୍ରାମ ପଂଚାୟତର ନାରଣପୁର ଗ୍ରାମରେ ଥିବା ଗାଁ ପୋଖରୀଟି ମଶାମାଛିଙ୍କ ଏନ୍ତୁଡିଶାଳ ପାଲଟିବା ସହ ଗ୍ରାମବାସୀଙ୍କ ପାଇଁ ମଶା ସମସ୍ୟା ଉକ୍ଟରୂପ ଧାରଣ କରିଛି । ଗାଁ ମଝିରେ ଏହି ପୋଖରୀ ଥିବାରୁ ପ୍ରାୟ ୧୦୦ ବର୍ଗ ମିଟର ଅଂଚଳ ଅଳିଆ ଆବର୍ଜନା, ପଚାପାଣି, ଦଳ ଭର୍ତିହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି । ଏହି ପୋଖରୀକୁ ପୋତିବା ପାଇଁ ଗ୍ରାମବାସୀ ମାନେ ସ୍ଥାନୀୟ ବିଧାୟକ/ବିଧାୟିକା ଓ ପ୍ରଶାସନିକ ଅଧିକାରୀ ମାନଙ୍କୁ ବାରମ୍ବର ଜଣାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ ।

## ବିଜେପି ମହାକାଳପଡା ସଦର ମଣ୍ଡଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

କେନ୍ଦ୍ରାପଡା, ୧୬ ଡିସେମ୍ବର (ହି.ସ.) ମହାକାଳପଡା ବିଧାନସଭା ଅଧିନ ୨୦ନଂ ଜୋନ୍ ମହାକାଳପଡ଼ା ସଦର ମଣ୍ଡଳ ବିଜେପିର ପ୍ରଶିକ୍ଷଣ ଶିବିର ବକୁଳ ପଂଚାୟତ ଅଧିନ ଦହିମାଛ ଗ୍ରାମ ଧଡିବାବା ମଠ ପ୍ରାଙ୍ଗଣରେ ଆୟୋଜିତ ହୋଇଯାଇଛି ।ମଣ୍ଡଳ ସଭାପତି ପ୍ରକାଶ ପ୍ରଧାନଙ୍କ ସଭାପତିତ୍ୱରେ ବିଧାନସଭା ନେତା ତଥା ରାଜ୍ୟ ସ୍ଥାୟୀ ନିମନ୍ତ୍ରୀତ ସଦସ୍ୟ ବିଜୟ ପ୍ରଧାନ ଦୀପ ପ୍ରଜ୍ୱଳନ କରି ଶିବିର ଉଦଘାଟନ କରିବା ସହ ରାଜ୍ୟରେ ଓ ମହାକାଳପଡାରେ ଜନବିରୋଧି ତଥା ଅପାରଗ ବିଜେଡି ସରକାର ଦୁର୍ନୀତିର ଚରମ ସୀମାରେ ପହଂଚିଛି । ଯେଉଁଠି ସରକାରୀ ଅଫିସରମାନେ ଦଲାଲ୍ ସାଜି ଦଳୀୟ କର୍ମୀଙ୍କ ଭଳି ସମସ୍ତ ଆଇନକାନୁନକୁ ଜଳାଞ୍ଜଳୀ ଦେଇ ସରକାର ଚଳାଉଛନ୍ତି ଓ ଦଳୀୟ କର୍ମୀଙ୍କୁ ଉପକୃତ କରିବାପାଇଁ ଚେଷ୍ଟିତ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ଜିଲ୍ଲା ଆଇଟି ସଂଯୋଜକ ତଥା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଅଭିମନ୍ୟୁ ଗୋଛାୟତ,ପାଟକୁରା ପ୍ରଭାରୀ ରଞ୍ଜିତ ଆଚାର୍ଯ୍ୟ ,ବିକ୍ରମ ରାଉତରାୟ ପ୍ରମୁଖ ଭାଜପା ସଂଗଠନର ଇତିହାସ,ଲକ୍ଷ୍ୟ,ଉଦ୍ଦେଶ୍ୟ , ବିକାଶ , ମୋଦି ସରକାରଙ୍କ ଛ'ବର୍ଷର ଉପଲବ୍ଧି ଓ ନିର୍ବାଚନ ପରିଚାଳନା ଆଦିବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ, ଅନ୍ୟମାନଙ୍କ ମଧ୍ୟରେ ବଡକୁଳ ସମିତି ସଭ୍ୟ ବିପିନ ବିହାରୀ ସ୍ୱାଇଁ,ଯୁବନେତା ବିକ୍ରମାଦିତ୍ୟ ସାହୁ,ଜୀବନାନନ୍ଦ ସାହୁ,ମିହିର କୁମାର ସାମଲ ,ମଣ୍ଡଳ ସଭାପତି ପ୍ରଶାନ୍ତ ସେଠୀ,କଳ୍ପତରୁ ବେହେରା,ପ୍ରକାଶ ଦାସ,ଉଦୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଶିବିରକୁ ସତ୍ୟରଞ୍ଜନ ଜେନା,ବୈଭବ ମହାପାତ୍ର, ସୁବାଷ ସ୍ୱାଇଁ, ବିପ୍ରଚରଣ ସାମନ୍ତରାୟ, ମାର୍କଣ୍ଡ ବେହେରା ପ୍ରମୁଖ ପରିଚାଳନା କରିଥିଲେ । ଶତାଧିକ କାର୍ଯ୍ୟକର୍ତା ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ ।

## ଦିଆସିଲି କାଠିରେ ଗାଭାସ୍କର ଟ୍ରଫି ନିର୍ମାଣ

ପୁରୀ,୧୭।୧୨ (ନି.ପ୍ର): ପୁରୀ ସହରର କୁମ୍ଭାରପଡ଼ାର +୩ ପ୍ରଥମ ବର୍ଷର ଛାତ୍ର ଶାଶ୍ୱତ ରଞ୍ଜନ ସାହୁ ୧୦୦ଟି ଦିଆସିଲି ପ୍ୟାକେଟରେ ଥିବା କାଠି ଦ୍ୱାରା ଗାଭାସ୍କର ଟ୍ରଫି ନିର୍ମାଣ କରି ଚର୍ଚ୍ଚାକୁ ଆସିଛନ୍ତି । ଭାରତୀୟ ଦଳର ପୂର୍ବତନ ଅଧିନାୟକ ସୁନୀଲ ଗାଭାସ୍କର ଓ ଅଷ୍ଟ୍ରେଲିଆର ଅଧିନାୟକ ଆଲାନ ବର୍ଡ଼ରଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ସ୍ମୃତିକୁ ନେଇ ଏହି ଟ୍ରଫି ନିର୍ମାଣ କରାଯାଇଛି ।

## ୫ବର୍ଷିଆ ବାଲି ଖାଦାନ ଲିଜ୍‌ର ଭାଗ୍ୟଫଳ ଖୋଲିଲା

### ବର୍ଷକୁ ରାଜସ୍ୱ ମିଳିବ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କା

ନୀଳଗିରି ,୧୭।୧୨ (ନି.ପ୍ର): ନୀଳଗିରି ତହସିଲ ର ବହୁଦିନ ଧରି ବାଲି ଖାଦାନ ନିଲାମ ବନ୍ଦ ରହିଥିବା ବେଳେ ରାଜ୍ୟ ସରକାର ପକ୍ଷରୁ ନୀଳଗିରି ତହସିଲ ଅଧିନରେ ଥିବା ୩ଟି ବାଲିଖାଦାନ ୫ବର୍ଷିଆ ଦୀର୍ଘ ମିଆଦି ଲିଜ୍ ସୂତ୍ରରେ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶିତ ହୋଇଥିଲ । ମଙ୍ଗଳବାର ଦିନ ଦରଖାସ୍ତ ଗ୍ରହଣ ର ଶେଷ ତାରିଖ ଥିବା ବେଳେ ମୋଟ ୨୫ଜଣ ଦରଖାସ୍ତ ଧାରୀ ନିଜ ନିଜର କାଗଜପତ୍ର ପକାଇଥିଲେ । ବୁଧବାର ଦିନ ଦରଖାସ୍ତ ପେପର ଖୋଲା ଯାଇଥିବା ବେଳେ ବାଲିପାଳ ବାଲି ଖାଦାନକୁ ସର୍ବୋଚ୍ଚ ମୂଲ୍ୟ ବର୍ଷକୁ ୩୨ ଲକ୍ଷ ୭୬ହଜାର ଟଙ୍କାରେ ପ୍ରଶାନ୍ତ ମହାନ୍ତି ପାଇଥିବା ବେଳେ, ପ୍ରତାପପୁର ବାଲିଖାଦାନକୁ ବର୍ଷକୁ ୭୬ଲକ୍ଷ ୭୫ହଜାର ଟଙ୍କା ରେ ଜିତେନ୍ଦ୍ର ରାଉତ ପାଇଛନ୍ତି । ସେହିପରି ବଇଁଗ୍ନନରଣପୁର-୧ ବାଲିଖାଦାନକୁ ବାର୍ଷିକ ସର୍ବୋଚ୍ଚ ୯୮ ଲକ୍ଷ ୬୪ ହଜାର ଟଙ୍କାରେ ପ୍ରବୀଣ ନାୟକ ପାଇଥିବା ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ମୋଟ ୩ଟି ବାଲି ଖାଦାନରୁ ୨କୋଟି ୮ ଲକ୍ଷ ୧୫ହଜାର ଟଙ୍କା ରାଜସ୍ୱ ମିଳିବ ବୋଲି ଜଣାପଡ଼ିଛି । ଆଜିର ଦରଖାସ୍ତ ବାକ୍ସ ଖୋଲିବା ସମୟରେ ନୀଳଗିରି ଉପଜିଲ୍ଲାପାଳ ହରିଶ୍ଚନ୍ଦ୍ର ଜେନା, ଏସ.ଡି.ପି.ଓ. ରୀତେଶ ମହାପାତ୍ର, ତହସିଲଦାର ଅଶେଷ କୁମାର ନାୟକ ଉପସ୍ଥିତ ଥିଲେ । ଆଇନଶୃଙ୍ଖଳା କୁ ଆଖି ଆଗରେ ରଖି ତହସିଲ କାର୍ଯ୍ୟାଳୟ ପରିସରରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । କୌଣସି ଅପ୍ରିତିକର ପରିସ୍ଥିତି ଉପୁଜି ନ ଥିବା ବେଳେ ତହସିଲ ଅଞ୍ଚଳରୁ ୧୪୪ ଧାରାକୁ ପ୍ରତ୍ୟାହାର କରାଯାଇଅଛି ।

## କୁପୋଷଣ ରୋକିବା ନେଇ ସଚେତନତା ରଥ ଶୁଭାରମ୍ଭ



ଗୁଣୁପୁର ,୧୭।୧୨ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ରାମନାଗୁଡା ବ୍ଲକ ପରିସରରେ ଅଲିଭା ମହାସଂଘ ପକ୍ଷରୁ କୁପୋଷଣ ରୋକିବା ନେଇ ଖାଦ୍ୟ ସୁରକ୍ଷା ଅଭିଯାନ-୨୦୨୦ ରଥ ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଜନୀ ମାଣ୍ଡଙ୍ଗି, ରାମନାଗୁଡା ବିଡ଼ିଓ ବେଣୁଧର ଶବର, ସିଡିପିଓ ଶାନ୍ତିଲତା ରଥ, ସୁପରଭାଇଜର ସୁବୁଦ୍ଧି ଶବର, ପଦ୍ମିନି କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ । ଏହି ସଚେତନତା ରଥ ୭ଦିନ ଧରି ୧୨ଗୋଟି ପଞ୍ଚାୟତର ଗାଁ ଗାଁ ବୁଲି କୁପୋଷଣ ରୋକିବା ନେଇ ସଚେତନତା ସୃଷ୍ଟି କରିବ । ରାମନାଗୁଡା ବ୍ଲକ ଅଧ୍ୟକ୍ଷା ରଜନୀ ମାଣ୍ଡଙ୍ଗି, ବିଡ଼ିଓ ବେଣୁଧର ଶବର ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମିଶନଶକ୍ତିର ମନୋଜ ଷଡ଼ଙ୍ଗୀ ପରିଚାଳନା କରିଥିଲେ ।

## ୮ ଜୁଆଡି ଗିରିଫ: କାର୍ ସହ ୬୨ ହଜାର ଟଙ୍କା ଜବତ

ପୁରୀ,୧୭।୧୨ (ନି.ପ୍ର): ଏକ ଜୁଆ ଆଡ୍ଡା ଉପରେ ଚଢ଼ଉ କରି ସଦରଥାନା ପୁଲିସ ୮ଜୁଆଡିଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ପୁଲିସ ଏକ ହୋଣ୍ଡା ଆମେଜ କାର, ନଗଦ ୬୨ ହଜାର ଟଙ୍କା, ଖେଳରେ ବ୍ୟବହୃତ ଏକ ତାସ୍ ମୁଠା ଓ ୧୦ଟି ମୋବାଇଲ ଜବତ କରିଛି । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ କଟକ ଜିଲ୍ଲା ମାଲଗୋଦାମ ଥାନା ଅନ୍ତର୍ଗତ ଜୋବ୍ରା ଗ୍ରାମର ଅଭୟ କୁମାର ବେହେରା (୩୬), କଟକ ବାଦାମବାଡି ଅଂଚଳର ଛବିନ୍ଦ୍ର ରାଉତ (୩୮), ମାଲଗୋଦାମ ଥାନା ଅନ୍ତର୍ଗତ ମାଝିସାହି ଜୋବ୍ରା ଅଂଚଳର ବିନାୟକ ଚନ୍ଦ୍ର ପତି (୩୮), ଭୁବନେଶ୍ୱର କଳ୍ପନା ଛକ ଅଂଚଳର ରମାନାଥ ପାତ୍ର (୪୬), ଖଣ୍ଡଗିରି ଥାନା ଅନ୍ତର୍ଗତ ଆଇଗିଣିଆ ଅଂଚଳର ମହମ୍ମଦ ରିଆଜ ଅହମ୍ମଦ(୩୫), ଗୁଜୁରାଟ ରାଜ୍ୟର ରାଜକୋଟ ଥାନା ଅନ୍ତର୍ଗତ ଜାମନଗରର ସନ୍ଦିପ କିଶୋର ମେହେଟା (୪୫), ବାସେଲୀ ସାହି ଥାନା ଅନ୍ତର୍ଗତ ଲୋକନାଥ ରୋଡର ଲକ୍ଷ୍ମୀଧର ବାରିକ (୩୯), କଟକ ଜିଲ୍ଲା ପୁରଘାଟ ଥାନା ଅନ୍ତର୍ଗତ ହରିପୁର ଗ୍ରାମର ଆକାଶ ବେହେରା (୩୮) । ଏ ସମ୍ପର୍କରେ ଜିଲ୍ଲା ଏସପି କେ. ଭିଶାଲ ସିଂ ସୂଚନା ଦେଇ କହିଛନ୍ତି ଯେ, ଗତକାଲି ସନ୍ଧ୍ୟା ୬ଟା ସମୟରେ ସଦରଥାନା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା ଶାସନଦାମୋଦରପୁର ଗ୍ରାମ ନିକଟରେ ଥିବା କୈବଲ୍ୟ ବାଟିକାରେ କେତେକ ଅସାମାଜିକ ବ୍ୟକ୍ତି ଏକତ୍ରିତ ହୋଇ ଜୁଆ ଖେଳୁଛନ୍ତି । ଉକ୍ତ ତଥ୍ୟ ଆଧାରରେ ସଦର ଥାନା ଏସଆଇ ଏସ.ଆର. ବିଶ୍ୱାଳଙ୍କ ସମେତ ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଅତିର୍କିତ ଭାବେ ଚଢ଼ଉ କରିଥିଲେ । ଚଢ଼ଉ ସମୟରେ ଜୁଆଡିମାନେ ପୁଲିସ ହାତରେ ଧରାପଡିଥିଲେ । ସଦର ଥାନା ପୁଲିସ ଏ ସଂକ୍ରାନ୍ତରେ କେସ୍ ନମ୍ବର ୩୮୧/୨୦୨୦ କ୍ରମେ ଓପିଜି ଆକ୍ଟର ଧାରା ୩ ଅନୁଯାୟୀ ଏକ ମାମଲା ରୁଜୁ କରିଛି । ପୁଲିସ ଆଜି ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । କୋର୍ଟ ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର କରିବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

## ବାଂଶଡା ଥାନା ଏସଆଇଙ୍କ ମାଡରେ ପ୍ରୌଢ଼ ଗୁରୁତର

ଭଦ୍ରକ,୧୭ ଡିସେମ୍ବର (ହି.ସ.) ବାଂଶଡା ଥାନା ଏସଆଇଙ୍କ ମାଡରେ ଜଣେ ପୌଢ଼ ଗୁରୁତର ହେବା ସହ ଆଜି ସେହି ବ୍ୟକ୍ତି ଜଣକ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଛନ୍ତି । ଖବରରୁ ପ୍ରକାଶ ଗତକାଲି ବିଳମ୍ବିତ ରାତିରେ ବାଂଶଡା ଥାନା ଅର୍ନ୍ତଗତ ତୋଟାପଡା ଗ୍ରାମତ ରାମଚନ୍ଦ୍ର ଦାସ ନିଜ ବିଲରୁ ଧାନ କାଟି ଫେରୁଥିବା ସମୟରେ ବାଂଶଡା ପୁଲିସ ତାର ଚିରାଚଳିତ ପ୍ରଥାରେ ରାତ୍ର କାଳୀନ ପେଟ୍ରୋଲିଂ କରୁଥିଲା । ଏହି ସମୟରେ ବାଂଶଡା ଥାନାରେ ଯୁବ ଏସ ଆଇ ବରଦା ସାହୁ ସଂପୃକ୍ତ ବ୍ୟକ୍ତିଙ୍କୁ ଏତେ ରାତିରେ କାହିଁକି ଫେରୁଛ ବୋଲି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ।ରାମଚନ୍ଦ୍ର କିଛି ଉ ର ରଖିବା ପୂର୍ବରୁ ସଂପୃକ୍ତ ଏଏସଆଇ ବରଦା ସାହୁ ରାମଚନ୍ଦ୍ରଙ୍କୁ ବେତରେ ମାଡ ମାରି ଥିଲେ । ମାଡ ଖାଇ ରାମଚନ୍ଦ୍ର ତଳେ ପଡିବା ପରେ ମଧ୍ୟ ସଂପୃକ୍ତ ଏଏସଆଇ ନିଜର ରାଗ କୁ ସୁଝାଇବା ପାଇଁ ପୁନଶ୍ଚ ପିଟିବା ପରେ ରାସ୍ତା ଉପରେ ସଂପୃକ୍ତ ରାମଚନ୍ଦ୍ରକୁ ଛାଡି ଚାଲି ଯାଇଥିଲେ । ପରେ ଏହି ଖବର ରାମଚନ୍ଦ୍ରଙ୍କ ପରିବାର ପାଇବା ପରେ ଆସି ରାମଚନ୍ଦ୍ରଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଘଂଟେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ର ପରେ ଅବସ୍ଥା ଗୁରୁତ୍ୱର ହେବାରୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଅବସ୍ଥା ସଂଗୀନ ହେବାରୁ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି ବୋଲି ରାମଚନ୍ଦ୍ରଙ୍କ ପରିବାର ପକ୍ଷରୁ ସୂଚନା ମିଳିଛି । ଏହି ଅଭିଯୋଗ ବିଷୟରେ ବାଂଶଡା ଥାନାଧିକାରୀଙ୍କୁ ପଚାରିବାରୁ ସେ ଫୋନ ଗ୍ରହଣ କରି ନଥିଲେ । ଆସନ୍ତାକାଲି ରାମଚନ୍ଦ୍ରଙ୍କ ପରିବାର ଭଦ୍ରକ ଏସପିଙ୍କ ପାଖରେ ସଂପୃକ୍ତ ଏସଆଇଙ୍କ ବିରୁଦ୍ଧରେ ଅଭିଯୋଗ ଆଣିବେ ବୋଲି ଆଜି ପରିବାର ପକ୍ଷରୁ ସୂଚନା ଦିଆଯାଇଛି ।

## ବ୍ରାହ୍ମଣୀ ନଦୀ ନୀଳକଣ୍ଠପୁର ଘାଟରୁ ଯୁବକର ଶବ ଉଦ୍ଧାର

ଭୁବନ ,୧୭।୧୨ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ନୀଳକଣ୍ଠପୁର ନଦୀଘାଟରୁ ଆଜି ଅପରାହ୍ନ ସାଢେ ୪ ଘଟିକା ସମୟରେ ଜଣେ ଯୁବକର ମୃତଦେହ ଉଦ୍ଧାର କରାଯାଇଛି । ପ୍ରାପ୍ତ ଖବରରୁ ପ୍ରକାଶ ଯେ,ଗଁନ୍ଦିଆ ଥାନା ଅନ୍ତର୍ଗତ ଦଲାର ଗ୍ରାମର ମେଘ ମଲ୍ଲିକ ଙ୍କ ପୁଅ ଅମ୍ବୁଜ ମଲ୍ଲିକ(୨୫) ଗତ ୧୪ ତାରିଖ ଅପରାହ୍ନରେ ମୁଲମଜୁରୀ କାମ ସାରି ବ୍ରାହ୍ମଣୀ ନଦୀରେ ଗାଧୋଉଥିବା ବେଳେ ଭାସିଯାଇଥିଲେ । ପରିବାରବର୍ଗ ବହୁ ଖୋଜାଖୋଜି କରିବା ସତ୍ୱେ କୌଣସି ସନ୍ଧାନ ନପାଇବାରୁ ଥାନାରେ ଅଭିଯୋଗ କରିଥିଲେ । ଆଜି ସକାଳ ୯ ଘଟିକା ସମୟରୁ ଓଡ୍ରାଫ ଟିମ୍ ଦଲାର ଘାଟରୁ ଖୋଜାଖୋଜି ଆରମ୍ଭ କରି ଶେଷରେ ନୀଳକଣ୍ଠପୁର ନଦୀଘାଟରୁ ଅମ୍ବୁଜ ଙ୍କ ମୃତଦେହ ଉଦ୍ଧାର କରିଥିଲେ । ଭୁବନ ଥାନା ତରଫରୁ ଏଏସଆଇ ରମେଶ ଚନ୍ଦ୍ର ସ୍ୱାଇଁ ଓ ନୀଳକଣ୍ଠ ପାତ୍ର ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଁଚାଇଥିଲେ । ଏ ସଂପର୍କରେ ଭୁବନ ଥାନାରେ କେଶ ନମ୍ବର ୨୬/୨୦୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

## ସାନ୍ସ ଯୋଜନାରେ ଘର ଘର ବୁଲି କରାଯିବ ସର୍ଭେ

କେନ୍ଦ୍ରାପଡା,୧୭।୧୨ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସାନ୍ସ ଯୋଜନା କାର୍ଯ୍ୟକ୍ରମ ହାତକୁ ନିଆ ଯାଇଛି । ଜନ୍ମରୁ ୫ବର୍ଷ ପର୍ଯ୍ୟନ୍ତ ଶିଶୁ ମାନଙ୍କ ଠାରେ ଦେଖାଯାଉ ଥିବା ନିମୋନିଆ, ନିଶ୍ୱାସ ରୋଗର ଚିକିତ୍ସା ପାଇଁ ଗର ଘର ବୁଲି ସର୍ଭେ କରାଯିବ । ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ଏ ଏନ ଏମ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ଘର ଘର ବୁଲି ସର୍ଭେ କରାଯାଇ ପ୍ରାରମ୍ଭିକ ଅବସ୍ଥାରୁ ଏହି ରୋଗ ଭୋଗୁଥିବା ଶିଶୁ ମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ । ନିରୋଗ ଶିଶୁ ଓ ସୁସ୍ଥ ଭାରତ କାର୍ଯ୍ୟକ୍ରମ କୁ ଆଗେଇ ନେବାପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଯୋଜନା ହାତକୁ ନିଆଯାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପରିସର ରେ ଏହାର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟାନାୟକ ଏହାକୁ ଉଦ୍‌ଘାଟନ କରିଥିଲେ । ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ସଚିଦାନନ୍ଦ ମିଶ୍ର, ଡାକ୍ତର ମିର୍ଜା ବାବର ବେଗ, ଡାକ୍ତର ନୃପେନ୍ଦ୍ର ଶତପଥୀ, ଡାକ୍ତର ରାମକୃଷ୍ଣ ଶତପଥୀଙ୍କ ସମେତ ମିନତୀ ମହାପାତ୍ର, କୃଷ୍ଣଚନ୍ଦ୍ର ଲୋହା ପ୍ରମୁଖ ଉପସ୍ଥିତ ଥିଲେ ।

## କନ୍ଧମାଳ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟର ଦ୍ୱିବାର୍ଷିକ ବୈଠକ

କନ୍ଧମାଳ,୧୭।୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ସାମ୍ବାଦିକ ୟୁନିୟନ(ଓୟୁଜେ ଅନୁବନ୍ଧିତ)ର ଏକ ସାଧାରଣ ପରିଷଦ ବୈଠକ ଜିଲ୍ଲାର ଫିରିଙ୍ଗିଆଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକର ୫୦ ଜଣରୁ ଅଧିକ ସମ୍ବାଦିକ ଯୋଗ ଦେଇଥିଲେ । ଓଡିଶା ସାମ୍ବାଦିକ ୟୁନିୟନର ନିୟମ ଅନୁସାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଫୁଲବାଣୀ ବିଧାୟକ ଦୁଗୁନୀ କହଁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ । ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ମହାନ୍ତି ପରିଚାଳନା କରିଥିଲେ । କୋଭିଡରେ ସଂକ୍ରମିତ ହୋଇ କନ୍ଧମାଳ ଜିଲ୍ଲାର ଜଣେ କାର୍ଯ୍ୟରତ ସାମ୍ବାଦିକ ସ୍ୱର୍ଗତ ତାରୀଣି ଚରଣ ପାଢୀଙ୍କ ଆତ୍ମାର ସଦଗତି ପାଇଁ ପ୍ରଥମେ ଦୁଇ ମିନିଟ ନିରବ ପ୍ରର୍ଥନା କରାଯାଇଥିଲା । କୋଭିଡ ସମୟରେ ଜିଲ୍ଲାରେ ସାମ୍ବାଦିକ ମାନଙ୍କର ଦାୟୀତ୍ୱ ଏବଂ କାର୍ଯ୍ୟଶୈଳୀ ବାବଦରେ ଏକ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି କରି ଜିଲ୍ଲାର ଗ୍ରାମାଂଚଳଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସମସ୍ତ ଅଂଚଳରେ ଥିବା ଗଣମାଧ୍ୟମ ପ୍ରତିନିଧି ମାନେ ନିଜର ଜୀବନକୁ ବାଜି ଲଗାଇ ସମାଜ କଲ୍ୟାଣ ପାଇଁ ନିଜକୁ ନିୟୋଜିତ କରିଥିଲେ । ଏହି ସମୟରେ କାର୍ଯ୍ୟରତ ଅବସ୍ଥାରେ ସେମାନଙ୍କ ମଧ୍ୟରୁ ଜଣଙ୍କର ଦେହାନ୍ତ ହେବା ସହିତ କିଛି ସାମ୍ବାଦିକ ମାନେ ଏଥିରେ ଆକ୍ରାନ୍ତ ହୋଇଥିଲେ । ଏହାକୁ ଖାତିର ନ କରି ସେମାନେ ସମାଜର କଲ୍ୟାଣ ଦିଗରେ ପ୍ରଶାସନ ଏବଂ ପୋଲିସ ତଥା କୋଭିଡ ସଂକ୍ରମଣକୁ ଭୟ ନକରି କାର୍ଯ୍ୟ କରିଆସିଛନ୍ତି ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବରେ ଫିରିଙ୍ଗିଆ ପଂଚୟାତ ମହାବିଦ୍ୟାଳୟର ଯୁକ୍ତ ୩ର ଅଧ୍ୟକ୍ଷ ନବଘନ ସାହୁ ସାମ୍ବାଦିକ ମାନଙ୍କୁ ନାରଦଙ୍କ ସହ ତୁଳନା କରିବା ସହିତ ସେମାନେ ନିଜର ମଙ୍ଗଳକୁ ପଛରେ ପକାଇ ସମାଜ ମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଚାଲିଛନ୍ତି । ସେଥିପାଇଁ ସେମାନଙ୍କୁ ଜଣେ ଜଣେ ଉଚ୍ଚକୋଟିର ସମାଜସେବୀ ବୋଲି କହିଥିଲେ । ପରେ ଜିଲ୍ଲା ସଂଘର ନୂତନ କର୍ମକର୍ତା ଚୟନ ହୋଇଥିଲା । ଏଥିରେ ନିର୍ବାଚନ ଅଧିକାରୀ ଭାବରେ ଅଶୋକ କୁମାର ମହାନ୍ତି ଦାୟୀତ୍ୱ ସମ୍ପାଦନ କରିଥିଲେ । କର୍ମକର୍ତା ମାନଙ୍କ ମଧ୍ୟରେ ନୂତନ ସଭାପତି ଭାବରେ ପୁନର୍ବାର ପ୍ରଶାନ୍ତ କୁମାର ବେହେରାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି । ସେହିପରି କାର୍ଯ୍ୟକାରୀ ସଭାପତି ଭାବରେ ବାଲିଗୁଡାର ଅସିତ କୁମାର ବେହେରା,ଉପସଭାପତି ଭାବରେ ଭଗବତୀ ପ୍ରସାଦ ସାବତ,ଦାରିଙ୍ଗବାଡିର ଅରୁଣ କୁମାର ସାହୁ ଏବଂ ଫୁଲବାଣୀର ବଳଦେବ ବେହେରାଙ୍କୁ ଚୟନ କରାଯାଇଛି । ଜିଲ୍ଲା ସାଧାରଣ ସମ୍ପାଦକ ଭାବରେ ଫୁଲବାଣୀର ବ୍ରଜମୋହନ ନାୟକ,ସମ୍ପାଦକ ଭାବରେ ଫିରିଙ୍ଗିଆର ସୁବ୍ରତ କୁମାର ମହାନ୍ତି,ଚକାପାଦର ପ୍ରତାପ କୁମାର ବେହେରା ଏବଂ ପ୍ରବୀଣ କୁମାର ପଟ୍ଟନାୟକ କୋଷାଧ୍ୟକ୍ଷ ଭାବରେ ମନୋଜ କୁମାର ଗୌଡ,ସଂଘର କଲ୍ୟାଣ ପଣ୍ଠି ସଂଯୋଜକ ଭାବେ ଅଶୋକ କୁମାର ମହାନ୍ତିଙ୍କୁ ଚୟନ କରାଯାଇଥିବାବେଳେ ମିଡିଆ କୋଡିନେଟର ଭାବେ ସନ୍ତୋଷ କୁମାର ମିଶ୍ର,ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ଭାବରେ ପ୍ରତାପ କୁମାର ବେହେରା, ରାଷ୍ଟ୍ରୀୟ କାର୍ଯ୍ୟକାରୀଣି ସଦସ୍ୟ ଭାବରେ ବିପ୍ରଚରଣ ସାହୁ ଏବଂ ଆଇନ ଉପଦେଷ୍ଟା ଭାବରେ ଆଦିତ୍ୟ କୁମାର ତ୍ରିପାଠୀ ଏବଂ ବିରେନ୍ଦ୍ର କୁମାର ସୁବୁଦ୍ଧିଙ୍କୁ ଚୟନ କରାଯାଇଛି ।

## କଳାକାର ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡା,୧୭।୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କଳା ସଂସ୍କୃତି ସଂଘ ପକ୍ଷରୁ କଳାକାର ମାନଙ୍କ ସାମୁହିକ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବ୍ଲକ କଳା ସଂସ୍କୃତି ସଂଘ, ନଗର କଳା ସଂସ୍କୃତି ସଂଘ, ଓ ଜିଲ୍ଲାର କଳା ସଂସ୍କୃତି ସଂଘର କର୍ମକର୍ତା ମାନେ ୧୦ଦଫା ସମ୍ବଳିତ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ନରହରି ସେଠୀଙ୍କୁ ପ୍ରଦାନ କରିଛନ୍ତି । ବୀଶ୍ୱ ମହାମାରୀ କରୋନା ସଂକ୍ରମଣ ପରିପ୍ରେକ୍ଷୀରେ ଏହି କଳାକାର ମାନଙ୍କର ଆର୍ଥିକ ଅବସ୍ଥା ଅତି ଦୁର୍ବଳ ହୋଇ ପଡିଛି ।।

# ସମୟ ପାଇଲେ ନିଜର ଯତ୍ନ ନିଅନ୍ତୁ







✷ ଏଲୋଭେରା ଜେଲ ଦ୍ୱାରା ଦାଗ ଦୂର କରିହେବ । ଏଥିରେ ଥିବା ଆଣ୍ଟିଅକ୍ସିଡେଣ୍ଟ ତତ୍ତ୍ୱ ସ୍କିନର ଫାଇଦା କରିଥାଏ । ଏହି ଜେଲରେ ଲେମ୍ବୁ ମିଶାଇ ଲଗାନ୍ତୁ । ଲେମ୍ବରେ ଥିବା ଭିଟାମିନ-ସି ବ୍ରଣକୁ ଠିକ କରିଥାଏ । ୧୦ ମିନିଟ୍ ପର୍ଯ୍ୟନ୍ତ ଏହି ମିଶ୍ରଣକୁ ମୁହଁରେ ଲଗାଇ ରଖିବା ପରେ ପାଣିରେ ଧୋଇଦିଅନ୍ତୁ ।

✷ ଦହି ଦ୍ୱାରା ମଧ ଚେହେରାରେ ଚମକ ଆସିବ । ମୁଲତାନୀ ମାଟି ସହିତ ଦୁଇ ଚାମଚ ଦହି ମିଶାଇ ଲଗାଇଲେ ଚେହେରାରେ ଥିବା ମଇଦା ଅଂଶ ସଫା ହୋଇଥାଏ ।

✷ ଆଖି ତଳେ ହେଉଥିବା କଳାଦାଗ ପାଇଁ କଫିର ବ୍ୟବହାର କରନ୍ତୁ । କଫିଦ୍ୱାରା ଫେସମାସ୍କ ତିଆରି କରିବା ପାଇଁ କଫି, ଆଳୁର ରସ ଓ ମେକଅପ୍ ୱାଇପ୍‌ସ ନିଅନ୍ତୁ । ୱାଇପସ୍ ଉପରେ ଏକ ଚାମଚ କଫି ପାଉଡର ଛିଞ୍ଚନ୍ତୁ । ଆଳୁ ରସକୁ ଏହା ଉପରେ ଢାଳି ରାତିରେ ରଖିଦିଅନ୍ତୁ କିମ୍ବା ସକାଳେ ତିଆରି କରି ଫ୍ରିଜରେ ୧ ଘଣ୍ଟା ରଖିଦିଅନ୍ତୁ । ଏହାକୁ ଆଖି ଉପରେ ୧୫ ମିନିଟ୍ ରଖି ଆଖିକୁ ଧୋଇଦିଅନ୍ତୁ ।

# ବାଗ୍ ଗୁମ୍ଫାର ଇତିହାସ

ଭାରତୀୟ ଇତିହାସ କେବଳ ରାଜା-ରାଣୀଙ୍କର କାହାଣୀ ନୁହେଁ, ସେମାନଙ୍କର ଶାସନକାଳର ବିଶେଷତା ଓ କାରୁକାର୍ଯ୍ୟକୁ ନେଇ ଗର୍ବ କରାଯାଏ । ସେଥିମଧ୍ୟରୁ ଧାର ଜିଲ୍ଲାର ବାଗ୍ ଗୁମ୍ଫା ଅନ୍ୟତମ । ତା'ର ଚିତ୍ରକଳା ପାଇଁ ପ୍ରସିଦ୍ଧ ବାଗ୍ ଗୁମ୍ଫାର ଭିତ୍ତି ଚିତ୍ରକୁ ଅଜନ୍ତାରେ ଥିବା ଚିତ୍ରକଳାର ସମକାଳୀନ ବୋଲି କୁହାଯାଏ । ଦୁଇଟିସାରା ଚିତ୍ରକଳାର ଚିତ୍ରାଙ୍କନ ଶୈଳୀ ଏକ ପରି । ଏହି କଳା ବହୁତ ପୂର୍ବରୁ ଭାରତ ସହିତ ଦକ୍ଷିଣ ପୂର୍ବ ଏସିଆ ତଥା ଚୀନର କଳାକୁ ମଧ ପ୍ରଭାବିତ କରିଥିଲା । ସେଠାରେ ପୂର୍ଣ୍ଣ ବିକସିତ ଚିତ୍ରକଳାର ଚିହ୍ନ ଦେଖିବାକୁ ମିଳିଥାଏ । ଏହି ବାସ୍ତୁକଳା ଓ ଚିତ୍ରକାରୀର ଶୈଳୀର ଆଧାରରେ ଜଣାପଡୁଛି ଯେ ଏହା ସପ୍ତମ ଶତାବ୍ଦୀର ହୋଇପାରେ । ବାଗ୍ ଗୁମ୍ଫାର ଚିତ୍ରରେ ଲୌକିକ ଓ ଧାର୍ମିକ ଜୀବନ ସମ୍ବନ୍ଧିତ ପ୍ରସଙ୍ଗକୁ ଚିତ୍ରାଙ୍କିତ କରାଯାଇଛି । କିନ୍ତୁ ବର୍ତ୍ତମାନ ସମୟରେ ଏହି ଚିତ୍ରଗୁଡିକର ଅନେକ କ୍ଷତି ହୋଇଥିବାର ଦେଖାଯାଉଛି । ଦୁଇ ନମ୍ବର ଗୁମ୍ଫାକୁ ରଙ୍ଗ ମହଲ ବୋଲି କୁହାଯାଏ ଓ ସେଠାରେ ବେଲବୁଟେର ଚିତ୍ର ଥିଲା । ସେଠାରେ ୨ ମିଟର ଉଚ୍ଚ ସ୍ଥାନରେ ନୃତ୍ୟରତ ଘୋଡା ଓ ହାତୀମାନଙ୍କର ଶୋଭାଯାତ୍ରାର ଦୃଶ୍ୟର ଚିତ୍ର କରାଯାଇଛି । ସେଥିରେ ଏକ ମହିଳାକୁ ବିଳାପ କରୁଥିବା ତଥା ଅନ୍ୟ ମହିଳାଙ୍କୁ ସାନ୍ତ୍ୱନା ଦେଉଥିବାର ଚିତ୍ର ଅଙ୍କାଯାଇଛି । ଏପରି ଅନେକ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ଅଙ୍କିତ କରାଯାଇଥିଲା । କିନ୍ତୁ ଏହି ଦୁର୍ଲଭ ଚିତ୍ର ଏବେ ସହଜରେ ଦେଖାଯାଉନାହିଁ । କିଛି ଚିତ୍ରକୁ ସୁରକ୍ଷିତ ଭାବରେ ସଂରକ୍ଷିତ କରାଯାଇଛି ତ କେତେକ ନଷ୍ଟ ହୋଇଗଲାଣି ।



# ଫିଟିକିରିର ଉପକାରିତା



ବିଭିନ୍ନ କାମରେ ଲାଗୁଥିବା ଦ୍ରବ୍ୟଗୁଡିକ ମଧ୍ୟରୁ ଫିଟିକିରି ଅନ୍ୟତମ । ପ୍ରାୟ ସମସ୍ତଙ୍କ ଘରେ ଏହା ଥାଏ । ନଥିଲେ ବଜାରରୁ ସହଜରେ ଅଣାଯାଇ ପାରିବ । ଏକଥା କାହାକୁ କହିବାକୁ ପଡିବ ନାହିଁ ଯେ ଏହା, ଦୁଷିତ ପାଣିକୁ ସଫା କରିଦେଇପାରେ । ଫିଟ୍‌କିରିର ଅନେକ ଗୁଣ ମଧ୍ୟରୁ ଏହା ଗୋଟିଏ । ହେଲେ ବହୁ ଲୋକ ଏହାର ଅନ୍ୟ ଗୁଣଗୁଡିକ ସମ୍ପର୍କରେ ଜାଣନ୍ତି ନାହିଁ । ଏହାର ବୈଜ୍ଞାନିକ ନାମ ପୋଟାସିଅମ ଆଲୁମିନିୟମ ସଲ୍‌ଫେଟ୍ । ଆସନ୍ତୁ ଫିଟ୍‌କିରିର ଅନ୍ୟ ଗୁଣଗୁଡିକ ସମ୍ପର୍କରେ ଜାଣିବା ।



୧. ମୁହଁରେ କଳା ବା ଅନ୍ୟ ଦାଗ ଥିଲେ ପ୍ରଥମେ ଥଣ୍ଡା ଓ ପରିଷ୍କାର ପାଣିରେ ମୁହଁ ସଫା କରନ୍ତୁ ଏବଂ ଫିଟିକିରିକୁ ଭିଜାଇ ଧୀରେଧୀରେ ମୁହଁରେ ମାଲିସ୍ କରନ୍ତୁ । ଅଳ୍ପଦିନ ପରେ ଦାଗ ଦୂର ହେବ ।

୨. ଦାନ୍ତରେ ଦରଜ ଥିଲେ ଫିଟିକିରିକୁ ପାଉଡର ପରି ଗୁଣ୍ଡ କରନ୍ତୁ ଏବଂ ଦରଜଥିବା ସ୍ଥାନରେ ଲଗାନ୍ତୁ । କିଛି ସମୟ ପରେ ଦରଜ କମିଯିବ ।

୩. ପ୍ରତିଦିନ ଫିଟିକିରି ମିଶା ପାଣିରେ ସ୍ନାନ କରନ୍ତୁ । ଏହା କୀଟାଣୁ ଓ ବ୍ୟାକ୍ଟେରିଆରୁ ରକ୍ଷା କରିବ । ଖରାଦିନରେ ଦେହରୁ ଝାଳ ବାହାରିବା ଏକ ସ୍ୱାଭାବିକ ପ୍ରକ୍ରିୟା । ଝାଳରେ ଥିବା ବ୍ୟାକ୍ଟେରିଆ ଯୋଗୁଁ ଦୁର୍ଗନ୍ଧ ସୃଷ୍ଟି ହୁଏ । ଏଥିରୁ ମଧ ରକ୍ଷା ମିଳିବ ।

୪. ବୟସ ବଢିଲେ ମୁହଁର ତ୍ୱଚା ଧୀରେଧୀରେ ଢିଲା ହେବାକୁ ଆରମ୍ଭ କରେ । ଫିଟିକିରି ପାଣିରେ ଗୋଲାପ ଜଳ ମିଶାଇ ମୁହଁରେ ନିୟମିତ ଲଗାନ୍ତୁ । ଏହି ପ୍ରକ୍ରିୟା ବିଳମ୍ବିତ ହେବ ।

୫. ଆଘାତଜନିତ କାରଣରୁ ଗୋଡ ବା ହାତ କଟି ରକ୍ତ ଝରୁଥିଲେ ଫିଟିକିରି ଲଗାନ୍ତୁ । ଅଳ୍ପ ସମୟ ପରେ ବନ୍ଦ ହୋଇଯିବ । ତେବେ ରକ୍ତ ବେଶୀ ଝରୁଥିଲେ ବା ଜୋରରେ ବାହାରୁଥିଲେ ବିଳମ୍ବ ନକରି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

# କମ୍ ପାଣି ପିଇବାର୍ ସମସ୍ୟା

ବିଶେଷଜ୍ଞଙ୍କ ମତରେ ନିୟମିତ ଭାବେ ଆବଶ୍ୟକ ପରିମାଣର ପାଣି ପିଇଲେ କୌଣସି ଶାରୀରିକ ସମସ୍ୟା ଉପୁଜିନଥାଏ । ଉଷୁମ ପାଣି ମଧ ସ୍ୱାସ୍ଥ୍ୟ ପାଇଁ ହିତକାରୀ ।



♦ ଦୈନିକ ୭-୮ ଗିଲାସ ପାଣି ନ ପିଇଲେ, ଖୁବ୍ ଥକା ଲାଗିଥାଏ । ରକ୍ତଚାପ ରୋଗୀମାନେ ପ୍ରତ୍ୟକ ସକାଳବେଳା ଉଷୁମ ପାଣି ପିଇ ଦିନର ଆରମ୍ଭ କରିବା ହିତକାରୀ ।

♦ ମୁଣ୍ଡବିନ୍ଧା, ମାନସିକ ଚାନ ଇତ୍ୟାଦି ସମସ୍ୟା ମଧ ପାଣିର ଅଭାବ କାରଣରୁ ଉପୁଜିଥିବାର ବିଶେଷଜ୍ଞଙ୍କ ମତ । ପାଣି ଆବଶ୍ୟକ ପରିମାଣରେ ପିଇଲେ ଶରୀରରୁ ବିଷତତ୍ତ୍ୱ ସହଜରେ ବାହାରିଯାଏ । ନଚେତ୍ ଏହା ଶରୀର ଭିତରେ ରହି ଅନ୍ୟାନ୍ୟ ରୋଗ ସୃଷ୍ଟି କରେ ।

♦ ପାଣିରେ ଅଭାବ ହେଲେ ଶରୀର ଡାହାଇଡ୍ରେସନ୍ ହୋଇଯାଇଥାଏ । ପରୀକ୍ଷାରୁ ଜଣାପଡିଛି ଯେ ପର୍ଯ୍ୟାପ୍ତ ପରିମାଣରେ ପାଣି ନ ପିଇଲେ ହୃଦ୍‌ରୋଗର ଆଶଙ୍କା ମଧ ହୋଇଥାଏ ।

♦ ଯୁବତୀ ଓ ମହିଳାମାନେ ତ୍ୱଚାରେ ଚମକ ଆଣିବାକୁ ଚାହୁଁଥିଲେ ପ୍ରତ୍ୟହ ୪-୫ ଗିଲାସ ଉଷୁମ ପାଣି ପିଇବା ଲାଭପ୍ରଦ ।

♦ ପାଣି ନ ପିଇଲେ ଶରୀରରେ କୋଲେଷ୍ଟୋରଲ୍ ସ୍ତର ବଢ଼ିବା ସହ ମେଦବହୁଳ ରୋଗରେ ଆକ୍ରାନ୍ତ ହେବାର ଭୟ ରହିଛି ।

# ଭ୍ରମଣ କରି ସୁସ୍ଥ ରହନ୍ତୁ

ମାନସିକ ଚାପ କମ୍ କରବାକୁ ଚାହୁଁଥିଲେ କିମ୍ବା କିଛି ସମୟ ଶାନ୍ତିରେ ରହିବାକୁ ଚାହୁଁଥିଲେ, ସାଙ୍ଗସାଥି ହେଉ କିମ୍ବା ପରିବାରଲୋକଙ୍କ ସହ ଭ୍ରମଣ କରିବାକୁ ଯୋଜନା କରନ୍ତୁ । ଟେନ୍‌ସନ୍ କମ୍ କରବାକୁ ଚାହୁଁଥିଲେ, ଭ୍ରମଣ ଏକ ସୁନ୍ଦର ଉପଚାର ବୋଲି ବିଶେଷଜ୍ଞଙ୍କ ମତ । କୌଣସି ମହାନଗରୀ ବୁଲିବାକୁ ଯୋଜନା କରିବା ପରିବର୍ତ୍ତେ ହିଲ୍-ଷ୍ଟେସନ୍ ଯିବା ଆମକୁ ମାନସିକ ଶାନ୍ତି ଦେଇଥାଏ । ସେଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସ୍ଥାନୀୟ ପରିବେଶ ହିଁ ମୁଖ୍ୟ ଆକର୍ଷଣ ପାଲଟିଥାଏ ।

♦ ଇଣ୍ଟରନେଟ୍‌ରୁ ଖୋଜି ହ୍ରଦ ଥିବା ସ୍ଥାନ ଖୋଜିବା ସହ ୨-୩ ଦିନ ନିମନ୍ତେ ହୋଟେଲ୍ ବୁକିଂ କରନ୍ତୁ ।

♦ କାମର ଚାପରୁ ବାହାରି ବୁଲିବାକୁ ଯାଉଥିଲେ ପ୍ୟାକିଂ ଅଧିକ ନ କରି ବରଂ କମ୍ ପୋଷାକପତ୍ର ନେଇ ଯିବା ଉଚିତ ।

♦ ଯାତ୍ରା କରିବାର ସମୟ ଅଳ୍ପ ଥିଲେ, ଫ୍ଲାଇଟ୍‌ରେ ବୁକିଂ କରନ୍ତୁ ।

# ବିଶ୍ୱର ସବୁଠୁ ଥଣ୍ଡାଗ୍ରାମ 'ୟାକୁଟିଆ'

ବିଶ୍ୱର ସବୁଠୁ ଥଣ୍ଡାଗ୍ରାମ ହେଉଛି ରୁଷର ୟାକୁଟିଆ । ୟାକୁଟିଆରେ ତାପମାତ୍ରା -୫୮ ଡିଗ୍ରୀରେ ପହଞ୍ଚିଯାଏ । ବର୍ଷର ଅଧିକାଂଶ ମାସ ଏଇ ଗ୍ରାମର ନଦୀ ବରଫ ଜମାଟ ବାନ୍ଧି ରହେ । ୟାକୁଟିଆ ଓ ଏହାର ଆଖପାଖ ଅଂଚଳର ଲୋକସଂଖ୍ୟା ପ୍ରାୟ ୩ ଲକ୍ଷ ହେବ । ବର୍ତ୍ତମାନ ସେଠାରେ ତାପମାତ୍ରା -୪୪ ଡିଗ୍ରୀ ଥିବା ସତ୍ତ୍ୱେ ସ୍କୁଲ, କଲେଜ ବନ୍ଦ ହୋଇନାହିଁ । ତାପମାତ୍ରା-୫୨ ଡିଗ୍ରୀରେ ହଫଂଚିବା ପରେ ହିଁ କାର୍ଯ୍ୟାଳୟ ଓ ସ୍କୁଲ, କଲେଜ ବନ୍ଦ ହେବ ବୋଲି ସରକାରୀ ସୂତ୍ରରୁ ପ୍ରକାଶ । ମସ୍କୋଠାରୁ ୩,୩୦୦ ମାଇଲ୍ ପୂର୍ବରେ ସ୍ଥିତ ଏହି ଗ୍ରାମର ଲୋକ ହରିଣ ଛାଳ ପୋଷାକ ପିନ୍ଧି କାରବାର କରନ୍ତି । କାରଣ ସାଧାରଣ ପଶମ ପୋଷାକ ଏଠାକାର ଶୀତ ସମ୍ଭାଳି ପାରିନଥାଏ । କୌଣସି ମୃତ ବ୍ୟକ୍ତିର କବର ଦେବାକୁ ପ୍ରଥମେ ଜମାଟ ବରଫକୁ ତରଳାଇବା ନିମନ୍ତେ ଘଣ୍ଟାଘଣ୍ଟା ନିଆଁ ଲଗାଇବା ପରେ ହିଁ ମାଟିରେ ସଂସ୍କାର କରାଯାଏ ବୋଲି ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି । କାର୍ ଚଳାଉଥିବା ଲୋକ ପୂରା ରାତି ଗାଡି ଚାଲୁ କରି ରଖନ୍ତି, ନଚେତ୍ ସକାଳୁ ଗାଡି ଷ୍ଟାର୍ଟ ହୋଇନଥାଏ । ସେଠା ଲୋକ ଏଭଳି ପରିବେଶ ସହ ଅଭ୍ୟସ୍ତ । ପର୍ଯ୍ୟଟକ ମଧ ପୂରା ବର୍ଷ ଏଠାରେ ଭିଡ ଲଗାଉଥିବାର ଜଣାପଡିଛି ।




# ସ୍ୱାସ୍ଥ୍ୟ ମନ୍ତ୍ର

ଅନେକଙ୍କ ଧାରଣା ଯେ ଫଳରେ ଥିବା ଫ୍ରୁକ୍ଟସ୍ ଶର୍କରା ଓଜନ ବଢାଇବାରେ ସହାୟକ ହୋଇଥାଏ । ଏଥିପାଇଁ ସେମାନେ ନିତିଦିନିଆ ଖାଦ୍ୟ ତାଲିକାରେ ଫଳର ପରିମାଣକୁ କମାଇଥାନ୍ତି । କେତେକ ଖାଦ୍ୟ ବିଶେଷଜ୍ଞ ମଧ୍ୟ ସମାନ ମତ ଦିଅନ୍ତି । ତେବେ, ଏହା ଭ୍ରମାତ୍ମକ ବୋଲି ଏକ ନୂଆ ଅଧ୍ୟୟନରୁ ଜଣାପଡିଛି । ଅଧ୍ୟୟନକାରୀ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ସୁସ୍ଥ ଓ ସୁନ୍ଦର ଶରୀର ପାଇଁ ଫଳ ଏକ ଉ ମ ବିକଳ୍ପ । ଏହା ଓଜନ ବଢାଏ ନାହିଁ, ବରଂ ଓଜନକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୋଇଥାଏ । ଏ ସଂପର୍କରେ ଏକ ରିପୋର୍ଟ ମଧ୍ୟ 'ଜର୍ନାଲ୍ ମେଟାବଲିଜିମ୍' ପତ୍ରିକାରେ ପ୍ରକାଶ ପାଇଛି । ରିପୋର୍ଟରେ ଦର୍ଶାଯାଇଛି ଯେ କ୍ଷୀର, ମହୁ ଓ ପରିବା ଭଳି ଫଳରେ ମଧ୍ୟ ପ୍ରାକୃତିକ ଶର୍କରା ଥାଏ, ଫ୍ରୁକ୍ଟସ୍ ଭାବେ ନାମିତ । ସ୍ୱାସ୍ଥ୍ୟ ପାଇଁ ଏହା ଜରୁରୀ । ଏଥିରେ ଥିବା ତନ୍ତୁ ଓ ମାଗ୍‌ନେସିଅମ୍ ଚର୍ବିକୁ କମାଇଦିଏ ଏବଂ ଓଜନ ବଢେ ନାହିଁ ।




# ସବୁଠୁ ବଡ ମଲ୍ଟିପ୍ଲେକ୍ସ




ବର୍ତ୍ତମାନ ସମୟରେ ଲୋକ ଟଙ୍କା ପାଣି ପରି ଖର୍ଚ୍ଚ କରିବାରେ ଆଦୌ ମନ ଉଣା କରୁନାହାନ୍ତି । ଲୋକ ସିନେମା ହଲ୍ ଯିବା ପୂର୍ବରୁ ସେଥିରେ କ'ଣ ଓ କିପରି ସୁବିଧାମାନ ଅଛି, ତାହା ପ୍ରଥମେ ଇଣ୍ଟରନେଟ୍ ଜରିଆରେ ତଦାରଖ କରୁଛନ୍ତି । ୫୫% ରୁ ଅଧିକ ଦର୍ଶକ ମଲ୍ଟି-ପ୍ଲେକ୍ସରେ ସିନେମା ଦେଖିବାକୁ ପସନ୍ଦ କରୁଛନ୍ତି, ଯଦିଓ ଏଥିରେ ଟିକେଟ୍ ଓ ଖାଦ୍ୟପାନୀୟ ଖୁବ୍ ମହଙ୍ଗା । ଭାରତର ସବୁଠୁ ବଡ ମଲ୍ଟିପ୍ଲେକ୍ସ ଚେନ୍ନାଇରେ ଅଛି । ସେଠାକାର କନାଥୁର୍ ଅଞ୍ଚଳର ଏକ ବଡ ମଲ୍ଟିପ୍ଲେକ୍ସ ହେଉଛି 'ମାୟାଜାଲ' । ୩୦ ଏକର ପରିସୀମା ବ୍ୟାପ୍ତ ଏହି ମଲ୍ଟିପ୍ଲେକ୍ସରେ ମୋଟ୍ ୧୬ଟି ସ୍କ୍ରିନ୍ ଥିବାବେଳେ, ଏହା ଏସିଆର ଦ୍ୱିତୀୟ ସର୍ବବୃହତ୍ ମଲ୍ଟିପ୍ଲେକ୍ସ ଭାବେ ପରିଚିତ । ଡିଜିଟାଲ୍ ପ୍ରୋଜେକ୍ସନ୍, ଡଲ୍‌ବି ଆଟମ୍, ଅରୋ ଥ୍ରୀଡି ସାଉଣ୍ଡ, ହାଇଟେକ୍ ଗେମ୍ ପୁଲ, ରେଷ୍ଟୋରାଁ ମଧ ଅଛି । ୨୬୦୦ ରୁ ଅଧିକ ଆସନବିଶିଷ୍ଟ ଏହି ମଲ୍ଟିପ୍ଲେକ୍ସ ବିଦେଶୀ ପର୍ଯ୍ୟଟକଙ୍କୁ ମଧ ଆକର୍ଷିତ କରିଥାଏ । ଏଠାକାର ପାର୍କିଂ ଜୋନ୍‌ରେ ୧୨୦୦ରୁ ଅଧିକ କାର୍ ପାର୍କି ହେବାର ସୁବିଧା ରହିଛି ।

# ଯୋଗ ପ୍ରୟୋଗ ସହଜ ବୀରାସନ

ଛିଡାହେବା ଏବଂ ଚାଲିବା ଶରୀରର ପ୍ରମୁଖ କାର୍ଯ୍ୟ । ପାଦ, ଗୋଡ ଏବଂ ଜଙ୍ଘ ଏହି କାର୍ଯ୍ୟ ଲାଗି ବିଶେଷ ଭୂମିକା ଗ୍ରହଣ କରିଥାଏ । ଏଥିରେ ବଳାଗଣ୍ଠି, ଆଣ୍ଠୁ ଓ ନିତମ୍ବ ଅସ୍ଥିର ଯୋଡେଇ ସ୍ଥାନ ଉପରେ ଚାପ ପଡେ । ଏସବୁ ସ୍ଥାନକୁ ସୁସ୍ଥ ଓ ସୁଦୃଢ ରଖିବା ଲାଗି ବୀରାସନ ଖୁବ୍ ସହଜ ଏବଂ ସୁନ୍ଦର ଉପାୟ ।

**ପ୍ରକ୍ରିୟା :**

♦ ଟାଣ ଫୋମ୍ ବା ସ୍ୱଞ୍ଜର ଦୁଇଟି ୮X୪X୪ ଇଂଚ* ଇଟା ନିଅନ୍ତୁ ।
♦ ତଳେ ଏକ ଲମ୍ବା ଚଟେଇ କିମ୍ବା ଚାଦର ବିଛାଇ ଚକା ପକାଇ ସଳଖ ଭାବେ ବସିପଡନ୍ତୁ ।
♦ ଇଟା ଦୁଇଟିକୁ ଗୋଟିଏ ଉପରେ ଗୋଟିଏ ରଖିବେ ।
♦ ନିତମ୍ବ ତଳେ ଯେପରି ଇଟା ରହୁଥିବ ।
♦ ଆଣ୍ଠୁ ଦୁଇଟିକୁ ଆରାମରେ ପରସ୍ପର ସହ ଯୋଡି ରଖନ୍ତୁ ।
♦ ଧୀରେ ଶ୍ୱାସକ୍ରିୟା ସହ ପ୍ରାୟ ତିନି ମିନିଟ୍ ଏପରି ସ୍ଥିତିରେ ରହିବେ ।
♦ ଏବେ ଧୀରେ ଉଠିବା ସହ ଗୋଡଦୁଇଟିକୁ ଆଗକୁ ଲମ୍ବାଇ ଦିଅନ୍ତୁ ।
♦ ଚକା ପକାଇ ବସିବେ ଏବଂ କିଛି ସମୟ ଆରାମ କରିବା ପରେ ଏହାର ପୁନରାବୃତ୍ତି କରିପାରନ୍ତି ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୮ ଡିସେମ୍ବର ୨୦୨୦, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସୀମାନ୍ତ ଅଶାନ୍ତ...

ସୀମାନ୍ତରେ ଦିନକୁ ଦିନ ଜଟିଳତା ବୃଦ୍ଧି ପାଇବାରେ ଲାଗିଛି। ଏକପକ୍ଷରେ ଚୀନ୍ ଓ ଅନ୍ୟପକ୍ଷରେ ପାକିସ୍ତାନ ଭାରତ ବିରୋଧୀ ପ୍ରରୋଚନାରେ ଲିପ୍ତ ଥିବା ହେତୁ ସ୍ଥିତି ଉତ୍ତେଜନାପୂର୍ଣ୍ଣ ହେଉଛି। ପାକ୍ ଅଧିକୃତ କାଶ୍ମୀରରେ ଏବଂ ତତ୍‌ସଂଲଗ୍ନ ଇଲାକାରେ ଆତଙ୍କୀମାନଙ୍କୁ ଅର୍ଥ ଓ ଅସ୍ତ୍ର ଦେଇ ପାକିସ୍ତାନ କ୍ରମାଗତ ବହୁକାଳ ଧରି ଅନୁପ୍ରବେଶ ଚଳାଉଛି। ଆମର ଯବାନମାନେ ସେମାନଙ୍କୁ ଶକ୍ତ ଜବାବୀ କାର୍ଯ୍ୟାନୁଷ୍ଠାନ କରି ଚାଲିଛନ୍ତି। ହେଲେ ଶାନ୍ତି ଓ ସ୍ୱାଭାବିକ୍ ସ୍ଥିତିକୁ କ୍ଷୁର୍ଣ୍ଣ କରିବା ଲାଗି ପାକ୍ ଚକ୍ରାନ୍ତ ଆଦୌ ଥମିନାହିଁ। ଭାରତୀୟ ସମ୍ବିଧାନରେ ଥିବା ୩୭୯ ଧାରାର ଉଚ୍ଛେଦ ପରେ ପାକିସ୍ତାନ ଦ୍ୱାରା ସଂକ୍ରକ୍ତ ଅଂଚଳରେ ଚାଲିଆସିଥିବା ହିସାଂ ଅଲଗା ମୋଡ଼ ନେଇଛି। ଜମ୍ମୁ ଓ କାଶ୍ମୀର ପାଇଁ ଥିବା ସ୍ୱତନ୍ତ୍ର ସାମ୍ବିଧାନିକ ପ୍ରାବଧାନକୁ ଉଠାଇନିଆଯିବା ଦ୍ୱାରା ମୌଳବାଦୀମାନେ ରୁଷ୍ଟ ହୋଇ ଉଠିଛନ୍ତି। ସେମାନେ ବହୁ ଦଶନ୍ଧି ଧରି ଉପଭୋଗ କରିଆସୁଥିବା ସୁବିଧା ସୁଯୋଗରେ ପୂର୍ଣ୍ଣଚ୍ଛେଦ ଟଣା ହୋଇଥିବାରୁ ଭାରତ-ବିରୋଧୀ ଚକ୍ରାନ୍ତକୁ ତେଜାଇବା ସକାଶେ ସେମାନେ ପଡ଼ୋଶୀ ପାକିସ୍ତାନ ସହ ହାତ ମିଳାଇଥିବା ଅଭିଯୋଗ ଉଠିଛି। ବର୍ଷବର୍ଷ ଧରି ଆମ ଦେଶର ଆଂଚଳିକ ଅଖଣ୍ଡତା ଉପରେ ଲୋଲୁପ ଦୃଷ୍ଟି ପକାଇଆସିଥିବା ଚୀନ୍ କିଛିମାସ ହେଲା ରଣରଙ୍ଗା ହୋଇଉଠିଥିବାର ପ୍ରମାଣ ମିଳୁଛି। ଗଲ୍‌ୱାନ୍ ସେକ୍ଟରରେ ଏବଂ ପେଙ୍ଗାଙ୍ଗ୍ ହ୍ରଦ କୂଳରେ ଚୀନ୍ କ୍ରମାଗତ କିଛିମାସ ଧରି ଉତ୍ତେଜନା ସୃଷ୍ଟି କରୁଛି। ନେପାଳ ଭଳି ରାଜ୍ୟରେ ଚୀନ୍ ଗୁଇନ୍ଦାଗିରିକୁ ଭାରତ ବିରୋଧରେ ଲଗାଇବା, ନେପାଳର ରାଜନୈତିକ ମାନଚିତ୍ରରେ ଉତ୍ତରାଖଣ୍ଡରେ କିଛି ଅଂଚଳକୁ ସାମିଲ କରି ଭାରତ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ଏହି ପରିପ୍ରେକ୍ଷୀରେ ଉଭୟ ଚୀନ୍ ଓ ପାକିସ୍ତାନ ସହିତ ଏକସଙ୍ଗେ ଯୁଦ୍ଧର ଆଶଙ୍କା ସୃଷ୍ଟି ହୋଇଥିବାରୁ ତାହାର ଜବାବ୍ ଦେବାପାଇଁ ଆମ ସରକାର ପନ୍ଦରଦିନିଆ ଘମାଘୋଟ ଲଢ଼େଇର ପ୍ରସ୍ତୁତିକୁ ଚୂଡ଼ାନ୍ତ ପ୍ରସ୍ତୁତିରେ ରଖିଛି। ଆଗରୁ ଦଶଦିନ ପାଇଁ ଯୁଦ୍ଧ ଲାଗି ପ୍ରସ୍ତୁତି କରାଯିବାକୁ ନିର୍ଦ୍ଦେଶ ଥିଲା। ପରିବର୍ତ୍ତିତ ସ୍ଥିତିରେ ତାହାକୁ ପନ୍ଦରଦିନିଆ ଯୁଦ୍ଧ ସକାଶେ ପ୍ରସ୍ତୁତ ରହିବାକୁ ତିନି ବାହିନୀକୁ କୁହାଗଲାଣି। ସେଥିପାଇଁ ଦରକାର ପଡୁଥିବା ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଓ ଯୁଦ୍ଧାସ୍ତ୍ର ଧରି ପ୍ରସ୍ତୁତ ରହିବା ଲାଗି ଛାମୁଆ ବାହିନୀକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରରୋଚନା ସୃଷ୍ଟିକାରୀଙ୍କ ଉପରେ ଆନ୍ତର୍ଜାତିକ ସ୍ତରରୁ ଯେଉଁଭଳି ଚାପ ପକାଯାଉଛି, କୌଣସି ଭାବରେ ଯୁଦ୍ଧ ମାସ ମାସ ଧରି ଲାଗି ରହିନପାରେ। ସୁତରାଂ, ପନ୍ଦର ଦିନ ଲାଗି ସବୁପ୍ରକାର ସମରସଜ୍ଜା ଲାଗି ଭାରତ ସରକାର ନିଷ୍ପତ୍ତି ନେଇଥିବା ବିଶ୍ୱାସ କରାଯାଉଛି। ଚୀନ୍‌ପଟୁ ଲଦାଖ ସୀମାନ୍ତରେ ବିବାଦ ସୃଷ୍ଟି ହୋଇଥିବା ଦିନରୁ ଭାରତ ସବୁପ୍ରକାର କୂଟନୈତିକ ମାଧ୍ୟମକୁ ଲଗାଇ କିଭଳି ଉତ୍ତେଜନା ପ୍ରଶମନ କରାଯାଇପାରିବ, ସେଥିପାଇଁ ପ୍ରୟାସ ଜାରି ରହିଛି। ଆମ ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର ଚୀନ୍ ବିଦେଶ ମନ୍ତ୍ରୀଙ୍କ ସହ ଏକାଧିକ ବାର କଥାବାର୍ତ୍ତା କରିଛନ୍ତି। ସାମୟିକ ସମାଧାନ ପାଇଁ କେବେକେବେ ଉପାୟ ବାହାରିବା ଭିତରେ ଚୀନ୍ ଅରୁଣାଚଳ ପ୍ରଦେଶରେ ତାହାର ଭୌଗୋଳିକ ହାକିମାତି ଦେଖାଉଛି। ଅରୁଣାଚଳକୁ ଚୀନ୍ ତିବ୍ବତରର ଏକାଂଶ ବୋଲି ଦାବି କରିବାକୁ ଭୁଲିଯାଇନାହିଁ। ପାକିସ୍ତାନକୁ ଚୀନ୍ ତାହାର ଉପଗ୍ରହ ଦେଶ ଭଳି ବ୍ୟବହୃତ କରିଚାଲିଛି। ଅସ୍ତ୍ର ଓ ଅର୍ଥ ପାଇ ପାକିସ୍ତାନ ରୀତିମତ ଚୀନର ଗୋଲାମ ହୋଇସାରିଛି। ଉଭୟ ଚୀନ୍ ତଥା ପାକିସ୍ତାନର ମିଳିତ ଶତ୍ରୁ ହୋଇସାରିଛି ଭାରତ। ଏହି ପ୍ରକାରର ବିଭ୍ରାନ୍ତି ଦୂର କରିବା ସକାଶେ ଯେତେପ୍ରକାର ଉଦ୍ୟମ କରାଯାଉଥିଲେ ହେଁ ସେଥିରୁ କାଣିଚାଏ ସୁଫଳ ମିଳିପାରିନାହିଁ। କୂଟନୈତିକ, ସାମରିକ ସ୍ତରରେ ବାରମ୍ବାର ବୈଠକ ବସି ସୁଦ୍ଧା କିଛି ସୁଫଳ ମିଳିବା ପରିବର୍ତ୍ତେ ପ୍ରତିକୂଳ ସ୍ଥିତି ଉତ୍ପନ୍ନ ହେଉଥିବାରୁ ବାଧ୍ୟହୋଇ ସମରସଜ୍ଜା ପାଇଁ ଉପାୟ ବାଛିନେଇଛି ବୋଲି ବୁଝିବାକୁ ହେବ। ଏହା କ୍ଷେତ୍ରୀୟ ତଥା ବିଶ୍ୱସ୍ତରୀୟ ପ୍ରତିକ୍ରିୟା ଦେଖାଦେବା ଥୟ। ତିନି ବାହିନୀକୁ କେବଳ ସ୍ଥିତିର ମୁକାବିଲା କରିବାକୁ କୁହାଯାଇନାହିଁ, ମଧ୍ୟେ ମଧ୍ୟେ ସମୀକ୍ଷାପୂର୍ବକ ଯଥୋଚିତ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ କ୍ଷମତା ଦିଆଯାଇଛି। ପନ୍ଦରଦିନିଆ ଯୁଦ୍ଧ ସକାଶେ ଆବଶ୍ୟକ ହେଲେ ପଚାଶ ହଜାର କୋଟି ଟଙ୍କାର ଅସ୍ତ୍ରଶସ୍ତ୍ର ଖର୍ଚ୍ଚ କରିବା ଲାଗି କ୍ଷମତା ସାମରିକ ବାହିନୀକୁ ପ୍ରଦାନ କରାଯାଇଛି। କ୍ଷେପଣାସ୍ତ୍ରଠାରୁ ଆରମ୍ଭ କରି ଟ୍ୟାଙ୍କ ଓ ତୋପରେ ସଜ୍ଜିତ ହୋଇ ସମ୍ଭାବ୍ୟ ବିପଦର ମୁକାବିଲା ପାଇଁ ସ୍ୱଷ୍ଟଭାବେ କୁହାଯାଇଛି। ହୋଇପାରେ ଏଥିପାଇଁ ଜାତୀୟ ରାଜକୋଷ ଚାପଗ୍ରସ୍ତ ହେବାକୁ ବାଧ୍ୟ। ମାତ୍ର ସାମରିକ ସୀମା ଜଟିଳତାକୁ ଆଖିଆଗରେ ରଖି ସ୍ଥିତିରେ ସୁଧାର ପାଇଁ ଏତାଦୃଶ ପଦକ୍ଷେପ ଗ୍ରହଣ କରାଯାଇଛି।

## କବିତା କୋଣାର୍କ

### ଚିରନ୍ତନ ସତ୍ୟ...

**ସୁଦର୍ଶନ ମହାପାତ୍ର**

ମାୟା ମୋହ ବନ୍ଧା ଶିକୁଳିକୁ କାଟି
ଯେବେ ସେ ସଂସାରୁ ଚାଲିଗଲା
ଅନ୍ଧକାର ସତେ ଘୋଟିଲା ମହୀରେ
ଖୁସିର କାରଣ ହଜିଗଲା।

ସେହି ସ୍ନେହମୟୀ ପରମ ଆତ୍ମୀୟା
ମମତାର ଥିଲା ପାରାବାର
ତା' ପଣତ କାନି ଆହା କି ପବିତ୍ର
ସାହା ଥିଲା ମୋର ଜୀବନର।

ଏ ଧରା ଧାମରୁ ମେଲାଣି ନେଇ ସେ
ସରଗର ପଥ ବାଛିନେଲା
ସପନ ସଉଧ ତୋଳିଥିଲା ଯେତେ
ଅଧାଗଢ଼ା ହୋଇ ରହିଗଲା।

ବିରସରେ ଦିନେ ଆକାଶକୁ ଚାହିଁ
ଘନ ଅନ୍ଧକାରେ ବସିଥିଲି
ଶାଶ୍ୱତ ସୁନ୍ଦର ରୂପ କାନ୍ତି ତା'ର
ନିର୍ଲିପ୍ତ ନୟନେ ଦେଖୁଥିଲି।

ନିରେଖି ଚାହିଁଲି ତାରା ମେଳେ ସିଏ
ମୁରୁକି ମୁରୁକି ହସୁଥିଲା
ଅନୁରାଗ ସ୍ୱରେ କହିଲା ସତେକି
ଦୁଃଖ କରି କ'ଣ ଲାଭ ଭଲା ??

ଅଳିକ ସଂସାରେ ସମୟ ସାଥିରେ
ଚାଲୁଥାଏ ବାଟ ଜୀବନଟା
ବିଧିର ବିଧାନେ ଅକସ୍ମାତେ କେବେ
ସହିବାକୁ ହୁଏ ଘନଘଟା।

ଦିନ ରାତି ପରି ସୁଖ ଦୁଃଖ ଯେତେ
ପ୍ରତିଟି ଜୀବନେ ସମାହିତ
ଜନ୍ମ ଥିଲେ ପରା ଆସେ କେବେ ମୃତ୍ୟୁ
ଏହି ପରା ଚିରନ୍ତନ ସତ୍ୟ।

କୁଂଜବିହାରୀ ଲେନ୍, କଟକ

**ଅନିଲ କୁମାର ବିଶ୍ୱାଳ**

# ଗଣମାଧ୍ୟମର ଭବିଷ୍ୟତ



ଲେଖାଟିର ଶୀର୍ଷକ ବୋଧହୁଏ କାହାକୁ ଆପତି ଜନକ ଲାଗିପାରେ। ନିଜର ଭବିଷ୍ୟତ ବିଷୟରେ ଅନିଶ୍ଚିତ ଥିବା ଲୋକ ପୁଣି ଗଣମାଧ୍ୟମର ଭବିଷ୍ୟତ ଆକଳନ କରିବ। ବଡ ଆଶ୍ଚର୍ଯ୍ୟ। ବାମନ ହୋଇ ଚନ୍ଦ୍ରର ଉଚ୍ଚତା ମାପିବା ସମାନ। ହେଲେ ପରିସ୍ଥିତି ବାଧ୍ୟ କରୁଛି ସେହି ଧୃଷ୍ଟତା କରିବା ପାଇଁ। ଯେଉଁ ଗଣମାଧ୍ୟମର ଦୁନିଆରେ ଆମେ ବଂଚୁଛେ ତାହା ବର୍ତ୍ତମାନ ଏକ ଭିନ୍ନ ପରିସ୍ଥିତି ଦେଇ ଗତି କରୁଛି କହିଲେ ଭୁଲ ହେବ ନାହିଁ। ଉଭୟ ରାଜ୍ୟ ଓ ଦେଶରେ। ଗଣମାଧ୍ୟମକୁ ଚତୁର୍ଥ ସ୍ତମ୍ଭର ମାନ୍ୟତା କେଉଁ ସମ୍ବିଧାନ ଦେଇନି। ଗଣମାଧ୍ୟମ ନିଜେ ନିଜର କାମ ଓ ପ୍ରଭାବ ଦ୍ୱାରା ଏହା ପ୍ରମାଣିତ କରିଛି। ସମସ୍ତ ଖବର କାଗଜ, ନ୍ୟୁଜ ଚ୍ୟାନେଲ, ସାମାଜିକ ଗଣମାଧ୍ୟମରେ ଖବର ପ୍ରସାରଣ କରୁଥିବା ପ୍ଲାଟଫର୍ମ ଭଳି ଗଣମାଧ୍ୟମର କାମ ହେଉଛି ଖବର ପ୍ରସାରଣ କରିବା। ଖବରର ପରିଭାଷା ଜଣେ ସାଧାରଣ ଲୋକଙ୍କ ପାଇଁ କଣ? ଯାହାକୁ ଗଣମାଧ୍ୟମ ଦେଖାଇଲା ସେଇଟାକୁ ହିଁ ସାଧାରଣ ଲୋକେ ଖବର ବୋଲି ଧରିନିଅନ୍ତି। କିନ୍ତୁ ଖବର ପରିଭାଷା ଗୋଟିଏ ଟିଭି ବା ଖବରକାଗଜ ପାଇଁ କଣ ହେବା ଦରକାର ଏହାକୁ ବୁଝିବା ଦରକାର। ଯାହାକୁ ଲୋକ ଦେଖିବା ଦ୍ୱାରା ବ୍ୟବସ୍ଥା ଉପରେ ଲୋକମାନେ ସେମାନଙ୍କର ଅଧୀକାର ପାଇଁ ଚାପ ପକାଇ ପାରିବେ ବା ବ୍ୟବସ୍ଥାର ଦୋଷତ୍ରୁଟି ପଦାକୁ ଆସିବ ତାହା ଖବରର ପ୍ରଥମ ମାନଦଣ୍ଡ ହେବା ଉଚିତ୍। ହେଲେ ତାହା ହେଉଛି କି? ଗଭୀର ଭାବେ ସୁକ୍ଷ୍ମ ଭାବେ ଏହି ବିଷୟରେ ଚିଂ। କରିବାକୁ ପଡିବ।

ଗଣମାଧ୍ୟମ ଦିନେ ସମାଜସେବା ଥିଲା ଆଜି ତାହା ବ୍ୟବସାୟ ପାଲଟିଛି। ଯଦି ଆମେ ତାହାକୁ ବ୍ୟବସାୟିକ ଦୃଷ୍ଟିକୋଣରୁ ବି ଦେଖିବା ତାହେଲେ ଦର୍ଶକ ବା ପାଠକ ହେଉଛନ୍ତି ପ୍ରଥମ ଗ୍ରାହକ। ହେଲେ ଆମେ ପ୍ରଥମ ଗ୍ରାହକର ସ୍ୱାର୍ଥକୁ ଭୁଲିଯାଉଛେ ବା ପଛକୁ ରଖୁଛେ। ଆମ ପାଇଁ ବିଜ୍ଞାପନ ଦାତା, ସିଏ ସରକାରୀ କଳ ହୋଇପାରେ, ବ୍ୟବସାୟିକ ସଂସ୍ଥା ହୋଇପାରେ ଆମେ ତାଙ୍କ ସ୍ୱାର୍ଥ କଥା ବେଶୀ ଭାବୁଛେ। ଗଣମାଧ୍ୟମର ଦୁର୍ଦ୍ଦଶା ପାଇଁ ଗଣମାଧ୍ୟମ ନିଜେ ଦାୟୀ। ଗଣମାଧ୍ୟମ ଲୋକ ଦେଖିବାକୁ ଚାହୁଁଥିବା ଖବର ଦେଖାଉନି। ଯେଉଁ ଖବର ଲୋକେ ଦେଖିବା ଦରକାର ସେହି ଖବର ବି କମ ଦେଖାଉଛି। ବଂର ଗଣମାଧ୍ୟମ ନିଜେ ନିଷ୍ପତି ନେଉଛି ଖବର କାହାକୁ କୁହାଯିବ। ଖବର ଦେବାର ସ୍ୱାଧୀନତା ସମ୍ବାଦଦାତାଙ୍କ ପାଖରେ ନାହିଁ। ଦୁର୍ଘଟଣା, ହତ୍ୟା, ଖେଳ, ପାଣିପାଗ, ଚଳଚ୍ଚିତ୍ର ଛଡା ବାକି ସବୁ ଖବରକୁ ଛଣା ଯିବାପାଇଁ ସମ୍ପାଦକୀୟ ମଣ୍ଡଳି ବସିଛି। ପରିସ୍ଥିତି ଏମିତି ଯେ ସରକାରଙ୍କ ମନଦୁଃଖ କରିବା ଭଳି ଖବର ପ୍ରକାଶ କରାଯିବା ଏକ ସାହାସିକତାର କାମ ଭଳି ମାନିବା ସ୍ଥିତିରେ ଆମେ ପହଂଚି ଗଲେଣି। ଖାଲି ସେତିକି ନୁହେଁ ଲୋକମାନେ ବା ଯାହାକୁ ଆମେ ଶ୍ରୋତା ବା ପାଠକ ବୋଲି କହୁଛେ ସେମାନେ ବି ବେଶି ପ୍ରତିକ୍ରିୟାଶୀଳ ହେଉନାହାନ୍ତି। ଏହା ଆହୁରି ଚିନ୍ତାଜନକ। ମୁଳ କାରଣ କଣ? ପ୍ରଥମତଃ ହେଲା ମାଲିକାନା। ଆଜି ଯେତେଗୁଡିଏ ଖବର ପ୍ରସାରଣ ସଂସ୍ଥା ଆମ ଦେଶ ବା ରାଜ୍ୟରେ ଅଛି ସବୁର ମାଲିକାନାରେ ପୁଜିଂପତି ଓ ରାଜନୈତିକ ଦଳ ସହିତ ସଂପୃକ୍ତି ରହୁଛି। ରାଜନୈତିକ ଓ ବ୍ୟବସାୟିକ ଚାପ ରହିବା ସ୍ୱାଭାବିକ। ଓଡିଶା ରାଜନୀତିକୁ ଯଦି ବହୁ ପୁର୍ବରୁ ଦେଖି ଦେଖି ଆସିବା ତାହେଲେ ମୁଖ୍ୟତଃ ରାଜନୈତିକ ବ୍ୟକ୍ତିମାନେ ହିଁ ଗଣମାଧ୍ୟମର ପ୍ରତିଷ୍ଠାତା। ସ୍ୱାଧୀନତାର ପୁର୍ବରୁ ଆଜିବି ସେହି ଧାରା ଚାଲିଆସିଛି। ମୁଳକଥା ହେଉଛି ଯେଉଁମାନଙ୍କର ଅନ୍ୟ ବ୍ୟବସାୟ ଥିବ ବା ରାଜନୈତିକ ଅଭିସନ୍ଧି ବା ସଂଶ୍ଳିଷ୍ଟ ଥିବେ ସେମାନେ ସେମାନେ ଖବର କାଗଜ ବା ନ୍ୟୁଜ ଚ୍ୟାନେଲ ଚଳାଇବା ଉଚିତ ନୁହେଁ। ହେଲେ ଏହା କେଉଁ ସମ୍ଭବ ଯେ! ଗଣମାଧ୍ୟମର ରାଜନୀତି କରଣ ବା ରାଜନେତାମାନଙ୍କ ଦ୍ୱାରା ଗଣମାଧ୍ୟମ ଉପରେ ନିୟନ୍ତ୍ରଣ କେବଳ ଯେ ଓଡିଶାରେ ହୋଇଛି ବା ଭାରତରେ ହୋଇଛି ତାହା ନୁହେଁ। ସମଗ୍ର ବିଶ୍ୱରେ ଏହା ହେଉଛି। ଆମେରିକା ନିର୍ବାଚନରେ ତାଙ୍କ ଦେଶରେ ବି ଗଣମାଧ୍ୟମ ଅବସ୍ଥା ସାରା ଦୁନିଆ ଦେଖିଲା। ଗଣତନ୍ତ୍ର କେତେବେଳେ ଶକ୍ତିଶାଳି ହେବ? ଯେତେବେଳେ ଶାସକ ଦଳ ସହିତ ଲଢିଲା ଭଳି ଗୋଟିଏ ବିରୋଧୀ ଦଳ ରହିବ। ସେତେବେଳେ ଗଣମାଧ୍ୟମର ସ୍ୱାଧୀନତା ମଧ୍ୟ ଆପଣାଛାଏଁ ବ୍ୟାପକ ହୋଇଯିବ ବା ଅକ୍ଷୁର୍ଣ୍ଣ ରହିପାରିବ। ସରକାରଙ୍କ ତାଙ୍କର ଆଭିମୁଖ୍ୟରେ ପରିବର୍ତ୍ତନ କରିବା ଦରକାର। ଗଣମାଧ୍ୟମର ମାଲିକମାନେ ଗଣମାଧ୍ୟମର ଉଦ୍ଦେଶ୍ୟ ଲୋକମାନଙ୍କ ହିତରେ ଏନେଇ ସଶକ୍ତ ହେବାର ଆବଶ୍ୟକତା ରହିଛି। ଆଉ ରହିଲା ସାମ୍ବାଦିକଙ୍କର କଥା। ଉପରୋକ୍ତ ଦୁଇଟି ଅନୁଷ୍ଠାନ ସୁଧୁରିଗଲେ ସାମ୍ବାଦିକ ବି ଶ୍ରେଷ୍ଠ ପାରିଦର୍ଶିତା ଦେଖାଇବେ। ବାର୍କ ଇଣ୍ଡିଆ ଯେଉଁ ସଂସ୍ଥା ସମସ୍ତ ଟିଭି ଚ୍ୟାନେଲ ମାନଙ୍କର ଦର୍ଶକଙ୍କର ତଥ୍ୟକୁ ହିସାବ କରେ ଆପଣ ତାର ୱେବସାଇଟକୁ ଯାଆନ୍ତୁ। ସେଠାରେ ସମସ୍ତ ପ୍ରକାରର ଟିଭି ଚ୍ୟାନେଲମାନଙ୍କର ଟିଆରପିର ତଥ୍ୟ ଉପଲବଧୀ ଅଛି କିନ୍ତୁ କେବଳ ନ୍ୟୁଜ ଚ୍ୟାନେଲମାନଙ୍କର ଟିଆରପିର ତଥ୍ୟକୁ ବନ୍ଦ କରିଦିଆଯାଇଛି। ଚିନ୍ତା କରିବାକୁ ହେବ ଯେ କଣ ଏମିତି ପରିସ୍ଥିତି ଉପୁଜିଲା ଯେ କେବଳ ନ୍ୟୁଜ ଚ୍ୟାନେଲ ମାନଙ୍କର ଟିଆରପି ମାପିବାର ପ୍ରକ୍ରିୟାରେ ଭୁଲ ବାହାରିଲା ଓ ଏହାକୁ ବନ୍ଦ କରିବା ପାଇଁ ପଡିଲା। ଏହା କି ପ୍ରକାର ସନ୍ଦେଶ ଦେଉଛି? ଯିଏ ସାରା ଦୁନିଆର ଭୁଲ କାଢିବା କଥା ସେ ନିଜେ ଲୋଭରେ ପଡି ଭୁଲ କରୁଛି। ମୁଁ ଗୋଟିଏ ସପ୍ତାହର ତଥ୍ୟ ଦେବାକୁ ଚାହୁଁଛି। ସେହି ସପ୍ତାହରେ ଓଡିଶାରେ ସବୁଠାରୁ ଅଧୀକ ପ୍ରସାରିତ ମନୋରଞ୍ଜନ ଚ୍ୟାନେଲର ଟିଆରପି ତଥ୍ୟ ଥିଲା ୧,୭୬,୬୨୦ ହଜାର ଇମ୍ପ୍ରେସନ। ଆଉ ସେଇ ସପ୍ତାହରେ ଓଡିଶାରେ ସମସ୍ତ ନ୍ୟୁଜ ଚ୍ୟାନେଲର ଟିଆରପି ମିଶାଇଦେଲେ ବି ତାର ଅଧା ହେଲେ ନାହିଁ। ଉଭୟ ହିନ୍ଦି, ଓଡିଆ ସବୁ ଭାଷାରେ ସେହି ସମାନ ଅବସ୍ଥା। ପରିସ୍ଥିତି ଏମିତି ଯେ ଆଧ୍ୟାତ୍ମିକ ଭଜନ ପରିବେଷଣ କରୁଥିବା ଏକ ଚ୍ୟାନଲ ଓ ସବୁଠାରୁ ଅଧୀକ ଲୋକେ ଦେଖୁଥିବା ନ୍ୟୁଜ ଚ୍ୟାନେଲର ଦର୍ଶକ ସଂଖ୍ୟା ସମାନ।

(କ୍ରମଶଃ)

# ତିନି ତୁଣ୍ଡରେ ଛେଳି କୁକୁର



**ଇଂ. ବିଦ୍ୟାଧର ପଣ୍ଡା**

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଜୟ ଭଗବାନର କଥାରେ ପଂଚପରମେଶ୍ୱରଙ୍କ ହୃଦୟ ତରଳିଗଲା। ସମସ୍ତେ ରାଜି ହୋଇ ସେ କନ୍ୟାକୁ ଜୟ ଭଗବାନ ହାତରେ ଛାଡିଦେଲେ। ଦୁଇ ତିନି ବର୍ଷରେ ପିଲାପିଚିକା ନହେବାରୁ ବୈଦକୁ ଦେଖେଇଲେ। ବୈଦ ଦେଖି କହିଲା ଦୁହିଁଙ୍କର କିଛି ଖୁଣ ନାହିଁ। କେବଳ ଗ୍ଳପଗ୍ରସ୍ତ ମନକୁ ହାଲୁକା କରି ଦୁହେଁ ମିଶିଲେ ଗର୍ଭ ରହିବାରେ କୌଣସି ଅସୁବିଧା ନାହିଁ। ତେବେ ଏସବୁ ପ୍ରୟୋଗରେ ଆଣିବାକୁ ଜୟ ଭଗବାନକୁ କିଛି ସମୟ ଲାଗିଲା। ଯେତେବେଳେ ତାକୁ ଛପନ ବର୍ଷ ସେତେବେଳେ ତାର ପ୍ରଥମ କନ୍ୟାରତ୍ନଟିଏ ଜନ୍ମ ନେଲା। ତା'ପରେ ପୁତ୍ରପ୍ରାପ୍ତିର ଲାଳସାରେ ଦୁଇଟି ସନ୍ତାନ ହେଲା ସିନା କିନ୍ତୁ ଦୁଇଟି ଯାକ ସେହି କନ୍ୟା, ପୁଅ ବୋଧେ ତା'ଭାଗ୍ୟରେ ନାହିଁ। ଏବେ ବଡଝିଅକୁ ଚଉଦ ବର୍ଷ। ତା'କୁ ଗ୍ଳରି ବର୍ଷବେଳେ ଥାଳିରେ ବସେଇ ଜଣଙ୍କ ହାତକୁ ଟେକିଦେଇଥିଲା। ଝିଅ ଗୃହଯୋଗ୍ୟା ହେବା ଶୁଣି ସିଏ ତା'ର ଯୁବା ପୁଅପାଖକୁ ନେଇଯିବାକୁ ତନାଘନା କଲାଣି। ହେଲେ କରୋନାକାଳରେ ଛ'ମାସ ଜୟ ଭଗବାନ ଘରେ ବସିଗଲା। ଯାହା ଥିଲା ସବୁ ପାଂଚପ୍ରାଣୀ କୁଟୁମ୍ବଙ୍କ ଦ୍ୱାରା ଚଳୁ ହୋଇଗଲା। ଏବେ ବହୁତ ଜାଗା ଯାଇ ଗ୍ଳକିରି ପାଇଁ ନେହୁରା ହେବା ପରେ ଗୋଟିଏ ରାସ୍ତାକାମ କରୁଥିବା ଠିକାଦାର ଗ୍ଳକିରି ଦେବାକୁ ରାଜି ହେଲା। ହେଲେ ଗ୍ଳକିରି ପାଇଁ ତା'କୁ ଓଡିଶାର ମୟୁରଭଂଜ ଜିଲ୍ଲାର ବୁଢାମରାକୁ ଯିବାକୁ ହେବ। ମାସିକ ଦଶହଜାର ଟଙ୍କା ଖାଇପିଇ ଦରମା ହିସାବରେ ମିଳିବ। ଘରେ ରହିବେ ପତ୍ନୀ ସହିତ ତିନିଝିଅ। ପତ୍ନୀ ଗାଁ ସ୍ତ୍ରୀଲୋକମାନଙ୍କ ସାଙ୍ଗରେ ଅନ୍ୟର ମୂଳପାତି ଲାଗିବାକୁ ଯାଇ କିଛି ଆଣେ। ପାଖରେ ଶଳା ମାନେ ଅଛନ୍ତି। ସେମାନଙ୍କୁ କୁହାକହି କରି ବୁଢା କର୍ମକ୍ଷେତ୍ରକୁ ଗ୍ଳଲିଆସିଲା।

ନୂଆକରି ଠିକାଦାର କ୍ୟାମ୍ପ ଗଢୁଥିବା ସ୍ଥାନୀୟ ମିସ୍ତ୍ରୀ ଓ ସହାୟକମାନଙ୍କୁ ତଦାରଖ କରିବା କାମ ଜୟ ଭଗବାନ ହାତରେ ନ୍ୟସ୍ତ କଲା। ବୁଢାର ଉଚ୍ଚତା ଛଅଫୁଟ। ଠାକରା ଗାଲ, ଆଖିଦୁଇଟା କୋରଡରେ ପଶି ଯାଇଛି। ନରକଙ୍କାଳ ଚେହେରାରେ ରାଜସ୍ଥାନର ଚୁଡିଦାରପାବୀ ପିନ୍ଧିଲେ ଲାଗେ ଯେମିତି ପୋଷାକ ଗୋଟିଏ ଆଲେଣାର ହ୍ୟାଙ୍ଗରରେ ଟଙ୍ଗା ଯାଇଛି। ମାସେ ପରେ ଠିକାଦାର ଏକ ଶୁଭ ମୁହୂର୍ତ୍ତରେ ସ୍ଥାନୀୟ ସାସଂଦ ବିଶୁବାବୁଙ୍କ ହାତରେ ନଡିଆ ଭାଙ୍ଗି କାମ ଆରମ୍ଭ କଲା। ସେଠିକି ସମସ୍ତ ସ୍ଥାନୀୟ ସାମ୍ବାଦିକମାନଙ୍କୁ ଡକାଗଲା। ସାସଂଦ ପଦ୍ମଫୁଲିଆ କୁ ବିଧାୟକ ଶଙ୍ଖୁଆ। ରାଜନୀତି ମହଲ ସରଗରମ ହେଲା। ଶୁଭଦେବା ଜାଗାରେ ପୂଜାପରେ ତମ୍ବୁତଳେ ଛୋଟିଆ ସଭାକରି ଜନସାଧାରଣଙ୍କୁ ବିଶୁବାବୁ ଜଣେଇଲେ ଯେ ଏ'କାମ ପାଇଁ ସିଏ କେତେ କଷ୍ଟ ସହିଛନ୍ତି। କରୋନାକୁ ଭୟ ନକରି ଉଡାଜାହାଜରେ ବସି ଦିଲ୍ଲୀ ଯାଇଛନ୍ତି। ସେଠାରେ ପରିବହନ ମନ୍ତ୍ରୀଙ୍କ ସାକ୍ଷାତ ପାଇଁ ତିନିରାତି ପାଂଚତାରକା ହୋଟେଲରେ ଶୋଇଶୋଇ ବହୁକଷ୍ଟରେ ଅପେକ୍ଷା କରିଛନ୍ତି। ପରିଶେଷରେ ଆଜି ଏ ଗଳାପୋଲ ଦୁଇଟା ଜନତାଙ୍କ ସୁବିଧାପାଇଁ ହେବାକୁ ଯାଇ ସ୍ଥାନୀୟ ଲୋକଙ୍କ ସ୍ୱପ୍ନ ପୁରା ହୋଇପାରିଛି। ତେବେ ସାଂସଦ ଧନ୍ୟବାଦର ପାତ୍ର। ଏସବୁ ଖବରକାଗଜରୁ ପଢି ବିଧାୟକ ଦାମବାବୁଙ୍କ ମଗଜ ଗରମହେଲା। ସହଜେ ପଦ୍ମଫୁଲିଆଙ୍କ ଛାଇ ପଡିଲେ ଶଙ୍ଖୁଆଙ୍କର ନାହିଡିଏଁ। ସହିବ କେମିତି। ଦଳିୟକର୍ମୀଙ୍କୁ ଡାକି ନାଲିଆଖି ଦେଖେଇଲେ। ଶ.. ବାଘ ଘରେ ମିରିଗ ନାଟ। ସିଏ କିଏ ବେ। ଏଠି ମୁଁ ରାଜା। ଏଇଟା ମୋ ଏରିଆ, ମାନେ ମୋତେ ନଜଣେଇ ସେ ଶ. ନଡିଆ ଫଟେଇ ପାଣି ବାହାରକରିବ। ସେ ଠିକାଦାର କଥା ତୁରନ୍ତ ବୁଝ। କିଛିଦିନ ପରେ ସେହି ସାମ୍ବାଦିକମାନଙ୍କ ଭିତରୁ ଜଣେଜଣେ ଠିକାଦାର ପାଖକୁ ଆସି ହପ୍ତା ବିଷୟରେ କଥାହେଲେ। ଠିକାଦାର ବହୁତ କମ୍‌ପଇସାରେ ବଡକାମଟିଏ ପ୍ରଥମଥର ପାଇଁ ନେଇ ଯାଇଛି। ତା'ଉପରକୁ ତା'ପାଖ ପ୍ରତିଯୋଗୀଠାରୁ ଦଶକୋଟି ଟଙ୍କା କମ୍‌ରେ ଏଗ୍ରୀମେଂଟ ଦସ୍ତଖତ କରିଦେଇଛି ଯେତେବେଳେ ମୁଣ୍ଡ ଘାଉଁରୋଉଛି କାମ କେମିତି ସାରିବ! ଏବେ ସମସ୍ତେ ଏଠି ଉଚ୍ଚା ହପ୍ତା ଆଶାରେ ଅଥୟ କଲେଣି। ଅନ୍ୟମାନଙ୍କ କଥା ଛାଡ, କିନ୍ତୁ ସ୍ଥାନୀୟ ପୋଲିସ ଥାନା, ତହସିଲ୍ ଏବଂ ସାମ୍ବାଦିକମାନଙ୍କ ସହ ନେତାମାନଙ୍କ ଖେଳେଇରେ କିଛିକିଛି ନପକେଇଲେ କାମ ଉଠେଇବା କଣ ସହଜ? ଏପରି ଚିନ୍ତାରେ ଠିକାଦାର ଥିବା ବେଳେ ପାଖ ଗାଁଲୋକମାନେ କ୍ୟାମ୍ପରୁ ଚୋରିଚପଟ ଆରମ୍ଭ କଲେ।

କ୍ୟାମ୍ପ ଗ୍ଳରିପଟେ କିଛି ଟୁକୁରା ଲୁହାଛଡକୁ ତିନୋଟି ଲଙ୍ଗଳାଛୁଆ ସନ୍ଧ୍ୟାରେ ଗୋଟାଉଥିବା ଦେଖି ଜୟ ଭଗବାନ ମେସ୍‌ଘରୁ ଦଉଡି ସେମାନଙ୍କୁ ଘଉଡେଇଦେଲା। ସକାଳେ ସେମାନେ ପାଖକେନାଲ ପାଣିରେ ଗାଧୋଇଲା ବେଳେ ଜୟ ଭଗବାନ ସେପଟେ ଗ୍ଳଲଗ୍ଳଲ ହୋଇ ଗଲାବେଳେ ପିଲାମାନେ ଆପେଆପେ ପାଣିରୁ ବାହାରି ଗାଁ ଆଡକୁ ଦୌଡିଲେ ଏବଂ ସେ ବୁଢା ତା'ଙ୍କୁ ଗୋଡାଉଛି ବୋଲି ସେମାନେ ଯାଇ ତା'ଙ୍କ ଘରେ ମା ବାପାଙ୍କୁ କହିଲେ। ସେଠାକାର ଜନୈକ ସାମ୍ବାଦିକ ହୋତା ଠିକାଦାରପାଖରୁ କିଛି ନିଜିକାମ ପାଇଁ ଯାଇ ନିରାଶ ହୋଇ ଫେରିଥିଲା। ତା'କୁ ସୁବର୍ଣ୍ଣ ସୁଯୋଗଟିଏ ମିଳିଗଲା ଠିକାଦାର ଉପରେ ପ୍ରତିଶୋଧ ନେବାପାଇଁ। କାହାମୁଣ୍ଡରେ ଏମିତି ଏକ ଉପାୟ ଜୁଟିଲା କେଜାଣି! ଏହି ସାମାନ୍ୟ ଘଟଣାକୁ ରୂପ ଦିଆଗଲା ଯେ ସେ ଜୟ ଭଗବାନ ବୁଢା ସେହି ଲଙ୍ଗଳା ଗାଁଛୁଆମାନଙ୍କୁ ବଳିଦେବା ଉଦ୍ଦେଶ୍ୟରେ ଧରିବାପାଇଁ ଗୋଡାଉଛି। ଏ'କଥା ଶୁଣି ଗାଁଲୋକ ବାଉଁଶ ଠେଙ୍ଗା ଧରି ଶହେଦେଢଶ ସଂଖ୍ୟାରେ କ୍ୟାମ୍ପର ସମସ୍ତ ହିନ୍ଦୀଭାଷି ଅନ୍ତେବାସୀମାନଙ୍କ ଉପରେ ଆକ୍ରମଣ କରିଦେଲେ। ସମସ୍ତ ଅଧିକାରୀଙ୍କୁ ଅନ୍ଧାଧୁନ ପିଟିବାକୁ ଲାଗିଲେ ଏବଂ ଜୟ ଭଗବାନକୁ ନିର୍ଦ୍ଦୟ ଭାବରେ ବହୁତ ପିଟିପିଟି ଧାରାସାୟୀ କରିଦେଲେ। ତା'ର ବିକଳ ଆର୍ତ୍ତ ଚିତ୍କାର କାହାର କାନ ଭିତରେ ପଶୁନଥାଏ। ପୋଲିସଦଳ ଆସି ସେ ସମସ୍ତ ମାଡଖିଆ ଲୋକମାନଙ୍କୁ ସେଠାରୁ ଥାନାକୁ ନେଇ ତଦନ୍ତରୁ ଜାଣିଲେ ଯେ ଜୟ ଭଗବାନ ବଳିପାଇଁ ଛୁଆମାନଙ୍କୁ ଗୋଡାଉଥିଲା। ସମସ୍ତ ଖବରକାଗଜରେ ସକାଳେ କଥାଟି ଛପାହେଲା ଏବଂ ଓଟିଭିରେ ମଧ ଏହି ଘଟଣାଟିକୁ ସୁନ୍ଦରଭାବରେ ପ୍ରସାରଣ କରାଗଲା। ଏଠି ତିନିତୁଣ୍ଡ ନୁହେଁ ଛଅତୁଣ୍ଡରେ ଜୟ ଭଗବାନ ଦୋଷୀ ସାବ୍ୟସ୍ତ ହୋଇ କାରାଗାର ଭିତରେ ପଶିଲା। ଠିକାଦାରଠାରୁ ନିରାଶ ହୋଇ ସାମ୍ବାଦିକମାନେ ନାରାଜ, ପୋଲିସ ନାରାଜ ଏବଂ ଗଣ୍ୟମାନ୍ୟ ନେତୃତୁଲ୍ୟ ବ୍ୟକ୍ତିବିଶେଷ ବି ଗ୍ଳନ୍ଦାଭେଦାରୁ ବଂଚିତ ଥିବାରୁ ମିଛ ଘଟଣାଟିକୁ ସତ ଘଟଣାରେ ରୂପାନ୍ତରିତ କରି ନିଜର ପେଟପାଟଣା ଉଦ୍ଦେଶ୍ୟରେ ପଶ୍ଚିମଭାରତରୁ ପୂର୍ବଭାରତକୁ ନିଜେ ବଂଚି ପରିବାର ବଂଚଇବା ପାଇଁ ଆସି ବିଚରା ଗୁଡାଏ ମାଡଖାଇଲା। ଠିକାଦାର ଭାବୁଛି ଯାହାହେଉ ଏତେ ମାଡଖାଇ ବି ଜୟ ଭଗବାନ ବଂଚିଗଲା। ଯଦି ମରିଯାଇଥାନ୍ତା ତେବେ ତା'ଝିଅକୁ କିଏ ବାହା ଦେଇଥାନ୍ତା? ତା'ପରିବାରକୁ ଭରଣପୋଷଣ କରିବାପାଇଁ କିଏ ଆଗକୁ ଆସିଥାନ୍ତା। ବିଚରା ସ୍ତ୍ରୀ ସହ ତିନିଟା ମାଈପିଲା ଭାସି ଯାଇଥାନ୍ତେ। ଭଗବାନ ହିଁ ବଡଲୋକ, ବଂଚେଇ ଦେଲା। ପିଲାକୁ ବଳି ଦେବାରେ ଥିଲେ କ'ଣ ଜଣେ ଦିବାଲୋକରେ ରାଜରାସ୍ତାରେ ଗୋଡାଇବ! ଜଣେ ସତୁରି ବର୍ଷୀୟ ବୁଢା ଏକାକାଳୀନ ଏକ ନୁହେଁ ଦୁଇ ନୁହେଁ ଗ୍ଳରିଜଣକୁ ବଳି ଦେବାପାଇଁ ଗୋଟେଇ ଗୋଟେଇ ଧରିବାର ପ୍ରଚେଷ୍ଟା କରିବ! ଧନ୍ୟ ଆମ ସମାଜ, ଧନ୍ୟ ସେସବୁ ଅଧିକାରୀଙ୍କ ତଦନ୍ତ। ପାଠକମାନଙ୍କ ଭିତରୁ କେହି କହିପାରନ୍ତି ଯେ ସ୍ତମ୍ଭକାରର ବୁଦ୍ଧିଶୁଦ୍ଧି କ'ଣ ସେଠାକାର ଭାରପ୍ରାପ୍ତ ପୋଲିସ ଅଫିସର୍‌ଙ୍କ ଠାରୁ ବେଶୀ। ତାପରେ ଆମ ଗଣତନ୍ତ୍ର ଶାସନରେ ସାମ୍ବାଦିକମାନେ ଚତୁର୍ଥ ସ୍ତମ୍ଭ, ସେମାନେ ସବୁ ଜାଣିବା ନର। ନାରଦମୁନିଙ୍କର ପ୍ରତିନିଧି ମିଛ କାହିଁକି ଲେଖିବେ? କିନ୍ତୁ ଏହି ଘଟଣାଟି ନିଛକ ମିଛ। ସେ ବୁଢା ସମ୍ପୂର୍ଣ୍ଣ ନିର୍ଦ୍ଦୋଷ। ତେବେ ଯାହା ତ ହେବା କଥା ହେଲାଣି। ଠିକାଦାର ବୁଦ୍ଧି ଶିଖିଲା, ଏବେ ଦୁଆର ଦୁଆର ବୋଲି ସମାଧାନର ରାସ୍ତା ଖୋଜୁଛି। ହପ୍ତା ଆରମ୍ଭ ବିନା କାମ ଆରମ୍ଭ କରିବା ସତରେ ବହୁତ ବଡ ଅପରାଧ। ତେବେ ଉତ୍ତର ଓଡିଶାର ମୟୁରଭଂଜ ଜିଲ୍ଲାର ବୁଢାମରା ଗାଁ ନିଜର ନାମକୁ ଆଉଥରେ ସାର୍ଥକ କରିବାକୁ ଯାଇଁ ସେଦିନ ଗୋଟିଏ ନିର୍ଦ୍ଦୋଷ ବୁଢାକୁ ସେହି ପବିତ୍ରମାଟିରେ ମାରୁମାରୁ ଜୀବନରେ ମାରି ଦେଇଥାନ୍ତା। କିନ୍ତୁ ନିୟତିର ନିର୍ଦ୍ଦେଶ ଭିନ୍ନ, ମିଛ ଘଟଣାର ଶିକାର ହୋଇ ବିଚରା ଗରିବ ବୁଢାଟିଏ ଦିନେ କାରାଗାରର ଗ୍ଳରିକାନ୍ଥ ଭିତରେ ରହିଲା ପରେ ଅନେକ ଏବେ କହିଲେଣି ଘଟଣାଟି ମିଛ ବୋଲି। କିଏ ଜଣେ ସାହାଯ୍ୟ କରିବାରୁ ଦିନକ ପରେ କାରାଗାରରୁ ମୁକ୍ତି ମିଳିଲା। ହଲେ ଏବେ ଭାବୁଛି ଆଉ ଏଠି କାମ କରିବନି, ପରିବାର ଭାସିଗଲେ ଭାସି ଯାଆନ୍ତୁ ପଛେ ସିଏ କାମ ଛାଡି ଘରକୁ ଫେରିଯିବ। ସେଥିପାଇଁ ଯଥାର୍ଥରେ କୁହାଯାଇଛି 'ତିନି ତୁଣ୍ଡରେ ଛେଳି କୁକୁର।'

(ସମାପ୍ତ)


ଖଣ୍ଡଗିରି, ଭୁବନେଶ୍ୱର-୧୯
bdpanda1@gmail.com,
ମୋ-୯୪୩୯୧୨୮୦୫୦


## କବିତା କୋଣାର୍କ

### ତୁମେ ଆଉ ମୁଁ...

**ଅମୂଲ୍ୟ କୁମାର ପଣ୍ଡା**

ତୁମେ ଗୋଲାପର ସଦ୍ୟ ପାଖୁଡ଼ାଟେ
ଉଦ୍ୟାନର ଶୋଭା ରାଜି
ମୁହିଁ ସେ ଉଦ୍ୟାନେ ସଜାଗ ପ୍ରହରୀ
କ୍ଳାନ୍ତ ମାଳିଟିଏ ସାଜି।
ତୁମେ ଫୁଲଟିରେ ଲୁଚି ରହିଥିବା
ସୁନ୍ଦର ବୃନ୍ତର ଛିଟ
ମୁହିଁ ଅସ୍ତବ୍ୟସ୍ତ ଖୋଜି ବୁଲୁଥିବା
ମଧୁ ମକ୍ଷିକାର କୀଟ।
ତୁମେ ମହମହ ବିତରିତ ପୁଷ୍ପ
ମଧୁ ମାଳତୀର ବାସ
ମୁହିଁ ଚନ୍ଦ୍ରାଲୋକ ଜ୍ୟୋତ୍ସ୍ନାରେ ବିଭୋର
ପୂର୍ଣ୍ଣମୀ ରାତିର ରାସ।
ତୁମେ ଝରଝର ଝରି ପଡୁଥିବା
ଝରଣାର ଶୁଦ୍ଧ ଜଳ
ମୁହିଁ ଅଙ୍କୁରିତ ପଙ୍କର ମଧ୍ୟରେ
ଟୁବି ଗାଡ଼ିଆର ଦଳ।
ତୁମେ ହିମାଳୟେ ମୁଣ୍ଡ ଟେକିଥିବା
ଏଭେରେଷ୍ଟ ଗିରି ଶୃଙ୍ଗ
ମୁହିଁ ଅର୍ଦ୍ଧଭଗ୍ନ ନିହାଣ ମୁନର
ବାରବାଟି ମହା ଦୁର୍ଗ।
ତୁମେ ମରୁଭୂମି ଆଶାର ଆଲୋକ
ଫୁଲା ଫୁଲା ଭରା ନଈ
ମୁହିଁ ସ୍ମୃତି ପଟ ଅଲିଭା କାଗଜ
ଫର୍ଦ୍ଦ ଫର୍ଦ୍ଦ ଛିଣ୍ଡା ବହି।
ତୁମେ ସରଗର ସୁନ୍ଦର ପରୀଟେ
ପ୍ରୀତି ମମତାର ମୋହ
ମୁହିଁ ରାତ୍ରିଚର ତୁମରି ପ୍ରେମିକ
ଛାତି ଭରା ହୃଦ କୋହ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ:୯୯୩୮୯୦୬୦୭୦

### ଫୁଲ ଚୋରି...

**ଡଃ ମାଙ୍ଗଳିକା ମହାପାତ୍ର**



ପିଲାଦିନର ସ୍ମୃତି ସବୁ
ଏବେ ଲାଗେ ତାଜା ତାଜା
କରୁଥିଲି କଣ୍ଢେଇ ବାହାଘର
ବନି ରାଣୀ ରାଜା...
ଖୁଦୁରୁକୁଣୀ ଓଷାରେ
ହୋଇ ଉଜାଗର
ଅଧରାତିରେ ବନୁଥିଲି
ପଡ଼ିଶାଘର ଫୁଲ ଚୋର
ଯଦିଓ ସେଥିଲାଗି ଖାଉଥିଲି
ବୋଉକୁ ଢ଼େର ଗାଳି
ହେଲେ ବାପା ସବୁବେଳେ
ନେଉଥିଲେ ମତେ ସମ୍ଭାଳି
ରଜରେ ମାମୁଁ ଘରେ
ଖେଳୁଥିଲି ପଟା ଦୋଳି
ସଦା ଯହିଁ ଲାଗିଥାଏ
ଭାଇ ଭଉଣୀଙ୍କ ଗହଳି
କାହିଁଗଲା ସେ ସବୁ ଦିନ
ଭାଙ୍ଗିଗଲା ସେ ମନ
ଆଜି ଭାବିଲେ ପଛ କଥା
ମିଛ ମିଛ ଲାଗେ
ସେ ସମୟ ଆଉ କି ଫେରିବ
ମନେ ମନେ ଭାବେ...

ପ୍ଲଟ ନଂ ୩୫୩, ପ୍ରଶାନ୍ତି ବିହାର
କିଟ୍ ମହାବିଦ୍ୟାଳୟ

### ପଥରର ଆତ୍ମକଥା...

**ଝରଣା ବାରିକ**

ନିହାଣ ମୁନର ଶକ୍ତ ପ୍ରହାରରେ
ଆଘାତ ସିନା ମୁଁ ସହେ,
ମୁଁ କେତେ ସୁନ୍ଦର ସତରେ ହେଇଛି
ଦେଖୁଥିବା ଲୋକ କହେ।
ସେ କାହୁଁ ବୁଝିବ ଅନ୍ତର ବେଦନା
ମୁଁ କି ତାକୁ କହି ପାରେ
ପଥର ମୂର୍ତ୍ତି ମୁଁ କେମିତି କହିବି
ନିଷ୍ଠୁର ସେ ହେଇ ପାରେ।
ତା ପାଇଁ ମୁଁ ଆଜି ମନ୍ଦିରେ ବସିଛି
ଖରା ଧାସ ବାଜେ ନାହିଁ,
ସେତିକି କଷ୍ଟ ବା ସହି ମୁଁ ନ ଥିଲେ
ମତେ କେ ପୂଜନ୍ତା କାହିଁ।
ଗାଧୁଆ ତୁଠରେ ମନ୍ଦିର ବାହାରେ
ସେମିତି ମୁଁ ରହିଥାନ୍ତି,
କେ ଗୋଡ଼ ଘସନ୍ତା ନଡ଼ିଆ ପିଟନ୍ତା
ସୁଖ କାହିଁ ପାଇଥାନ୍ତି।
ଯେତେ କଷ୍ଟ ମିଳୁ ତାକୁ ସହିଗଲେ
ନିଶ୍ଚୟ ମିଳିବ ସୁଖ,
ଯେତେଥର ସୁନା ନିଆଁରେ ପଡ଼ିଲେ
ତା ମହତ ଗୁଣ ଦେଖ।

ସମଲ, ତାଳଚେର, ଅନୁଗୁଳ
ମୋ: ୯୫୫୬୮୪୬୯୩୨

## ଆମେ ଗଢ଼ିବା ଆମ ପିଲାଙ୍କୁ


**ଅକ୍ଷୟ ପଣ୍ଡା**
ଆଳି, ଲୋକାପଡ଼ା
ମୋ - ୯୩୩୪୭୯୨୩୦୭


ସକାଳ ପୂଜା ସାରି ମୁଁ ମନ୍ଦିରରୁ ଫେରୁଥାଏ । ପୁରୁଣା ବଜାର ପାଖରେ ହରେକୃଷ୍ଣ ବାବୁ ଦେଖା ହେଲେ । ହସି ହସି କହିଲେ ମୁଁ ବି ଯାଉଛି ମନ୍ଦିରକୁ ଠାକୁରଙ୍କୁ ପୂଜା କରିବି । ଆଉ ବର ମାଗିବି ମୋ ପୁଅ ବିଶ୍ୱଜିତ୍‌କୁ ଭଲ ପାଠ ଦିଏ ।

ମୁଁ ବି ଠୋ ଠୋ ହୋଇ ହସିଲି । ଭଗବାନ ଭଲ ମନ ଦେଇ ପାରିବେ । ଭଲ ପାଠ ପଢ଼ିବାକୁ ହେଲେ ପିଲାଙ୍କୁ ସ୍ୱୟଂ ଅଧ୍ୟୟନ କରିବା ଆବଶ୍ୟକ । ଆଜି କାଲି ପିଲାମାନେ ଜ୍ଞାନ ଆହରଣ ପ୍ରତି ଆଗ୍ରହ କମି ଆସୁଛି । ଏହାର କାରଣ ଆମ୍ଭେମାନେ । ତେଣୁ କଥାରେ କହନ୍ତି -

"ସୁଖାର୍ଥୀ ତେଜ୍ୟତେ ବିଦ୍ୟା
ବିଦ୍ୟାର୍ଥୀ ତେଜ୍ୟତେ ସୁଖମ"

ଆମ୍ଭେମାନେ ପିଲାମାନଙ୍କୁ ବିଳାସ ବେଶନର ସମସ୍ତ ସୁଖ ଶାନ୍ତି ପ୍ରଦାନ କରୁଛୁ । ପାଠ୍ୟ ଉପକରଣ ଯୋଗାଇ ଦେଉଛୁ । ହେଲେ ସେମାନଙ୍କର ଦେଖା ଶୁଣା ପାଇଁ ଅଭିଭାବକଙ୍କ ପାଖରେ ସମୟ ନାହିଁ । ଈଶ୍ୱର ସବୁବେଳେ ସବୁ ସମୟରେ ସମସ୍ତିଙ୍କୁ ସାହାଯ୍ୟ କରିପାରିବେନି । ସେଥିପାଇଁ ପିତାମାତାଙ୍କ ଉପରେ ଗୁରୁ ଦାୟିତ୍ୱ ଦେଇଥାନ୍ତି । ନିଜ ସନ୍ତାନ ସନ୍ତତିକୁ ଭଲ ମଣିଷ କରି ଗଢ଼ି ତୋଳିବା ପାଇଁ । ସେମାନେ ଯେପରି ସେମାନଙ୍କ ଜୀବନ ସଂଗ୍ରାମ ହାରି ନଯାଆନ୍ତି ।

ଆମେ ଆମ ପରିବାର ଶ୍ରେଷ୍ଠ ଅମୂଲ୍ୟ ରତ୍ନକୁ ପାଖରେ ଆଡ଼େଇ ପାର୍ଥିବ ଧନ ଦୌଲତ ପଛରେ ଦୌଡ଼ୁଛୁ । ଜୀବିକା ନିର୍ବାହ ପାଇଁ ଧନର ଆବଶ୍ୟକତା ଅଛି । ତାକୁ କେହି କେବେ ଅସ୍ୱିକାର କରିପାରିବେ ନାହିଁ । ମାତ୍ର କେତେକାଂଶ ଅଭିଭାବକ ମାନେ ଅଧିକ ଧନ ପାଇବା ଆଶାରେ ନିଜ ପିଲାମାନଙ୍କ ପ୍ରତି ଧ୍ୟାନ ଦେଇ ପାରୁ ନାହାନ୍ତି । ଯାହା ସ୍ନେହ ମମତା ହିନ ଯନ୍ତ୍ରବତ ମଣିଷଟିଏ ଗଠନ କରୁଛି । ତେଣୁ କଥାରେ କହନ୍ତି -

"ପୁଅ ଯଦି ଯୋଗ୍ୟ ହୁଏ ଧନ
କାହା ପାଇଁ ଛଞ୍ଚୁ
ପୁଅ ଯଦି ଅଯୋଗ୍ୟ ହୁଏ ଧନ
କାହା ପାଇଁ ଛଞ୍ଚୁ ।"

ଅଭିଭାବକ ମାନଙ୍କୁ ଜାଣିବା ଦରକାର ସେମାନଙ୍କ ପିଲାମାନେ କେଉଁ ମାନଙ୍କ ସହିତ ମିଶୁଛନ୍ତି ? ସେମାନଙ୍କ ଆଚାର ବିଚାର କିଭଳି ?

ଖାଲି ସେତିକି ନୁହେଁ ଅଭିଭାବକ ମାନେ ନିଜ ପିଲାମାନଙ୍କୁ ପସନ୍ଦ ଅପସନ୍ଦ, ସୁଗୁଣ, ଦୁର୍ଗୁଣ ବିଷୟରେ ଜାଣିବା ଦରକାର । ସବୁଠାରୁ ବଡ଼ ଦୌଲତ ପିଲାମାନେ । ତେଣୁ ପ୍ରତ୍ୟେକ ଅଭିଭାବକ ସେମାନଙ୍କ ପିଲା ମାନଙ୍କୁ ଧ୍ୟାନ ଦିଅନ୍ତୁ । . ସେମାନଙ୍କ ପାଖରେ ବସନ୍ତୁ । ପାଠ ପଢା ଜନିତ ସୁବିଧା ଅସୁବିଧା ବିଷୟରେ ଜାଣିବାକୁ ଚେଷ୍ଟା କରନ୍ତୁ । କେଉଁ ବିଷୟରେ ପିଲାମାନଙ୍କର ବୁଝିବାରେ ଅସୁବିଧା ହେଉଛି ପଚାରନ୍ତୁ । ଆଉ ବିଳମ୍ବ ନ କରି ତା ପାଇଁ ସମାଧାନର ବାଟ ଖୋଜନ୍ତୁ ।

ପାଠ ପ୍ରତି ଡ଼ର ଭୟ ସୃଷ୍ଟି କଲେ ପିଲାମାନେ ଆଦୌଉଁ ପଢିବେନି । ଖାଲି ବହି ଧରି ବସି ରହିବେ । ଯଦି ସେମାନଙ୍କ ମନରେ ପାଠ ପଢା ପ୍ରତି ଆଗ୍ରହ ସୃଷ୍ଟି କରିପାରିବେ । ପିଲାମାନେ ନିଶ୍ଚୟ ପଢିବେ ।

ଅଭିଭାବକ ମାନେ ବିଭିନ୍ନ କ୍ଷେତ୍ରରେ ସଫଳତା ଲାଭ କରିଥିବା ବାଳକ ବାଳିକା ମାନଙ୍କର ଉଦାହରଣ ଦେଇ ପାରିବେ । ବଡ଼ ଲୋକମାନଙ୍କ ଜୀବନି ଓ ତାଙ୍କ ସଫଳତା କାହାଣୀ ଶୁଣାନ୍ତୁ ।

ବସି ଶୋଇବା ଲୋକର ଭୂତ କୋଠରି ର ଚିନ୍ତା । ଏ କଥା କହିବାର ଅର୍ଥ ହେଲା । ଅଳସୁଆ ଭାବେ ସେମାନଙ୍କ ବହୁ ମୂଲ୍ୟ ସମୟ ନଷ୍ଟ କରନ୍ତୁ ନାହିଁ । ଡ୍ରାଇଗ୍ରାମ ବନାଇବା, ମାନଚିତ୍ର ଭରିବା, ଡ୍ରଇଂ ଆଙ୍କିବା, ରଚନା, ପତ୍ରଲିଖନ, ଗଳ୍ପ କବିତା ଆଦି ଲେଖିବାକୁ କୁହନ୍ତୁ ।

ସେମାନଙ୍କ ବଛା ବଛା ଚିତ୍ର, ଗଳ୍ପ ବା କବିତା ଗୁଡ଼ିକୁ ବିଭିନ୍ନ ପତ୍ର ପତ୍ରିକାକୁ ପ୍ରକାଶ ପାଇଁ ପଠାନ୍ତୁ । ନତୁବା ଡ୍ରଇଂଙ୍ଗ ରୁମରେ ସଜାଇ ରଖନ୍ତୁ । ଅନ୍ୟମାନଙ୍କୁ ତାହା ଦେଖାଇ ତାର ପ୍ରଶଂସା କରନ୍ତୁ । ତା ଦ୍ୱାରା ପିଲାମାନଙ୍କ ଆଗ୍ରହ ବଢିବ । ସେମାନଙ୍କର ଅନ୍ତରନିର୍ହିତ ଗୁଣର ବିକାଶ ହେବ । ପିଲାମାନଙ୍କୁ ବଡ଼ ପାଟିରେ ପଡିବାକୁ କୁହନ୍ତୁ । ଶଦ୍ଦର ଠିକ୍ ଉଚ୍ଚାରଣ ପ୍ରତି ଧ୍ୟାନ ଦିଅନ୍ତୁ । ସକାଳ ଓ ସନ୍ଧ୍ୟା ସମୟରେ ନୂଆ ନୂଆ ପ୍ରାର୍ଥନା ବା ଗୀତ ବୋଲିବାର ଅଭ୍ୟାସ କରାନ୍ତୁ । ତା ଦ୍ୱାରା ପିଲାମାନଙ୍କର ବାକ ଶକ୍ତି ବୃଦ୍ଧି ପାଇବ ।

ପ୍ରତି ଦିନ ଲେଖିବାର ଅଭ୍ୟାସ କରାନ୍ତୁ । ସୁନ୍ଦର ଅକ୍ଷର ଜ୍ଞାନର ମୁହଁ ସଦୃଶ୍ୟ । ତାହା ସେମାନଙ୍କର ଭବିଷ୍ୟତ ଗଢିବାଟା ସହାୟକ ହେବ ।

"ଥିଲେ ଥାଉ ପଛେ ଗୁଣ ହଜାର
ଚରତ୍ର ନ ଥିଲେ ସବୁ ଅସାର । "

ପିଲାମାନଙ୍କର କଥା ବାର୍ତ୍ତା ଆଚାର ବ୍ୟବହାର ଚାଲି ଚଳନ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ସୁନ୍ଦର ବ୍ୟବହାର ସୁନ୍ଦର ରୂପ ଠାର ଅଧିକ ମୂଲ୍ୟବାନ । ଯେପରି ପିଲାମନେ ଗାଳି ଗୁଲଜ ଅପ ଶଦ୍ଦ ବ୍ୟବହାର ନ କରନ୍ତି ସେଥିପ୍ରତି ସଚାଗ ହୁଅନ୍ତୁ ।

ସଚେତନ ହୁଅନ୍ତୁ ଯେପରି ମିଛ କହିବା, ଲୁଚେଇ ଚୋରେଇ ଆଣିବା, ନିଶା ସେବନ କରିବା ଭଳି କାର୍ଯ୍ୟରୁ ପିଲାମାନେ ଯେପରି ଦୂରେଇ ରହନ୍ତି । ଯଦି ସେପରି କିଛି ତୃଟି ଅଭିଭାବକମାନେ ପାଆନ୍ତି । ସେମାନେ ସେମାନଙ୍କ ପିଲାଙ୍କୁ ଏକାନ୍ତର ବୁଝାନ୍ତୁ । ସ୍ନେହ ମମତା ଉପଦେଶ ବଳରେ ସବୁବେଳେ ସଂଶୋଧନ ବାଟ ଫିଟି ଥାଏ ।

ସୁନ୍ଦର ମନ ହେଲେ ସୁନ୍ଦର କଥା ଶିକ୍ଷା ଲାଭ କରି ପାରିବ । ତେଣୁ ଅଭିଭାବକ ମାନେ କେବେ କେବେ ଛୋଟ ପିଲାମାନଙ୍କୁ ଷ୍ଟାଡ଼ିୟମ ବା ଖେଳ ପଡ଼ିଆକୁ ନିଅନ୍ତୁ । ସେମାନଙ୍କ ଖେଳ କୁଦ ହସ ଖୁସିରେ ସାମିଲ ହୁଅନ୍ତୁ । ସେମାନଙ୍କ ଖେଳ କୁଦ ଦେଖିଲେ ପିଲଟିର ମନବଳ ବୃଦ୍ଧି ପାଇବ । ପିଲାଟି ସତ୍ୟ ନିଷ୍ଠାବାନ, ନିର୍ଭିକ ହୋଇ ଦୁନିଆରେ ସମସ୍ତିଙ୍କର ପ୍ରିୟ ଭାଜନ ହୋଇ ପାରିବ । ପ୍ରତ୍ୟେକ ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ସୁଶିକ୍ଷିତ ଚରିତ୍ରବାନ କରି ଗଢି ତୋଳିବା ଦରକାର । ଭଲ ମଣିଷ ଭଲ ଦେଶ ଗଢି ପାରିବେ । ସରସ ସୁନ୍ଦର ସମୃଦ୍ଧିଶାଳୀ ଦେଶ ସମସ୍ତେ ଚାହାନ୍ତି । ଆସ ଆମେ ଗଢିବା ଆମ ପିଲାମାନଙ୍କୁ ।

## ଗ୍ରେଟ୍ ହିମାଲୟାନ୍ ନେସ୍‌ନାଲ୍ ପାର୍କ

ହିମାଚଳ ପ୍ରଦେଶର କୁଲ୍ଲୁ ଜିଲ୍ଲାରେ 'ଗ୍ରେଟ୍ ହିମାଲୟାନ୍ ନେସ୍‌ନାଲ୍ ପାର୍କ' ଅବସ୍ଥିତ । ସମୁଦ୍ର ପତ୍ତନଠାରୁ ୧୫୦୦-୬୦୦୦ ମିଟର୍ ଉଚ୍ଚତାରେ ଏହି ଜାତୀୟ ଉଦ୍ୟାନ ପ୍ରାୟ ୧୧୭୧ ବର୍ଗ କିଲୋମିଟର୍ ଅଞ୍ଚଳକୁ ବ୍ୟାପ୍ତ । ୧୯୮୪ରେ ଏହି ଜାତୀୟ ଉଦ୍ୟାନ ସ୍ଥାପିତ ହୋଇଥିଲା । ଏହା ୩୧ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୧୮୧ ପ୍ରଜାତିର ପକ୍ଷୀ, ୩ ପ୍ରଜାତିର ସରୀସୃପ, ୯ ପ୍ରଜାତିର ଉଭୟଚର ପ୍ରାଣୀ, ୧୧ ପ୍ରଜାତିର ଅଙ୍ଗୁରୀୟମାଳ (annelid), ୧୭ ପ୍ରଜାତିର କମ୍ବୋଜ (mollusk), ୧୧୭ ପ୍ରଜାତିର କୀଟ-ପତଙ୍ଗଙ୍କ ବାସସ୍ଥାନ । ଏହି ଜାତୀୟ ଉଦ୍ୟାନ ମଧ୍ୟରେ ବିଭିନ୍ନ ଉଚ୍ଚତାରେ ଗୁଡିଏ ଉପତ୍ୟକା ଅବସ୍ଥିତ । କେବଳ ପାଦରେ ଚାଲିଚାଲି ସେସବୁ ଦେଖିବା ସଂଭବ । ସେପ୍‌ଟେମ୍ବର୍‌ରୁ ନଭେମ୍ବର୍ ସର୍ବୋତ୍ତମ ପର୍ଯ୍ୟଟନ କାଳ । ଏହି ସମୟରେ ନୀଳ ମେଷ, କସ୍ତୁରୀ ମୃଗ, ହିମ ଚେନ୍ଦୁଆ, ବାଦାମୀ ଭଲ୍ଲୁକ, ପାହାଡୀ ଛଗଳ ଆଦି ଆଖିରେ ପଡନ୍ତି । ଏଠାରେ ଶିକାର ନିଷିଦ୍ଧ । ୨୦୧୪ ରେ ଏହି ଜାତୀୟ ଉଦ୍ୟାନକୁ ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରଦାନ କରାଯାଇଥିଲା ।



## ମେକ୍-ଅପ୍ ପରର ତ୍ୱଚା ଚର୍ଚ୍ଚା

ପ୍ରତ୍ୟେକ ଯୁବତୀ ଓ ମହିଳାଙ୍କର ମେକ୍-ଅପ୍ ପ୍ରତି ଅହେତୁକ ଦୁର୍ବଳତା ରହିଛି । ବିଶେଷ ଅବସରରେ ସଜ ହେବାର ମଜା ଅଲଗା ଥାଏ । ତେବେ ମେକ୍-ଅପ୍ ପରେ ଆପଣ କେବେ ଚିନ୍ତା କରଛନ୍ତି କି ତ୍ୱଚା ଆପଣଙ୍କର ରାସାୟନିକ ତତ୍ତ୍ୱରେ ବାନ୍ଧି ହୋଇରହିଛି । ଆପଣଙ୍କ ତ୍ୱଚା ମଧ ଅମ୍ଳଜାନ ନେବା ଜରୁରୀ । ଏଣୁ ମେକ୍-ଅପ୍ ପରେ ହିଁ ନିଜ ତ୍ୱଚାର ସୁନ୍ଦର ଚର୍ଚ୍ଚା କରନ୍ତୁ ।

ମେକ୍-ଅପ୍‌କୁ ଭଲଭାବରେ ପୋଛିବା ପରେ ଆର୍ଗାନିକ୍ ଟୋନର୍‌ରେ ତ୍ୱଚାକୁ ଭଲଭାବେ ପୋଛିନେବେ । ଏହା ଦ୍ୱାରା ତ୍ୱଚାରେ ଚମକ ଆସିଥାଏ । ନିୟମିତ ଭାବେ କାର୍ଯ୍ୟାଳୟ ପାଇଁ ହାଲ୍‌କା ମେକ୍-ଅପ୍ କରୁଥିଲେ, ଘରକୁ ଫେରିବା ପରେ ଅଲିଭ ତେଲ କିମ୍ବା ନଡିଆ ତେଲରେ ତ୍ୱଚାର ମାଲିସ୍ କରନ୍ତୁ ।

◆ ମେକ୍-ଅପ୍ କାରଣରୁ ଆମ ତ୍ୱଚାରେ ବ୍ରଣ ହୋଇଥାଏ । ଏଥିରୁ ରକ୍ଷା ପାଇବାକୁ ହେଲେ ସପ୍ତାହକୁ ୨-୩ ଥର ଘରୋଇ ଫେସପ୍ୟାକ୍ ଲଗାନ୍ତୁ । ସମସ୍ତ ସମସ୍ୟା ଦୂର ହୋଇଯିବ ।

◆ ମେକ୍-ଅପ୍ କାରଣରୁ ଆଲର୍ଜି ହେଉଥିଲେ ପୋଛିବା ପରେ ତ୍ୱଚାରେ ଘିକୁଆଁରି ରସ, କେବି ଅଏଲର ପ୍ରୟୋଗ କରିବା ଉଚିତ୍ ।

◆ ଲିପ୍‌ଷ୍ଟକ୍ ପୋଛିବା ପରେ ଓଠରେ ଘିଅ ନଚେତ୍ ନଡିଆ ତେଲ ତୁରନ୍ତ ଲଗାନ୍ତୁ ।



## କମ୍ ବୟସରେ ମେଦବୃଦ୍ଧି ମସ୍ତିଷ୍କକୁ ସଙ୍କୁଚିତ କରେ

ସାଧାରଣତଃ ମେଦବୃଦ୍ଧି, ଡାଇବେଟିସ୍, ଉଚ୍ଚ ରକ୍ତଚାପ ଏପରି କି ନିଶାଦ୍ରବ୍ୟ ସେବନ ମସ୍ତିଷ୍କ ସଙ୍କୋଚନର ଗୋଟିଏ ଗୋଟିଏ କାରଣ । ସନ୍ତୁଳିତ ଖାଦ୍ୟ ନ ଖାଇଲେ କିମ୍ବା ନିୟମିତ ବ୍ୟାୟାମ ନ କଲେ ଏହାର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିଥାଏ । ଆଉ ଏହା ଦ୍ୱାରା ମସ୍ତିଷ୍କ ସିଧାସଳଖ ପ୍ରଭାବିତ ହୋଇଥାଏ ବୋଲି ଆମେରିକାସ୍ଥିତ ବୋଷ୍ଟନ୍ ୟୁନିଭର୍ସିଟିର ସ୍କୁଲ ଅଫ୍ ମେଡିସିନ୍‌ର ବିଶେଷଜ୍ଞମାନେ କହିଛନ୍ତି । ସେମାନଙ୍କ ଦ୍ୱାରା ହୋଇଥିବା ଗବେଷଣାରେ ୧୫୮୩ ଜଣ ବ୍ୟକ୍ତିଙ୍କୁ ସାମିଲ କରାଯାଇଥିଲା । ଦୀର୍ଘ ୨୦ ବର୍ଷ ପର୍ଯ୍ୟନ୍ତ ପ୍ରତିଦିନ ସେମାନଙ୍କର ଟ୍ରେଡ୍‌ମିଲ୍ ପରୀକ୍ଷା କରାଯାଉଥିଲା । ଶେଷରେ ଜାଣିବାକୁ ମିଳିଥିଲା ଯେ, ଜଣେ ବ୍ୟକ୍ତି ଯଦି ସବୁ ଦୃଷ୍ଟିରୁ ଫିଟ୍ ନ ରୁହନ୍ତି ତେବେ ତାଙ୍କର ମସ୍ତିଷ୍କ ସଙ୍କୁଚିତ ହେବାର ଆଶଙ୍କା ଅଧିକ ରହିଥାଏ । ବିଶେଷ କରି ଏହିପରି ସମସ୍ୟା ଛୋଟବେଳୁ ହୋଇଥାଏ ବୋଲି ମତ ପ୍ରକାଶ ପାଇଛି ।



## ଖାଲି ପେଟରେ ଖାଆନ୍ତୁନି ଏହି ଖାଦ୍ୟ

ଆଜିକାଲି ବ୍ୟସ୍ତବହୁଳ ଜୀବନରେ ଖାଇବାକୁ କାହାପାଖରେ ବି ସମୟ ରହୁନି । ସକାଳ ସମୟରେ ଅଫିସ୍ ହେଉ କିମ୍ବା କୌଣସି କାମରେ ଯିବା ପାଇଁ ତରତର ହୋଇ ଆମେ କିଛି ବି ଖାଇ ଦେଇଥାଉ । ତେବେ ଆପଣଙ୍କର ଏହି ଖରାପ ଅଭ୍ୟାସ ସ୍ୱାସ୍ଥ୍ୟ ଉପରେ ଭାରି ପଡିପାରେ । ବିଶେଷଜ୍ଞମାନଙ୍କ ଅନୁଯାୟୀ କେତେକ ଖାଦ୍ୟ ଖାଲିପେଟରେ ଖାଇବା ଉଚିତ୍ ନୁହେଁ । ଆସନ୍ତୁ ଜାଣିବା ଏମିତି କେତେକ ଖାଦ୍ୟ ସମ୍ପର୍କରେ, ଯାହାକୁ ଖାଲି ପେଟରେ ଖାଇବା ଆଦୌ ଉଚିତ୍ ନୁହେଁ ।

### ମସଲା ଯୁକ୍ତ ଖାଦ୍ୟ

ସକାଳୁ ଜଳଖିଆରେ କେବେବି ମସଲାଯୁକ୍ତ ତଥା ରାଗଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ । ଏହାଦ୍ୱାରା ଦିନସାରା ପେଟର ଅମ୍ଳ ସୃଷ୍ଟି ହୋଇଥାଏ । ଏହା ଅଲ୍‌ସର୍‌ର କାରଣ ମଧ ହୋଇପାରେ ।





### ଖଟା ଫଳ

ଖାଲିପେଟରେ ଖଟା ଫଳ ଖାଇବା ଉଚିତ ନୁହେଁ । ଖାଲି ପେଟରେ କମଳା, ଲେମ୍ବୁ, ପିଜୁଳି ଭଳି ଖଟା ଫଳ ଖାଇବା ଉଚିତ ନୁହେଁ । ଏହାଦ୍ୱାରା ପେଟରେ ଅମ୍ଳ ସୃଷ୍ଟି ହୁଏ । ଏଥିରୁ ଆପଣଙ୍କୁ ଫାଇବର ନିଶ୍ଚିତ ଭାବେ ମିଳିବ । କିନ୍ତୁ ଆପଣଙ୍କ ହଜମ ଶକ୍ତି ହ୍ରାସ ପାଇବାର ସମ୍ଭାବନା ରହିଛି । ତେଣୁ ଏସବୁ ଖଟା ଫଳକୁ ଖାଲି ପେଟରେ ନଖାଇ ପରେ ଖାଆନ୍ତୁ ।



### କଫି

ଖାଲି ପେଟରେ କଫି ପିଇବା ମଧ ସ୍ୱାସ୍ଥ୍ୟ ପ୍ରତି ସମସ୍ୟା ସୃଷ୍ଟି କରିପାରେ । ଏହାଯୋଗୁଁ ଏସିଡିଟି ହେବାର ସମ୍ଭାବନା ରହିଛି । ତେଣୁ ଖାଲି ପେଟରେ ଏହିସବୁ ଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ ।



### ମୃଦୁ ପାନୀୟ

ମୃଦୁ ପାନୀୟ ବିଶେଷ କରି ଥଣ୍ଡା ପାନୀୟ ଖାଲି ପେଟରେ ପିଅନ୍ତୁ ନାହିଁ । ଏଥିରେ ପ୍ରଚୁର ମାତ୍ରାରେ କାର୍ବୋନେଟ୍ ଏସିଡ୍ ରହିଛି । ଏହା ପେଟରେ ଥିବା ଏସିଡ୍ ସହିତ ମିଶ୍ରିତ ହୋଇ ସମସ୍ୟା ସୃଷ୍ଟି କରେ । ଏଥିସହିତ ଗ୍ୟାସ୍ ଏବଂ ବାନ୍ତି ହେବାର ସମ୍ଭାବନା ମଧ ରହିଛି । ଖାଲି ପେଟରେ କୋଲ୍ଡ କଫି, ବିୟର ପିଅନ୍ତୁ ନାହିଁ । ଏହାଦ୍ୱାରା ପେଟରେ ଥିବା ଖାଦ୍ୟ ହଜମ ହେବାରେ ସହାୟତା କରୁଥିବା ନଳୀକୁ କ୍ଷତି ପହଞ୍ଚିଥାଏ । ଖାଲି ପେଟରେ ଥଣ୍ଡା ପାନୀୟ ପିଇବା ଦ୍ୱାରା ହଜମ ଶକ୍ତି ହ୍ରାସ ପାଏ । ଏହା ସ୍ଥାନୀୟ ଗ୍ରୀନ୍ ଟି କିମ୍ବା ହାଲୁକା ଗରମ ପାଣି ପିଇ ଦିନର ଆରମ୍ଭ କରିପାରିବେ ।

## ମାତ୍ର ୫ ମିନିଟ୍

*ସକାଳୁ ଖାଲି ପେଟରେ ହାଲ୍‌କା ଉଷୁମ ପାଣି ପିଇବା ଭଲ । ତେବେ ଏଥିରେ ଲେମ୍ବୁ ମିଶାଇ ପିଇଲେ ଏହା ସ୍ୱାସ୍ଥ୍ୟ ପାଇଁ ଚମତ୍କାର ପାଲଟିଯାଏ । ସକାଳୁ ୨୦୦ ମିଲି ଗ୍ଲାସରେ ଉଷୁମ ପାଣି ସହ ଫାଳେ ଲେମ୍ବୁରସ ମିଶାଇ ପିଅନ୍ତୁ । ଏହାକୁ ପିଇବାର ୫ ମିନିଟ୍ ପରେ ଜଳଖିଆ ଖାଇବା ଉଚିତ । ମାତ୍ର ୫ ମିନିଟ୍ ମଧ୍ୟରେ ପ୍ରସ୍ତୁତ ହୋଇପାରୁଥିବା ଏହି ଲେମ୍ବୁପାଣିର ଉପକାରିତା ଜାଣନ୍ତୁ -*

◆ ଲେମ୍ବୁରେ ଭିଟାମିନ୍ ସି' ଏବଂ ପଟାସିୟମ ପ୍ରଚୁର ପରିମାଣରେ ରହିଛି । ଏହା ମସ୍ତିଷ୍କ ଓ ସ୍ନାୟୁତନ୍ତ୍ରକୁ ଆରାମ ଦେବା ସହ ରକ୍ତଚାପ ନିୟନ୍ତ୍ରଣ କରେ ।

◆ ଏହି ଲେମ୍ବୁପାଣି ଶରୀରରେ ଆଲ୍‌କାଲାଇନ ସ୍ତର ଠିକ୍ ରଖିବାରେ ସହାୟକ । ଲେମ୍ବୁରେ ଥିବା ସାଇଟ୍ରିକ୍ ଏସିଡ ଏସିଡିଟି ହେବାକୁ ଦିଏନାହିଁ । ତେଣୁ ଆମ୍ଳିଳା ହାକୁଟି, ଗ୍ୟାସ୍ ଆଦି ସମସ୍ୟା ହୋଇନଥାଏ ।

◆ ଲେମ୍ବୁରେ ଥିବା ପେକ୍‌ଟିନ ଭୋକର ଭାବନାକୁ ନିୟନ୍ତ୍ରଣ କରେ । ଯେଉଁମାନେ ଓଜନ କମ୍ କରିବାକୁ ଚେଷ୍ଟା କରୁଛନ୍ତି ଏବଂ ଆଲ୍‌କାଲାଇନ୍ ଡାଏଟ୍ ଅନୁସରଣ କରୁଛନ୍ତି, ସେମାନେ ଏପରି ଲେମ୍ବୁପାଣି ପିଇବା ଉପକାରୀ ହୋଇଥାଏ ।

◆ ଉଷୁମ ପାଣି ପିଇବା ଦ୍ୱାରା ପେଟ ସଫା ହୋଇଥାଏ । ତେଣୁ କୌଣସି ରୋଗ ଆକ୍ରମଣ କରିବା ସହଜ ହୁଏନାହିଁ ।

## ଫଳ ଉପରେ ଥିବା ଷ୍ଟିକର ସମ୍ପର୍କିତ ତଥ୍ୟ

◆ ଯେପରି ଫଳ ଉପରେ ୫ ଅଙ୍କ ସଂଖ୍ୟା ଲେଖାହୋଇଥିଲେ, ତାହା ଜୈବିକ ଭାବେ ଚାଷ ହୋଇଥିବାର ଜାଣିନିଅନ୍ତୁ । ଏହା ସହ ସଂଖ୍ୟାଟି ଯଦି ୮ ଅଙ୍କରୁ ଆରମ୍ଭ, ତେବେ ମଧ ଜୈବିକ ଚାଷ ହୋଇଥାଏ ।

◆ ଅନ୍ୟପାଖେ କୋଡ୍ ସଂଖ୍ୟା ଅଧିକ ହୋଇଥିଲେ, ଫଳ ଚାଷ ସମୟରେ କୀଟନାଶକର ବ୍ୟବହାର ହୋଇଛି ବୋଲି ଜଣାପଡିଥାଏ ।




◆ ଆମେରିକାର ପ୍ରତ୍ୟେକ ପ୍ରାନ୍ତରେ ମିଳୁଥିବା ସେଓରେ ଷ୍ଟିକର୍ ଲାଗିଥିବାବେଳେ କୀଟନାଶକର ବ୍ୟବହାର ମଧ ପାରୁପର୍ଯ୍ୟନ୍ତ କମ୍ କରାଯାଏ । ସେଠାରେ ମିଳୁଥିବା ଆର୍ଗାନିକ୍ ଫଳ ଉପରେ ଲାଗିଥିବା ଷ୍ଟିକର୍‌ଗୁଡିକ ସ୍ୱାସ୍ଥ୍ୟ ନିମନ୍ତେ ଆଦୌ କ୍ଷତିକାରକ ନୁହେଁ । ସେସବୁ ଷ୍ଟିକର୍‌କୁ ବାରମ୍ବାର ପରୀକ୍ଷା କରାଯାଇ ସତ୍ୟତା ପ୍ରମାଣିତ କରାଯାଇଛି ।

## ଅଶରୀରୀଙ୍କ ବାସସ୍ଥଳୀ 'ସିଗ୍‌ନେଚର୍ ଫାର୍ମ'

ଗୁଜରାଟ୍‌ର ଅହମ୍ମଦାବାଦସ୍ଥିତ 'ସିଗ୍‌ନେଚର୍ ଫାର୍ମ' ବାବଦରେ ପାଖଆଖର ଲୋକ ଭଲଭାବେ ଅବଗତ । କିଛି ବର୍ଷ ତଳେ ନିର୍ମିତ ହୋଇଥିବା ଏହି ଫାର୍ମରେ ଦିନବେଳା ଜନଗହଳି ଦେଖାଦିଏ । ସନ୍ଧ୍ୟା ପୂର୍ବରୁ କିନ୍ତୁ ସ୍ଥାନଟି ଜନଶୂନ୍ୟ ହୋଇଯାଏ । ସ୍ଥାନୀୟ ଲୋକଙ୍କ ମତରେ ଶରୀରୀଙ୍କ ଏଇ ବାସସ୍ଥଳୀଠାରୁ ଦୂରେଇ ରହିବା ଭଲ । ସେହି ଅଞ୍ଚଳକୁ ଦେଖିଲେ ମଧ କୌଣସି ଅସୁବିଧା ଥିବାର ଅନୁମାନ କରିହୁଏ । ଘରଗୁଡିକ ଭାଙ୍ଗିରୁଜି ଯାଇଥିବାବେଳେ ପ୍ରତିମୂର୍ତ୍ତି ଗୁଡିକ ମଧ ଭଗ୍ନ ଅବସ୍ଥାରେ ରହିଛି । କେହି ଲୋକ ସେସବୁ ଭାଙ୍ଗି ନଥିବାବେଳେ ଏହା ପଛର କାରଣ ଜଣାପଡିନାହିଁ । ନିକଟସ୍ଥ ସହରର ଲୋକଙ୍କ ମତରେ, ରାତିବେଳା ସେହି ସିଗ୍‌ନେଚର୍ ଫାର୍ମ ପାଖ ଦେଇ ଗଲାବେଳେ ଖୁବ୍ ଭୟ ଲାଗେ । ଆର୍ତ୍ତଚିତ୍କାର ସହ ଘୋଡାଙ୍କ ଦୌଡିବା ଶବ୍ଦ ଫାର୍ମ ଭିତରୁ ଆସେ । ଏହା ଉପରେ ଅଧିକ ବିଶ୍ଳେଷଣ ନିମନ୍ତେ ସ୍ଥାନୀୟ ଲୋକଙ୍କର କୌଣସି ଆଗ୍ରହ ନାହିଁ ।



# ରାଜ୍ୟରେ ଶିଶୁ, ମହିଳା ସୁରକ୍ଷା ବ୍ୟବସ୍ଥା ଫେଲ୍: ରାଜ୍ୟ ବିଜେପି ସଭାପତି

ରାଉରକେଲା,୧୭।୧୨ (ନି.ପ୍ର): ରାଜ୍ୟରେ ମହିଳା ଶିଶୁ ମାନଙ୍କର ସୁରକ୍ଷା ଲାଗି ହୋଇଥିବା ବ୍ୟବସ୍ଥା ସମ୍ପୂର୍ଣ୍ଣ ବାବେ ଫେଲ୍ ମାରିଛି ଓ ଏହି ଦାୟିତ୍ୱରେ ଥିବା ବାବୁ ମାନେ ସରକାରଙ୍କ ବୁକୁଚା ବୁହା କାମରେ ବ୍ୟସ୍ତ । ତେଣୁ ରାଜ୍ୟରେ ମହିଳା ଓ ଶିଶୁ ମାନେ ଅସୁରକ୍ଷିତ ହୋଇ ପଡିଛନ୍ତି ବୋଲି ରାଜ୍ୟ ବିଜେପି ସଭାପତି ସମିର ମହାନ୍ତି ପ୍ରକାଶ କରିଥିବା ବେଳେ ଏକ ପ୍ରତିଷ୍ଠିତ ଟିଭି ମିଡିଆର କର୍ମଚାରୀ ଓ ପୁଲିସି କର୍ମଚାରୀ ଜଣେ ନାବାଳିକା ପ୍ରତି କରିଥିବା ଅମାନୁଷିକ କାର୍ଯ୍ୟ ଅଭିଯୋଗ ନେଇ ସଂପୃକ୍ତ ସଂସ୍ଥାର ପରିଚାଳିକାଙ୍କର ସେତେବେଳର କାର୍ଯ୍ୟ ଓ ସରକାର ଏନେଇ ନେଇଥିବା ପଦକ୍ଷେପକୁ ନେଇ ପଦେହେଲେ ମୁହଁ ଖୋଲି ନାହାନ୍ତି। ଆଜି ରାଉରକେଲା ଗସ୍ତରେ ଆସି ଶ୍ରୀ ମହାନ୍ତି ସ୍ଥାନୀୟ ରାଧିକା ରିଜେନ୍ସି ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟରେ ମହିଳା ଓ ଶିଶୁ ମାନଙ୍କୁ ସୁରକ୍ଷା ଦେବାରେ ଏ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଫଳରେ ଦିନକୁ ଦିନ ମହିଳା ଓ ଶିଶୁଙ୍କ ଉପରେ ଅତ୍ୟାଚାର ବଢି ଚାଲିଛି। ଅପରାଧୀ ମାନଙ୍କୁ ଧରିବାରେ ମଧ୍ୟ ପୁଲିସ ସେଭଳି ଦକ୍ଷତା ଦେଖାଉନାହିଁ । ରାଜ୍ୟରେ ପରୀ ଅପହରଣ ମାମଲା ତାର ଜ୍ୱଳନ୍ତ ଉଦାହରଣ ବୋଲି ସେ କହିବା ସହ ଏଥିରେ ରାଜ୍ୟ ମନ୍ତ୍ରୀ ମଣ୍ଡଳର ଜଣେ ସଦସ୍ୟଙ୍କ ନାମ ଆସିବା ପରେ ମଧ ସରକାର ଚୁପ୍ ହୋଇ ବସିବା କଥା ଦୁର୍ଭାଗ୍ୟର ଘଟଣା ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି । ରାଜ୍ୟ ସ୍ତରରୁ ନେଇ ସରକାର ଜିଲ୍ଲା ସ୍ତର ଯାଏ ବିଭିନ୍ନ କମିଶନ ଗଠନ କରିଛନ୍ତି, କୋଟି କୋଟି ଟଙ୍କା ଏନେଇ ଖର୍ଚ୍ଚ ହେଉଛି ହେଲେ ସେମାନେ କ'ଣ କରୁଛନ୍ତି ଲୋକେ ନ୍ୟାୟ ପାଉଛନ୍ତି କି ନାହିଁ ସେ ନେଇ ସରକାର ଚୁପ୍ । ଫଳରେ ଆଜିଯାଏ ରାଜ୍ୟରେ ୫୫୦୩ ଟି ଏହିଭଳି ମାମଲା ପଡି ରହିଛି ।ସେହି ମା ଓ ଶିଶୁ ମାନେ ନ୍ୟାୟ ପାଇ ପାରୁନାହାନ୍ତି । ଏହା ବିରୋଧରେ ରାଜ୍ୟ ବ୍ୟାପି ଆନ୍ଦୋଳନ ବିଜେପି ଆରମ୍ଭ କରିସାରିଛି। ଲୋକଙ୍କ ପାଖରେ ଏହି ବାର୍ତ୍ତା ପହଁଚାଇବା ଲାଗି ଦଳ ପକ୍ଷରୁ ସମସ୍ତ ପ୍ରକାର ଉଦ୍ୟମ କରାଯିବ ବୋଲି ସେ କହିଛନ୍ତି । ଏହି ଅବସରରେ ରାଉରକେଲାକୁ ନେଇ ସେ କହିଲେ ଯେ, ରାଉରକେଲା ସ୍ମାର୍ଟ ସିଟି ବ୍ରାହ୍ମଣୀ ପୋଲ ନିର୍ମାଣ କାମ କାମ ପରେ ରାଉରକେଲା ବାସୀଙ୍କ ଜୀବନଯାପନ ବ୍ୟବସ୍ଥାରେ ପରିବର୍ତ୍ତନ ଆସିବ । ଏହା କେବଳ ମୋଦୀ ଜୀଙ୍କ ଲାଗି ବୋଲି ସେ ମତ ଦେଇଥିଲେ । ସେହିଭଳି ଅଟଳ ମିଶନରେ ପାଣିର ବ୍ୟବସ୍ଥା ସାଙ୍ଗକୁ ଏୟାରପୋର୍ଟର ଉନ୍ନତିକରଣ, ୨୦୨୩ରେ ବିଶ୍ୱକପ୍ ହକି ପୂର୍ବରୁ ଏଠାରେ ଉନ୍ନତିକରଣ ଲାଗି ଅନେକ ଅର୍ଥ କେନ୍ଦ୍ର ଦେଇଛି । ଏସବୁ ସୁବିଧା ଖୁବ ଶିଘ୍ର ସହର ବାସୀ ପାଇବେ ବୋଲି ସେ କହିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ, କେନ୍ଦ୍ର ସରକାର ନିକଟରେ ଆଣିଥିବା ୩ଟି କୃଷି ଆଇନ କୃଷକ ମାନଙ୍କ ଲାଗି ବେଶ୍ ସୁବିଧାଜନକ । ରାଜ୍ୟରେ ଏହାକୁ କୃଷକ ମାନଙ୍କ ନିକଟରେ ପହଁଚାଇବା ଲାଗି ବ୍ୟବସ୍ଥା ହେଉଛି ବୋଲି କହିଥିଲେ । ଦିର୍ଘ ସମୟର ସାମ୍ବାଦିକ ସମ୍ମିଳନୀରେ ନୟାଗଡ଼ ପରୀ ହତ୍ୟା ଠାରୁ ଆଜି ଯାଏ ହୋଇଥିବା ଶିଶୁ ଅପହରଣ ଓ ମହିଳା ମାନଙ୍କ ଉପରେ ଅତ୍ୟାଚାର ନେଇ ଶ୍ରୀ ମହାନ୍ତି ଅନେକ ତଥ୍ୟ ଭିତିକ କଥା ରଖିବା ସହ ଅନେକ ଯୁକ୍ତି ରଖି ରାଜ୍ୟ ସରକାରଙ୍କୁ କାଠଗଡାକୁ ଟାଣିଥିଲେ । ହେଲେ, ଏକ ପ୍ରତିଷ୍ଠିତ ଟିଭି ମିଡିଆରେ କାମ କରୁଥିବା ଜଣେ ମହିଳାଙ୍କର ୧୩ ବର୍ଷିୟା ନାବାଳିକାକୁ ଦୁଷ୍କର୍ମ କରାଜିବା ଅଭିଯୋଗ ମାମଲାରେ ସେ ନେଇ ସରକାରଙ୍କ ପଦକ୍ଷେପକୁ ନେଇ ପଦେ ହେଲେ ମୁହଁ ନଖୋଲିବା ଓ ସେହି ମାମଲାରେ ସଂପୃକ୍ତ ସଂସ୍ଥାର ମୁଖ୍ୟଙ୍କର ତୁରନ୍ତ ପଦକ୍ଷେପ କ'ଣ ହେବା ଉଚିତ ଥିଲା ଆଦିକୁ ନେଇ କିଛି କହିନଥିଲେ । ଏହାକୁ ନେଇ ଆଜି ସାମ୍ବାଦିକ ସମ୍ମିଳନୀରେ ମିଡିଆ ଭାଇଙ୍କ ଭିତରେ ବେଶ୍ ଚର୍ଚ୍ଚା ହୋଇଥିଲା ।

# ଗଞ୍ଜାମ ଜିଲ୍ଲାରେ ଚାଷୀଙ୍କଠାରୁ ଧାନ କିଣା ଆରମ୍ଭ

ଗଞ୍ଜାମ,୧୭।୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଚାଷୀଙ୍କ ଠାରୁ ଧାନ କିଣା ଆଜିଠୁ ଆରମ୍ଭ ହୋଇଛି। ଏହା ପୂର୍ବରୁ ବ୍ରହ୍ମପୁର ଉପଖଣ୍ଡସ୍ତରିୟ କାର୍ଯ୍ୟାଳୟରେ ଉପଜିଲ୍ଲାପାଳ ଜି. କାର୍ତିଭାସନଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଧାନ କିଣା ପ୍ରକ୍ରିୟାକୁ ସଠିକ୍ ଭାବେ ପରିଚାଳନା କରିବା ନିମନ୍ତେ ନିର୍ଦ୍ଦେଶ ଦେବା ସହ କୋଭିଡ୍ କଟକଣାକୁ ମାନିବାକୁ କହିଛନ୍ତି ଉପଜିଲ୍ଲାପାଳ । ଚାଷୀ ଟୋକନ୍ ମେସେଜ୍ ପାଇବା ପରେ ସମବାୟ ସମିତିରେ ସୂଚନା ଦେବେ ଏବଂ ତାଙ୍କ ପାଇଁ ଧାର୍ଯ୍ୟ ହୋଇଥିବା ତାରିଖରେ ଧାନ ଦେବାକୁ କୁହାଯାଇଛି । ବ୍ରହ୍ମପୁର ଉପଖଣ୍ଡର ୬ଟି ବ୍ଲକରେ ୧୨୮ଟି ମଣ୍ଡି ରହିଥିବା ବେଳେ ସମସ୍ତ ମଣ୍ଡି ପ୍ରସ୍ତୁତ ରହିଛି । ସିଏମଓ ସୁଶ୍ରୀ ପଣ୍ଡା, ଏସଏସଓ ସକଳେଶ୍ୱର ଦାଶ ଓ ମିଲର୍ ପ୍ରତିନିଧି ମାନେ ଏହି ବୈଠକରେ ଯୋଗଦେଇଥିଲେ ।

# ବିପଦ ସଂକୁଳ ଅବସ୍ଥାରେ ବାଲା ବିହାରୀ ବିଦ୍ୟାଳୟର ଛାତ: ନୂତନ ଗୃହ ନିମନ୍ତେ ଦାବି

କେନ୍ଦ୍ରାପଡା,୧୭।୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ମାହାଳ ଠାରେ ଥିବା ବାଲା ବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ର ନୂତନ ଗୃହ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି । ବିଦ୍ୟାଳୟ ର ଶ୍ରେଣୀଗୃହ, କମନ ରୁମ ଓ ବାରଣ୍ଡାର ଛାତ ଗୁଡିକ ଭାଙ୍ଗି ଖସି ପଡି ବିପଦ ପୂର୍ଣ୍ଣ ହୋଇ ପଡିଛି । ଆଗକୁ ସ୍କୁଲ ଖୋଲିବାକୁ ଥିବାରୁ ଏହା ଛାତ୍ରଛାତ୍ରୀଙ୍କ ପାଇଁ ବିପଦର କାରଣ ଆଶଙ୍କା କରି ବୁଧବାର ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରେମଲତା ପତିଙ୍କ ସମେତ ମୋ ସ୍କୁଲ ଅଭିଯାନର ସଭ୍ୟ ଅଧାପକ ସୁଜୟ କୁମାର ସ୍ୱାଇଁ, ସହକାରୀ ଶିକ୍ଷକ ସୁଧାଂଶୁ କୁମାର ଜେନା, ଭାଗବତ ସେଠୀ ପ୍ରଭୃତି ଅତିରିକ୍ତ ଜିଲ୍ଲାପାଳ ନରହରି ସେଠୀଙ୍କୁ ଭେଟି ସ୍କୁଲର ନୂତନ ଗୃହ ନିର୍ମାଣ କରିବା ପାଇଁ ଦାବି କରିଛନ୍ତି । ଏହି ବିଦ୍ୟାଳୟର ଘର ଗୁଡିକ ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ତିଆରି ହୋଇଥିବା ବେଳେ ଏବେ ବିଦପ ପୂର୍ଣ୍ଣ ଅବସ୍ଥାରେ ଥିବାରୁ ତୁରନ୍ତ ଏହାକୁ ନିର୍ମାଣ କରିବାକୁ ଦାବି କରାଯାଇଛି ।

# ମହିଳାଙ୍କୁ ଦୁଷ୍କର୍ମ ଘଟଣା : ସ୍ୱାମୀଙ୍କୁ ଇଟାରେ ଛେଚିଲା ଅଭିଯୁକ୍ତ

ନୀଳଗିରି ,୧୭।୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡରେ ଦୁଷ୍କର୍ମ ଅଭିଯୋଗ ଦିନକୁ ଦିନ ବଢ଼ିବାରେ ଲାଗିଛି । ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ରେ ନ ଥିବାରୁ ଏପରି ଘଟଣା ବାରମ୍ବାର ଘଟୁଛି ବୋଲି ବୁଦ୍ଧିଜୀବୀ ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏପରି ଏକ ଘଟଣା ଘିଛି ନୀଳଗିରି ଥାନା ଅଧିନସ୍ଥ ପୁଦାଳ ଗ୍ରାମର ଟିକା ସିଂ (୩୫) ଉକ୍ତ ଗ୍ରାମର ଜନୈକ ମହିଳାକୁ ଘରେ ଏକୁଟିଆ ଥିବାର ସୁଯୋଗ ନେଇ ମଙ୍ଗଳବାର ସନ୍ଧ୍ୟା ୮ଟା ସମୟରେ ପଶି ଦୁଷ୍କର୍ମ କରିବା ପାଇଁ ଉଦ୍ୟମ କରିଥିଲା । ମହିଳାଙ୍କର ଚିତ୍କାର ଶୁଣି ତାଙ୍କ ସ୍ୱାମୀ ପହଞ୍ଚି ଯିବାରୁ ଟିକା ସିଂ ପାଲଟା ଇଟାରେ ତାର ମୁହଁକୁ ଛେଞ୍ଚି ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଏ ନେଇ ମହିଳା ଜଣକ ନୀଳଗିରି ଥାନାରେ ଅଭିଯୋଗ କରିଥିବା ବେଳେ ଖବର ଲେଖା ହେବା ବେଳକୁ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି ।

# ବିକାଶର ଚିତ୍ର : ବ୍ୟାଙ୍କ ଋଣ ପାଖରେ ଅଟକିଛି ଆତ୍ମ ନିର୍ଭରଶୀଳ ଭାରତ ଅଭିଯାନ

ଭଦ୍ରକ, ୧୭ ଡିସେମ୍ବର (ହି.ସ.) - ସରକାର ଯୋଜନା କରୁଛନ୍ତି ହେଲେ ଯୋଜନାର ବାଟ ଓଗାଳିଛନ୍ତି ବ୍ୟାଙ୍କ । ପ୍ରକଳ୍ପ ମଞ୍ଜୁରୀ ପରେ ଋଣ ପାଇଁ ବ୍ୟାଙ୍କ ଦଉଡି ଦଉଡି ଅତିଷ୍ଠ ହେଉଛନ୍ତି ହିତାଧିକାରୀ । ଫଳରେ ସରକାରୀ ଯୋଜନା ବାଟବଣା ହେଉଥିବା ବେଳେ ଉତ୍ସାହ ଏବଂ ଆଗ୍ରହ ଥାଇ ମଧ୍ୟ ହାତବାନ୍ଧି ଘରେ ବସି ରହୁଛନ୍ତି ଦେଶର ଶିକ୍ଷିତ ବେକାର । ମହାମାରୀ କରୋନା ସଙ୍କଟରୁ ଲୋକଙ୍କୁ ଉଦ୍ଧାର କରିବା ସକାସେ କେନ୍ଦ୍ର ସରକାର ଦେଶରେ ଆତ୍ମନିର୍ଭରଶିଳ ଭାରତ ଯୋଜନା କାର୍ଯ୍ୟକାରୀ କରିଛନ୍ତି । କରୋନା ଯୋଗୁ କାମ ଧନ୍ଦା ହରାଇ ଘରେ ବସିଥିବା ବେକାରୀ ମାନଙ୍କୁ ନିଜ ଗୋଡରେ ନିଜେ ଛିଡାହେବା ସକାସେ ଆରମ୍ଭ କରିଛନ୍ତି ଆତ୍ମ ନିର୍ଭରଶିଳ ଭାରତ ଯୋଜନା । ହେଲେ ଯୋଜନା ସକାସେ ଋଣ ଯୋଗାଇ ଦେଉଥିବା ବ୍ୟାଙ୍କ ଏବଂ ଅର୍ଥଲଗାଣକାରୀ ସଂସ୍ଥାଙ୍କ ଶଠତା ପାଖରେ ଫେଲ ମାରିଛି ସରକାରଙ୍କ ସମସ୍ତ ପ୍ରୟାସ । ଏହି ଭଳି ଏକ ବାଧାପ୍ରାପ୍ତ ବିକାସର ଚିତ୍ର ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ତିହିଡି ଥାନା ଚବିଶପଡା ଶାସନ ଦହପାଣିଆ ଗ୍ରାମରେ । ଏହି ଗ୍ରାମର ଜଣେ ବେକାରୀ ଶିକ୍ଷିତ ଦିବ୍ୟାଙ୍ଗ ହେଉଛନ୍ତି ଆଲୋକ ନାୟକ । ପାରିବାରିକ ଆର୍ଥିକ ସଙ୍କଟ ସତ୍ୱେ ସଫଳତାର ସହିତ ଯୁକ୍ତ ୨ ପାଠ ପଢିଛନ୍ତି । ହେଲେ ପରିବାର ପ୍ରତିପୋଷଣ ପାଇଁ ଚାକିରୀ ଖଣ୍ଡେ ଯୋଗାଡ କରି ପାରି ନାହାନ୍ତି । ଜୀବନ-ଜୀବିକା ସହ ସଂଘର୍ଷ କରୁଥିବା ବେଳେ ମହାମାରୀ କରୋନା ତାଙ୍କୁ ସଂପୂର୍ଣ୍ଣ ଅସହାୟ କରି ପକାଇଥିଲା । ତଥାପି ଆଶାଛାଡି ନଥିଲେ କରୋନା ବେଳେ ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭରଶିଳ ଭାରତ ଯୋଜନା ତାଙ୍କୁ ଦେଖାଇଥିଲା ଆଶାର ଆଲୋକ । ଜିଲ୍ଲା ଶିଳ୍ପ କେନ୍ଦ୍ର ଜରିଆରେ ଆବେଦନ କରିଥିବା ତାଙ୍କ ପ୍ରକଳ୍ପକୁ ସରକାରୀ ମଞ୍ଜୁରୀ ମିଳିବା ପରେ ଖୁସୀରେ ଆତ୍ମହରା ହୋଇଥିଲେ ଆଲୋକ । ନିଜ ଘରେ ଫାକ୍ଟ୍ରି କରିବେ ଉତ୍ପାଦର ବଜାର କରି ନିଜେ ଆତ୍ମ ନିର୍ଭରଶିଳ ହେବା ସହିତ ଅନ୍ୟମାନଙ୍କୁ ମଧ୍ୟ କର୍ମସଂସ୍ଥାନ ଯୋଗାଇ ଦେଇ ପାରିବେ ଖୁସୀରେ ନିଜ ପ୍ରକଳ୍ପ ପ୍ରସ୍ତୁତିରେ ଲାଗିପଡିଥିଲେ । ଏଥିସକାସେ ଆବଶ୍ୟକ ଅର୍ଥ ତାଙ୍କୁ ସ୍ଥାନୀୟ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ରୁ ଉଠାଣ କରିବାକୁ କୁହାଯାଇଥିଲା । ସରକାରୀ କାଗଜପତ୍ର ଧରି ଟଙ୍କା ପାଇଁ ହାଜର ହୋଇଥିଲେ ସ୍ଥାନୀୟ ବିଲଣା ଶାଖା ଗ୍ରାମ୍ୟ ବ୍ୟାଙ୍କରେ । ହେଲେ ତାଙ୍କୁ ଋଣ ଟଙ୍କା ମିଳିବା ଦୂରକୁ ଥାଉ ବ୍ୟାଙ୍କ କତୃପକ୍ଷ ତାଙ୍କୁ ଧରାଛୁଆ ଦେଉନଥିବା ଅଭିଯୋଗ କରିଛନ୍ତି ଦିବ୍ୟାଙ୍ଗ ଆଲୋକ । କେତେବେଳେ ଋଣ ଅର୍ଥ ପାଇଁ ଶହେ ପ୍ରତିଶତ ବ୍ୟାଙ୍କ ଗ୍ୟାରେଂଟି ତ କେତେବେଳେ ଯାଗାଜମି ବନ୍ଧକ ପୁଣି କେତେବେଳେ ଋଣ ପାଇଁ ସ୍ଥାଇ ଜମା ତ କେତେବେଳେ ଫାକ୍ଟ୍ରି କରାଯିବାର ଏଗ୍ରିମେଂଟ ଦେବାକୁ କହି ତାଙ୍କ ଋଣ ପ୍ରସଙ୍ଗକୁ ଏଡେଇ ଚାଲିଥିବା ଅଭିଯୋଗ କରିଛନ୍ତି ଆଲୋକ । ଫଳରେ କୋଭିଡ ସମୟରେ ଫିନାଇଲ ଫାକ୍ଟ୍ରି କରି ଆତ୍ମ ନିର୍ଭରଶିଳ ହେବାର ସ୍ୱପ୍ନ ତାଙ୍କର ମଉଳି ଯାଇଛି । ଋଣ ମଞ୍ଜୁର ହେବାର ଇତିମଧ୍ୟରେ ୪ ମାସ ବିତିଲାଣି ହେଲେ ତାଙ୍କୁ ବ୍ୟାଙ୍କ ଋଣ ଦେବା ନାଁ ଧରୁନାହାନ୍ତି । ସବୁ ଆଡୁ ନିରାଶା ହେବା ପରେ ଆଲୋକ କହିଛନ୍ତି ବେକାରୀ ମାନଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ ବ୍ୟାଙ୍କ ଗୁଡିକର ଏହି ଯୋଜନା ବିରୋଧି ଆଭିମୁଖ୍ୟ ବିରୁଦ୍ଧରେ କେବଳ ଭାରତ ସରକାର ନୁହଁନ୍ତି ରିଜର୍ଭବ୍ୟାଙ୍କ ଏବଂ ରାଜ୍ୟ ସରକାର ମଧ୍ୟ ଦୃଷ୍ଟି ଦେବା ଆବଶ୍ୟକ । ଅନ୍ୟଥା ସରକାରଙ୍କ ସମସ୍ତ ବିକାସମୁଖୀ ଯୋଜନା ପାଣିରେ ପଡିବ ବୋଲି କହି ବ୍ୟାଙ୍କ ଗୁଡିକର ଏହି ଜନ ବିରୋଧି ଏବଂ ଶିଳ୍ପ ବିରୋଧି ଆଭିମୁଖ୍ୟ ବିରୁଦ୍ଧରେ ବିଦ୍ରୋହ ଘୋଷରା କରିଛନ୍ତି । ଘଟଣାର ପ୍ରତିବାଦ କରି ଚଳିତମାସ ୨୯ ତାରିଖ ଦିନ ବିଲଣା ଗ୍ରାମ୍ୟ ବ୍ୟାଙ୍କ ଆଗରେ ଆମରଣ ଅନଶନରେ ବସିବାକୁ ଚେତାବନୀ ଦେଇଛନ୍ତି । ନିଜ ଅଭିଯୋଗର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, ଭାରତୀୟ ରିଜର୍ଭବ୍ୟାଙ୍କ ଗଭର୍ଣ୍ଣର, ଓଡିଶା ମୁଖ୍ୟମନ୍ତ୍ରୀ, ଭଦ୍ରକ ଜିଲ୍ଲାପା.ଏସପି ଭଦ୍ରକ,ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ,ଜିଲ୍ଲା ଶିଳ୍ପ ମ୍ୟାନେଜର,ତିହିଡି ଥାନା ଏବଂ ତିହିଡି ମେଡିକାଲ କର୍ତୃପକ୍ଷଙ୍କୁ ଜଣାଇ ଦେଇଛନ୍ତି ।

# ୩୬ ଲିଟର ମହୁଲି ମଦ ଜବତ୍ ସହ ୩ ଗିରଫ

ନୀଳଗିରି ,୧୭।୧୨ (ନି.ପ୍ର): ନୀଳଗିରି ଅବକାରି ବିଭାଗ ଆଜି ବିଭିନନ ସ୍ଥାନରେ ଚଢ଼ାଉ କରି ୩୬ଲିଟର ମହୁଲି ମଦ ଜବତ୍ କରିବା ସହିତ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନା ଅନୁଯାୟୀ ନୀଳଗିରି ଥାନା ଅନ୍ତର୍ଗତ ମିତ୍ରପୁର ଅଞ୍ଚଳର କଲ୍ୟାଣୀ ଗ୍ରାମର ପ୍ରଶାନ୍ତ ସିଂ (୨୯), ବରହମପୁର ଥାନା ଅର୍ନ୍ତଗତ ସ୍ୱୟମ୍ବରଡୁବା ଗ୍ରାମର ଲସା ସରେନ (୩୦) ଓ ଉକ୍ତ ଥାନା ଅର୍ନ୍ତଗତ ଗୁଡ଼ିବଣିଆ ଗ୍ରାମର ମୂଷା ଟୁଡୁ(୨୮) କୁ ଗିରଫ କରିଛନ୍ତି। ଏହି ଚଢ଼ାଉରେ ନୀଳଗିରି ଅବକାରୀ ବିଭାଗ ଓ.ଆଇ.ସି. ହରପ୍ରସାଦ ରଣା, ଏ.ଏସ.ଆଇ. ଜୟନ୍ତି ଆଗ୍ରର୍ଯ୍ୟ, କନେଷ୍ଟବଳ ଉର୍ମିଳା ବେହେରା,ଜୟ ମାଧବ ଦାସ ପଟ୍ଟନାୟକ, ବିଜୟ ମଲ୍ଲିକ, ହୃଷିକେଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଅସାବଧାନତା ଯୋଗୁଁ ଧାନ ମେସିନରେ ଲାଗି ମହିଳା ଗୁରୁତର

ହରିଚନ୍ଦନପୁର,୧୭।୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ନର୍ଦ୍ଦାଙ୍ଗିପେଣ୍ଠ ଗ୍ରାମରେ ଧାନ ମେସିନ୍ ସଂସ୍ପର୍ଶରେ ଆସି ମହିଳା ଗୁରୁତର । ମିଳିଥିବା ଖବର ଅନୁଯାୟୀ ମଙ୍ଗଳବାର ଅପରାହ୍ନ ସମୟରେ ଉକ୍ତ ଗ୍ରାମର ରବି ମୁଣ୍ଡାଙ୍କ ପତ୍ନୀ ପାର ମୁଣ୍ଡା ଧାନ ପେସାଇବା ନିମନ୍ତେ ଗ୍ରାମର ଥିବା ମେସିନ୍ ଘରକୁ ଯାଇଥିଲେ । ସେଠାରେ ଧାନ ପେସା ଚାଲିଥିବା ବେଳେ ଅସାବଧାନତା କିମ୍ବା କୌଣସି କାରଣରୁ ମେସିନର ପାର୍ଶ୍ୱରେ ଲାଗିଥିବା ଚକିରେ ମହିଳାଙ୍କ ଶାଢ଼ୀ ଲାଗି ଗୁଡ଼ାଇ ହୋଇଯାଇଥିଲା । ସେଥିରୁ ଶାଢ଼ୀ ଛଡ଼ାଇବାକୁ ଚେଷ୍ଟା କରୁଥିବା ବେଳେ ମୁଣ୍ଡର ବାଳ ସହ ଶାଢ଼ୀଟି ଚକିରେ ଗୁଡ଼ାଇ ହୋଇଯାଇଥିଲା । ଫଳରେ ମହିଳାଙ୍କ ମୁଣ୍ଡର ଚମଡ଼ା ସହ ବାଳ ଉଠିଯାଇ ରକ୍ତାକ୍ତ ହୋଇ ଗୁରୁତର ହୋଇଥିଲେ । ମହିଳାଙ୍କ ଏଭଳି ଅବସ୍ଥା ଦେଖି ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ହରିଚନ୍ଦନପୁର ଅଗ୍ନିଶମ ବିଭାଗକୁ ଫୋନ୍ ଯୋଗେ ଜଣାଇଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ଗୁରୁତର ଅବସ୍ଥାରେ ମହିଳାଙ୍କୁ ଉଦ୍ଧାର କରି ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଇଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି ।

# କୋଭିଡ ଗାଇଡ ଲାଇନ ପାଳନ ସହ ଜାନୁୟାରୀ ୩ରୁ ଖୋଲିବ ଶ୍ରୀ ବଳଦେବଜୀଉ ମନ୍ଦିର

କେନ୍ଦ୍ରାପଡା,୧୭।୧୨ (ନି.ପ୍ର): ବିଶ୍ୱ ମହାମାରୀ କୋଭିଡ-୧୯ ସଂକ୍ରମଣ କାଳରେ ଚଳିତ ବର୍ଷ ମାର୍ଚ୍ଚ ମାସ ୨୦ ତାରିଖରୁ ଶ୍ରୀ ବଳଦେବଜୀୟୁଙ୍କ ମନ୍ଦିରକୁ ସର୍ବ ସାଧାରଣଙ୍କ ପାଇଁ ପ୍ରବେଶ ନିଷେଧ କରାଯାଇ ଥିଲା । ମନ୍ଦିର ର ସେବକ ମାନେ ୧୫.୧୨.୨୦୨୦ରେ ମନ୍ଦିର ଖୋଲିବା ପାଇଁ ଟ୍ରଷ୍ଟବୋର୍ଡ କୁ ନିବେଦନ କରିଥିବାରୁ ଟ୍ରଷ୍ଟବୋର୍ଡ ର ସଭାପତି ତଥା ଉପ ଜିଲ୍ଲାପାଳ ଜ୍ୟୋତି ଶଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ଏକ ସ୍ୱତନ୍ତ୍ର ବୈଠକ ଡକାଯାଇ ଥିଲା । ବୈଠକର ନିଷ୍ପତି କ୍ରମେ କୋଭିଡ-୧୯ ଗାଇଡଲାଇନର ସର୍ତ୍ତ ଓ ଜିଲ୍ଲା ପ୍ରଶାସନର ଅନୁମତି କ୍ରମେ ୨୦୨୧ ଜାନୁୟାରୀ ୩ ତାରିଖ ଠାରୁ ଜନ ସାଧାରଣ ଶ୍ରୀଜୀୟୁ ମାନଙ୍କୁ ଦର୍ଶନ କରିପାରିବେ । ମନ୍ଦିରକୁ ପ୍ରବେଶ କରୁଥିବା ସେବକଙ୍କ ସହ ଯାତ୍ରୀ ମାନେ ମାକ୍ସ ପିନ୍ଧିବା ବାଧ୍ୟତା ମୂଳକ । ମନ୍ଦିର ପ୍ରବେଶ ପୂର୍ବରୁ ସାନିଟାଇଜର ଦ୍ୱାରା ହସ୍ତ ବିଶୋଧନ ଜରୁରୀ । ମନ୍ଦିର ର ଗର୍ଭଗୃହ ଓ ରତ୍ନ ସିଂହାସନ ନିକଟକୁ ସେବାୟତଙ୍କ ବିନା ଅନ୍ୟ କେହି ଯାଇପାରିବେ ନାହିଁ । ଅରୁଣସ୍ତମ୍ଭ ନିକଟରୁ ଯାତ୍ରୀମାନେ ପୋଲିସ ସହାୟତାରେ ଧାଡିରେ ମନ୍ଦିର ମଧ୍ୟକୁ ପ୍ରବେଶ କରିବେ । ମନ୍ଦିର ର ସେବକ ମାନଙ୍କର କୋଭିଡ-୧୯ ପରୀକ୍ଷା ବାଧ୍ୟତା ମୂଳକ କରାଯାଇଛି । ମନ୍ଦିର ମଧରେ ବିବାହ, ବ୍ରତ ଆଦି ସାମାଜିକ କାର୍ଯ୍ୟକ୍ରମ ରେ କୋଭିଡ ଗାଇଡ ଲାଇନ ପାଳନ କରାଯିବ । ଏହି ସର୍ତ୍ତ ଗୁଡିକ ପାଳନ କରାଯାଇ ଜାନୁୟାରୀ ୩ ତାରିଖ ଠାରୁ ମନ୍ଦିର ଖୋଲାଯିବା ସହ ସର୍ବ ସାଧାରଣଙ୍କୁ ଦର୍ଶନ ମିଳିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି । ଅନ୍ୟମାନଙ୍କ ମଧରେ ପୂର୍ବତନ ପୌରାଧକ୍ଷ ତଥା ଟ୍ରଷ୍ଟି ଧିରେନ କୁମାର ସାହୁ, ବରିଷ୍ଠ ସେବାୟତ ବଳରାମ ସୁଆର, ରଞ୍ଜନ ପୃଷ୍ଟି, ଯଜାତି କେଶରୀ ମହାନ୍ତି ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ଉପସ୍ଥିତ ଥିଲେ ।

# ଧାନର ମାନ ନଦେଖି କୃଷକଙ୍କୁ ଠକୁଛି ସମବାୟ ସମିତି

ପୁରୀ,୧୭।୧୨ (ନି.ପ୍ର): ରାଜ୍ୟ ସରକାର ସମବାୟ ସମିତି ଦ୍ୱାରା ଚାଷୀଙ୍କ ଠାରୁ ଧାନ କିଣୁଥିବା ବେଳେ ୪୦ଭାଗ ଚାଷୀ ଧାନ ବିକ୍ରି କରୁଛନ୍ତି ଓ ୬୦ ଭାଗ ଚାଷୀ ସମବାୟ ସମିତିକୁ ଧାନ ବିକ୍ରି କରୁନାହାନ୍ତି । ସମବାୟ ସମିତି ଚାଷୀଙ୍କ ଠାରୁ ସବୁ ଧାନ କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଥିବାବେଳେ ତାହା ହାସଲ ହୋଇପାରୁ ନାହିଁ । ଚାଷୀ ବିଲରୁ ଧାନ ଆଣି ସିଧା ବିକିବା ପାଇଁ ନିୟମ ରହିଥିବା ବେଳେ ସମବାୟ ସମିତି ଏଫଏକିୟୁ ମାନ ପରଖୁଛି । ଚାଷୀ ଧାନକୁ ସଫା କରି ଦେଉଥିବା ବେଳେ ବସ୍ତାରୁ ୫ କେ.ଜି ଧାନ କାଟି ଦେଉଛନ୍ତି । ଯାହାଦ୍ୱାରା, ଚାଷୀ କ୍ଷତିଗ୍ରସ୍ତ ହେଉଛି । ଏଫଏକିୟୁ ନିୟମ ଅନୁସାରେ ଚାଷୀର ଧାନରୁ ବାଲି, ମାଟି, ଗୋଡ଼ି, ପଥର, ଧୂଳି ଆବର୍ଜନା ପାଇଁ ୧ ପ୍ରତିଶତ, କାଠି, ଧୂସ, ଅଗାଡ଼ି ଓ ଫମ୍ପା ଧାନ ପାଇଁ ୧ ପ୍ରତିଶତ, ଖରାପ, ବେରଙ୍ଗ,ପାଣି ଫୁଲ ଓ ହୁକା ଧାନ ପାଇଁ ୪ପ୍ରତିଶତ, ଅପରିପକ୍ୱ, କା, ସବୁଜ, ବଙ୍କା ଓ ସଙ୍କୁଚିତ ଧାନ ପାଇଁ ୩ ପ୍ରତିଶତ, ଆର୍ଦ୍ର ଅଂଶ ଥିବା ଧାନ ପାଇଁ ୧୭ ପ୍ରତିଶତ ଧାନ କାଟିବା ପାଇଁ ନିୟମ ରହିଛି । ଏଥିପ୍ରତି, ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଓ ସମବାୟ ସମିତି ଦୃଷ୍ଟି ଦେବାକୁ କୃଷକ ନେତା ତପନ ଉପାଧ୍ୟାୟ ଓ ଅଶୋକ ପ୍ରଧାନ ଦାବି କରିଛନ୍ତି ।

# ଅସହାୟା ମହିଳାଙ୍କୁ ଉଦ୍ଧାର କରି ସ୍ୱଧାର ଗୃହରେ ରଖିଲା ପ୍ରଶାସନ

ଭଦ୍ରକ, ୧୭ ଡିସେମ୍ବର (ହି.ସ.) - ଭଦ୍ରକ ବ୍ଲକର ସାହାଡା ଲାଲାଜୀ ବଜାରରେ ବୁଲୁଥିବା ଜଣେ ଅସହାୟ ତଥା ନିରାଶ୍ରୟା ମହିଳାଙ୍କୁ ଆଜି ଉଦ୍ଧାର କରାଯାଇଛି । ମହିଳାଙ୍କ ଘର, ଠିକଣା ସମ୍ପର୍କରେ କାହାରିକୁ ଜଣାନାହିଁ । ମହିଳା ଜଣକ ଉକ୍ତ ବଜାରରେ ଦୋକାନ ବାରଣ୍ଡାରେ ରାତ୍ରିଯାପନ କରୁଥିଲେ । କେତେକ ଅସାମାଜିକ ଉକ୍ତ ମହିଳାଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ଆଇନଜୀବୀ କିଶୋର କୁମାର ନାୟକ ଜିଲ୍ଲା ପ୍ରଶାସନକୁ ଟୁଇଟ ଯୋଗେ ଜଣାଇବା ପରେ ଏହା ଗଣମାଧମର ଦୃଷ୍ଟିକୁ ଆସିଥିଲା । ଆଜି ଭଦ୍ରକ ୱାନ୍ ଷ୍ଟପ୍ ସେ ରର କର୍ମଚାରୀ, ସ୍ଥାନୀୟ ଅଙ୍ଗନୱାଡି କର୍ମୀ, ଆଇସିଡିଏସ୍ ସୁପରଭାଇଜର ପ୍ରମୁଖ ପହିଁ ଉକ୍ତ ମହିଳାଙ୍କୁ ଉଦ୍ଧାର କରି ଭଦ୍ରକ ମେଡିକାଲକୁ ଆଣିଥିଲେ । ସେଠାରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଫେଲୋସିପ୍ ଦ୍ୱାରା ପରିଚାଳିତ ସ୍ୱଧାର ଗୃହରେ ରଖାଯାଇଛି ।

# ପୁରୁଣାବଜାର ଥାନା ପକ୍ଷରୁ ଚଢାଉ ନକଲି ଜର୍ଦ୍ଦା ଜବତ : ଅଭିଯୁକ୍ତ ଗିରଫ

ଭଦ୍ରକ, ୧୭ ଡିସେମ୍ବର (ହି.ସ.) - ଭଦ୍ରକର ଗ୍ରାମା ଂଚଳ ଥାନା ଠାରୁ ଆରମ୍ଭ କରି ସହରା ଳ ଓ ପୁରୁଣାବଜାର ଥାନା ଭଳି ୩ଟି ଥାନା ଅଂଚଳରେ ନକଲି ଜର୍ଦ୍ଦା କାରବାରକୁ ପୁଲିସ୍ ଯେତେ ରୋକିବାର ପ୍ରୟାସ କଲେବି ମାଫିଆମାନଙ୍କର ପ୍ରାର୍ଦୁଭାବ ଥମୁନାହିଁ । କାହିଁକିନା ଗତ ବର୍ଷକ ମଧରେ ଏହି ୩ଟି ଥାନା ଅଂଚଳର ପୁଲିସ୍ କୋଟି କୋଟି ଟଙ୍କାର ନାମୀଦାମୀ କଂପାନୀର ନକଲି ଜର୍ଦ୍ଦା ସହ ପ୍ରସ୍ତୁତରେ ବ୍ୟବହାର ହେଉଥିବା ଅତ୍ୟାଧୁନିକ ଯନ୍ତ୍ରାଂଶ ଜବତ କଲେ ବି ମାଫିଆମାନେ ସେମାନଙ୍କର କାରବାର ବନ୍ଦ କରୁନାହାଁନ୍ତି । ଆଜି ପୁରୁଣାବଜାର ଥାନା ପକ୍ଷରୁ ଥାନାଧିକାରୀ ଗଣେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ବଡଶଙ୍କରପୁର ଅଂଚଳର ସେକ୍ କାସିମ ନାମକ ଜଣେ ମାଫିଆଙ୍କ ଘର ଉପରେ ଚଢାଉ କରି ପ୍ରାୟ ୧ କ୍ୱିଂଟାଲ ଶିବଦାତା ଓ କନକ ଭଳି ନାମୀଦାମୀ କଂପାନୀର ନକଲି ଜର୍ଦ୍ଦା ସହ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ମଧ ଜବତ କରିଛି ।

# ସଂଖ୍ୟାଲଘୁ ଛାତ୍ରାବାସର ଶିଳାନ୍ୟାସ କଲେ ସାଂସଦ ଓ ବିଧାୟକ

## ଉପକୃତ ହେବେ ୧ହଜାର କଲେଜ ଛାତ୍ରଛାତ୍ରୀ, ସ୍ଥାନୀୟ ଅଂଚଳର ହେବ ବିକାଶ !

ଭଦ୍ରକ, ୧୭ ଡିସେମ୍ବର (ହି.ସ.) - ଭଦ୍ରକ ବିଧାନସଭା କ୍ଷେତ୍ରର ହରିପୁର ପଂଚାୟତ ଲାଙ୍ଗୁଡିରେ ସଂଖ୍ୟାଲଘୁ ବିଭାଗର ସଂଖ୍ୟାଲଘୁ ବିଭାଗର ଛାତ୍ରାବାସ ନିର୍ମାଣ ଲାଗି ଶିଳାନ୍ୟାସ ହୋଇଛି । ସାଂସଦ ମଂଜୁଲତା ମଣ୍ଡଳ, ବିଧାୟକ ସଂଜୀବ କୁମାର ମଲ୍ଲିକ ଆନୁଷ୍ଠାନିକ ଭାବେ ଦୁଇଟି ଛାତ୍ର/ ଛାତ୍ରୀ ନିବାସ ଲାଗି ଶିଳାନ୍ୟାସ କରିଥିଲେ । ଆଦିବାସୀ,ହରିଜନ ଓ ସଂଖ୍ୟାଲଘୁ ବିଭାଗ ପକ୍ଷରୁ ନିର୍ମାଣ ହେବ ଏହି ଦୁଇଟି ଛାତ୍ରାବାସ । ଏଥିପାଇଁ ୮କୋଟି ଲେଖାଏଁ ୧୬ କୋଟି ଟଙ୍କା ବ୍ୟୟ ହେବ । ଆଦିବାସୀ,ହରିଜନ ଓ ସଂଖ୍ୟାଲଘୁ ଛାତ୍ରଛାତ୍ରୀଙ୍କ ଲାଗି ଏଠାରେ ବିଶେଷ ସୁବିଧା ଉପଲବ୍ଧ ହେବ ବୋଲି ବିଧାୟକ ସଂଜୀବ ମଲ୍ଲିକ ଭାଷଣରେ କହିଥିଲେ । ରାଜ୍ୟ ସରକାର ବିଶେଷତଃ ମୁଖ୍ୟମନ୍ତ୍ରୀ ସବୁବର୍ଗର ଲୋକଙ୍କ ହିତରେ ଯୋଜନା କରୁଥିବା କଥା ବିଧାୟକ ଶ୍ରୀ ମଲ୍ଲିକ କହିଥିଲେ । ଏହି ଛାତ୍ରାବାସ ନିର୍ମାଣ ହେଲେ ସ୍ଥାନୀୟ ଅଂଚଳରେ ଏକ ଶୈକ୍ଷିକ ପରିବେଶ ସୃଷ୍ଟିହେବ । ଅତ୍ୟାଧୁନିକ ଲାଇବ୍ରେରୀ, ୱାଇ-ଫାଇ ବ୍ୟବସ୍ଥା ଉପଲବ୍ଧ ହେବା ସହ ଅଂଚଳ ଲାଗି ଏହା ବିକାଶର ଅନ୍ୟତମ ମାର୍ଗ ମଧ୍ୟ ହେବ ବୋଲି କହିଥଲେ ବିଧାୟକ ସଂଜୀବ ମଲ୍ଲିକ । ସାଂସଦ ମଂଜୁଲତା ମଣ୍ଡଳ ମଧ୍ୟ ଭାଷଣରେ ଭଦ୍ରକର ବିକାଶ ଲାଗି ଆମେ ସର୍ବଦା ଉଦ୍ୟମ କରୁଛୁ ଓ ଗୋଟିଏ ପରେ ଗୋଟିଏ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ବୋଲି କହିଥିଲେ । ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ସମ୍ପର୍କରେ ମତ ରଖି ସାଂସଦ କହିଥିଲେ ଯେ: ନିର୍ମାଣଶଧୀନ ୩୦୦ ଶଯ୍ୟା ବିଶିଷ୍ଟ ନୂତନ ମେଡିକାଲ ବିଲ୍ଡିଂ କାର୍ଯ୍ୟ ସରିବା ପରେ ମେଡିକାଲ କଲେଜ ପାଇଁ ବାଟ ଫିଟିବ । ଏହି ପ୍ରସଙ୍ଗରେ ପୂର୍ବରୁ ସେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନଙ୍କୁ ଭେଟିଥିବା ଓ ହର୍ଷବର୍ଦ୍ଧନ ମଧ୍ୟ ୩୦୦ ଶଯ୍ୟାର ମେଡିକାଲ ପ୍ରଥମେ ନିର୍ମାଣ ଲାଗି ପ୍ରସ୍ତାବ ଦେଇଥିବା କଥା ସାଂସଦ ସଭାରେ କହିଥିଲେ । ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଳୟ ଜେନା ଭାଷଣରେ ଏହି ପ୍ରକଳ୍ପ ଦ୍ୱୟ ପାଇଁ ବିଧାୟକ ଓ ସାଂସଦଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ସ୍ଥାନୀୟ ଅଂଚଳର ଅର୍ଥନୈତିକ ବିକାଶ ବି ହେବ ବୋଲି କହିଥିଲେ ଶ୍ରୀ ଜେନା । ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପର ଠିକାସଂସ୍ଥା ନେସନାଲ ପ୍ରୋଜେକ୍ଟ କନଷ୍ଟ୍ରକସନ କମ୍ପାନୀର ଡିଜିଏମ ଶ୍ରୀ ଦାସ, ହରିପୁର ସରପଂଚ ଅନୁପମା ଜେନା, ଓଲଙ୍ଗ ସରପଂଚ ଦେବୀଦୀପ୍ତା ମହାନ୍ତି, ପୂର୍ବତନ ପୌର ଉପାଧ୍ୟକ୍ଷା ତାହେର ଖାତୁନ, ଆଇନଜୀବୀ ତାହେର ଅହମ୍ମଦ, ସରପଂଚ ମୁକୁନ୍ଦଦେବ ସାମଲ, ପୂର୍ବତନ ସମବାୟ ସମିତି ସଭାପତି ଉମାଶଙ୍କର ନାୟକ, ଚିତରଂଜନ ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# କଟକରେ ନକଲି ଜର୍ଦ୍ଦା: ଗୁଟଖା କାରଖାନା ଉପରେ ଚଢ଼ଉ

କଟକ,୧୭।୧୨ (ନି.ପ୍ର): ନକଲି କାରଖାନାର ପେଣ୍ଠସ୍ଥଳ କଟକରେ ପୁଣି ଏକ ନକଲି ଜର୍ଦ୍ଦା, ଗୁଟଖା କାରଖାନା ଠାବ କରିବା ସହ ଏହା ଉପରେ ଚଢ଼ଉ କରିଛି କମିଶନରେଟ ପୋଲିସ । ଜଗତପୁର ତାଳବଣିଆରେ ରହିଥିବା ଏହି ନକଲି କାରଖାନା ଉପରେ ପୋଲିସ ପକ୍ଷରୁ ଆଜି ଚଢ଼ଉ କରାଯାଇଛି । ଚଢ଼ଉ ବେଳେ ସେଠାରୁ ବିପୁଳ ପରିମାଣର ନକଲି ଜର୍ଦ୍ଦା, ଗୁଟଖା ଓ ନିଶା ମୋଦକ ଜବତ ହୋଇଛି । ଜୋନ୍ -୧ ଏସପି ଯତୀନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି ।

# ପତ୍ନୀ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ପୁରୀ,୧୭।୧୨ (ନି.ପ୍ର): ଗତ ସୋମବାର ଅପରାହ୍ନରେ ଟାଉନଥାନା ଅନ୍ତର୍ଗତ ଚୁଡଙ୍ଗସାହି ମାତାଗୋସେଇଁ ଲେନରେ ଯୌତୁକକୁ ନେଇ ଜଣେ ବିବାହିତା ମହିଳାଙ୍କୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା । ମୃତ ମହିଳା ଜଣକ ପରିଚୟ ହେଲା ମୋନାଲିସା ନାୟକ (୨୩) । ଏହି ହତ୍ୟା ଅଭିଯୋଗରେ ଟାଉନଥାନା ପୁଲିସ ମୋନାଲିସାଙ୍କ ସ୍ୱାମୀ ବଦ୍ରି ନାରାୟଣ ନାୟକ (୩୦) କୁ ଗିରଫ କରିଛି ।

ଏ ସମ୍ପର୍କରେ ଟାଉନଥାନା ଆଇଆଇସି ଉପେନ୍ଦ୍ର ପ୍ରଧାନ ସୂଚନା ଦେଇ କହିଛନ୍ତି ଯେ, ଗତ ୧୩ ତାରିଖ ଦିନ ଚନ୍ଦନପୁର ଥାନା ଅନ୍ତର୍ଗତ ସୁନ୍ଦର ଗ୍ରାମର ବିଜୟ କୁମାର ସ୍ୱାଇଁ ନାମକ ଜଣେ ବ୍ୟକ୍ତି ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କ ଜ୍ୱାଇଁ କନ୍ୟା ମୋନାଲିସାଙ୍କୁ ଯୌତୁକ ଦାବିକରି ହତ୍ୟା କରିଛନ୍ତି । ବିଜୟଙ୍କ ଅଭିଯୋଗ କ୍ରମେ ପୁଲିସ ଏ ସଂକ୍ରାନ୍ତରେ କେସ୍ ନମ୍ବର ୨୬୩/୨୦୨୦ କ୍ରମେ ଆଇପିସିର ଧାରା ୪୯୮ (କ),୩୦୨,୩୦୪ (ଖ), ୩୪ ଆଇପିସି ଓ ୪ ଡିପି ଆକ୍ଟରେ ମାମଲା ରୁଜୁ କରିଛି । ପୁଲିସ ଏହି ଘଟଣାରେ ମୃତ ମହିଳାଙ୍କର ବିବାହର ଫଟୋଗ୍ରାଫ୍, ନିମନ୍ତ୍ରଣ ପତ୍ର ଏବଂ ସୁନା ଗହଣା ସମେତ ଝିଅ ପକ୍ଷ ଦେଇଥିବା ସମସ୍ତ ସାମଗ୍ରୀ ଜବତ କରିଛି ।

# ପ୍ରେମ ବିବାହରେ ଧୋକା

ଭଦ୍ରକ, ୧୭ ଡିସେମ୍ବର (ହି.ସ.) - ଏହି ଜିଲାର ବନ୍ତ ବ୍ଲକ ବାଙ୍ଗରପଦି ଗ୍ରାମର ଅନ୍ଧ ପିତା ପ୍ରଫୁଲ୍ଲ ଜେନାଙ୍କ ଝିଅ ପିଙ୍କି (୨୩) । ପରିବାରର ଆର୍ଥିକ ଅନାଟନକୁ ସାମନା କରିବାକୁ ଯାଇ ଯୋଗ ଦିଅନ୍ତି ଯାତ୍ରା ପାର୍ଟି ପାର୍ବତୀ ଗଣନାଟ୍ୟରେ । ସେଠାରେ ପରିଚିତ ହୁଏ ମହାକାଳପଡ଼ା ଖଡ଼ିଅ । ଗ୍ରାମର ପବିତ୍ର ମଲିକଙ୍କ ସହିତ । ସେଠାରେ ପରସ୍ପରକୁ ଭଲ ପାଇ ବିବାହ କରିବସନ୍ତି ଦୁହେଁ । ଇତି ମଧରେ ୩ ବର୍ଷର ପୁତ୍ର ସନ୍ତାନର ଜନନୀ ହୁଅନ୍ତି ପିଙ୍କି । ତେବେ କରୋନା କାଳରେ ଜୀବିକା ହରାଇ ଦୁହେଁ ଫେରି ଆସନ୍ତି ମହାକାଳପଡ଼ାର ନିଜର ଶ୍ୱଶୁରଘରକୁ । ମାତ୍ର ସେଠାରେ ସ୍ୱାମୀଙ୍କ ଦ୍ୱାରା ଶାରୀରିକ ଓ ମାନସିକ ନିର୍ଯ୍ୟାତନାର ଶିକାର ହୁଅନ୍ତି ପିଙ୍କି । ଯୌତୁକଲୋଭୀ ପ୍ରଫୁଲ୍ଲ ଚାପ ପକାନ୍ତି ଶ୍ୱଶୁରଘରୁ ଟଙ୍କା ଆଣିବା ପାଇଁ । ଝିଅର ଦୁଃଖ ସହି ନପାରି ଅନ୍ଧ ବାପା ୫୦ ହଜାର ଟଙ୍କା ଧାର ଉଧାର ଦିଅନ୍ତି ନିଜ ଜ୍ୱାଇଁର ସମ୍ମାନ ରକ୍ଷା କରି । ପରେ ପିଙ୍କି ଓ ପ୍ରଫୁଲ୍ଲ ପୁଅକୁ ମହାକାଳପଡ଼ାରେ ଛାଡ଼ି ବିଦେଶରେ ଚାକିରି କରି ଟଙ୍କା ରୋଜଗାର କରିବାକୁ ଯାଉଥିବା ବେଳେ ବାଦାମବାଡ଼ି ବସଷ୍ଟାଣ୍ଡରେ ପ୍ରଫୁଲ୍ଲର ପ୍ରକୃତ ମୁଖା ଖୋଲିଯାଏ । ପିଙ୍କିକୁ ଆନ୍ଧ୍ରର ବିଜୟୱାଡ଼ାର ବେଶ୍ୟାପଡ଼ାରେ ବିକ୍ରି କରି ଟଙ୍କା ଆଣିବାର ଯୋଜନାକୁ ଜାଣିପାରିଥିଲେ ପିଙ୍କି । ବାଦାମବାଡ଼ିରେ ଉଭୟଙ୍କ ମଧରେ ହେଉଥିବା ଯୁକ୍ତିତର୍କ ହୋଇଥିଲା । ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେବାରୁ ସ୍ୱାମୀ ପ୍ରଫୁଲ୍ଲ କୌଶଳରେ ସେଠାରୁ ଖସି ପଳାଇ ଆସିଥିଲା । ନିରୁପାୟ ହୋଇ ପିଙ୍କି ତାର ବାପଘର ବନ୍ତକୁ ପଳାଇ ଆସି ବାପଘର ସାହାଯ୍ୟରେ ମହାକଳପଡ଼ାରେ ପହିଁ ଶ୍ୱଶୁରଘର ଗ୍ରାମବାସୀଙ୍କ ସହାୟତାରେ ନିଜ ପୁଅକୁ ଫେରାଇ ଆଣିବାକୁ ଚେଷ୍ଟା କରିଥିଲା । ମାତ୍ର ସଫଳ ନହେବାରୁ ସ୍ଥାନୀୟ ଥାନାରେ ନିଜର ପିଲାକୁ ଫେରି ପାଇବା ପାଇଁ ଦରଖାସ୍ତ କରିଥିଲେ । ପୁଲିସ ପାଖରେ ଗ୍ରାମବାସୀ ପହିଁ ପିଙ୍କିର ପୁଅକୁ ଫେରାଇ ଦେବାର ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ନିର୍ଦ୍ଧାରିତ ସମୟରେ ପୁଅ ନ ଆସିବାରୁ ପିଙ୍କି ପୁଣି ମହାକାଳପଡ଼ା ଥାନାକୁ ଯାଇ ପୁଅ ବିଷୟରେ କହିବାରୁ ପୁଲସ ତାଙ୍କୁ ଚାଇଲଡ୍ ହେଲ୍ପ ଲାଇନର ଅଭିଯୋଗ କରିବାକୁ ଯାଅ କହି ଫେରାଇ ଦେଇଥିଲେ ।

# ମୟୂରଭଞ୍ଜରେ ଆଜିଠାରୁ ୧୦୦ଟି ମଣ୍ଡିରେ ଧାନ କିଣା ହେବ



ବାରିପଦା,୧୭।୧୨ (ନି.ପ୍ର): ଆଜିଠାରୁ ମୟୂରଭଞ୍ଜ ଜିଲ୍ଲାର ୧୦୦ଟି ମଣ୍ଡିରେ ଧାନକ୍ରୟ କରାଯିବ ବୋଲି ଜଣାଯାଇଛି । ଚଳିତ ବର୍ଷ ଖରିଫ ଋତୁରେ ଅମଳ ହୋଇଥିବା ଧାନ କ୍ରୟ ବିକ୍ରୟ ପାଇଁ ମୟୂରଭଞ୍ଜ ଜିଲ୍ଲାରେ ପୂର୍ବବର୍ଷ ଭଳି ଚଳିତ ବର୍ଷ ଯୋଜନା କରାଯାଇଛି । ଗତବର୍ଷ ଜିଲ୍ଲାରେ ମୋଟ ୯୮ ଟି ମଣ୍ଡି ଖୋଲାଯାଇଥିବା ବେଳେ ମୋଟ ୪୦୫୭୭ ଜଣ ଚାଷୀ ରେଜିଷ୍ଟ୍ରେସନ କରିଥିବା ବେଳେ ମୋଟ ୩୦୫୭୭ ଜଣ ଚାଷୀଙ୍କ ଠାରୁ ୧୩୪୪୧୫୫.୬୭ କୁଇଂଟାଲ ଧାନ କ୍ରୟ କରାଯାଇଥିଲା । ଏବଂ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଆଧାରରେ ମୋଟ ୨୪୩୯୬.୪୨ ଲକ୍ଷଟଙ୍କା ପ୍ରଦାନ କରାଯାଇଥିଲା । ଚଳିତ ବର୍ଷ ପୂର୍ବବର୍ଷର ରେଜଷ୍ଟ୍ରାର୍ଡ ଚାଷୀଙ୍କ ମଧ୍ୟରୁ ୩୫୩୯୧ ଜଣ ଚାଷୀ ରିନ୍ୟୁଆଲ କରିଥିବା ବେଳେ ନୂତନ କରି ଚଳିତ ବର୍ଷ ୨୧୫୬୩ ଜଣ ଚାଷୀ ରେଜଷ୍ଟ୍ରିସନ କରିଛନ୍ତି । ଚଳିତ ବର୍ଷ ଜିଲ୍ଲାରେ ମୋଟ ୫୬୯୫୪ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିଥିବାର ଜଣାଯାଇଛି । ତେବେ ଚଳିତ ବର୍ଷ ତା ୬/୧୧/୨୦ ରିଖ ଡିଏଲପିସି ମିଟିଂରେ ସ୍ଥିର କରାଯାଇ ପୂର୍ବ ବର୍ଷର ୯୮ ଟି ମଣ୍ଡି ସହିତ ନୂତନ କରି ୨ଟି ମଣ୍ଡି, ଭୁଆଶୁଣି ଲେମ୍ପ ଅଧିନରେ ବ୍ରାହ୍ମଣଗାଁ ମଣ୍ଡି ଓ କରଞ୍ଜିଆ ଲ୍ୟାମ୍ପ ଅଧିନରେ କେରକେରା ମଣ୍ଡି ମିଶାଇ ମୋଟ ୧୦୦ଟି ମଣ୍ଡି ଖୋଲାଯାଇଛି । ତେବେ ଚଳିତ ବର୍ଷ ଚାଷୀଙ୍କୁ ମଣ୍ଡିରେ ଧାନ ଜମା କରି ଦୀର୍ଘ ଦିନ ଅପେକ୍ଷା କରିବାକୁ ପଡିବ ନାହିଁ । ସେଥିପାଇଁ ପୂର୍ବରୁ ଧାନ ବିକ୍ରୟ ନିମନ୍ତେ ଟୋକେନ ବ୍ୟବସ୍ଥା କରାଯାଇଛି । ଟୋକେନର ଅବଧି ୩୦ ଦିନ ମଧ୍ୟରେ ରଖାଯାଇଥିବା ବେଳେ ଧାନ ବିକ୍ରୟ କରିବାର ୨୪ ଘଣ୍ଟା ମଧ୍ୟରେ ଚାଷୀଙ୍କ ଏକାଉଣ୍ଟକୁ ଟଙ୍କା ପଠାଇ ଦିଆଯିବ ବୋଲି ସରକାର ତଥା ବିଭାଗୀୟ ଅଧିକାରୀଙ୍କ ତରଫରୁ କୁହାଯାଇଛି । ସଫାସୁତୁରା କରି ଏଫଏକ୍ୟୁ ମାନର ଧାନ ମଣ୍ଡିକୁ ଆଣିବାକୁ ଚାଷୀ ମାନଙ୍କୁ ନିବେଦନ କରାଯାଇଥିବା ବେଳେ କଟନି ଛଟନି ମଣ୍ଡିରେ ହେବନାହିଁ ବୋଲି କୁହାଯାଇଛି । ଧାନ କ୍ରୟ ବିକ୍ରୟର ସଠିକତା ତଦାରଖ କରିବା ନିମନ୍ତେ ୪ଟି ସବଡିଭିଜନ ପାଇଁ ଯୋଗାଣ ବିଭାଗର ଏସିଏସଓ ଓ ସମବାୟ ବିଭାଗର ଏଆରସିଏସ ମାନଙ୍କୁ ନେଇ ଜିଲ୍ଲା ସ୍ତରରେ ୪ଟି ଟିମ ଗଠନ କରାଯାଇଥିବାର ମଧ୍ୟ ଜଣାଯାଇଛି ।

## ବଦଳିପରେ ବି ପଂଚାୟତ ଛାଡିନାହାନ୍ତି ପି.ଇ.ଓ

ବାଲିଆପାଳ,୧୭।୧୨ (ନି.ପ୍ର): ବାଲିଆପାଳ ବ୍ଲକ ଦେଉଳା ପଂଚାୟତର ପ.ଇ.ଓ ଭାବେ କାର୍ଯ୍ୟ କରୁଛନ୍ତି ରାଧିକା ଦଣ୍ଡପାଟ । ତାଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆସିବା ପରେ ବାଲିଆପାଳ ବ୍ଲକ ଚିଠି ନମ୍ବର ୨୮୨୨ ତା ୦୪.୧୨.୨୦୨୦ରେ ଜମ୍ବୀରାଇ ଓ ବଳରାମପୁର ପଂଚାୟତର ଦାୟିତ୍ୱ ନେବା ପାଇଁ ତାଙ୍କୁ ଚିଠି ହୋଇଛି । ତାଙ୍କ ବଦଳରେ ରଞ୍ଜନ କୁମାର ଆଚାର୍ଯ୍ୟଙ୍କୁ ଦେଉଳା ପଂଚାୟତର ପି.ଇ.ଓ. ଭାବେ ଦାୟିତ୍ୱ ନେବା ପାଇଁ ଚିଠି ହୋଇଛି । ତେବେ ଶ୍ରୀମତି ଦଣ୍ଡପାଟ ଶ୍ରୀ ଆଚାର୍ଯ୍ୟଙ୍କୁ ଦାୟିତ୍ୱ ହସ୍ତାନ୍ତର କରୁନଥିବା ଅଭିଯୋଗ ହେଉଛି । ନିଜ ବଦଳି ରଦ୍ଦ କରିବା ପାଇଁ ସେ ରାଜନୈତିକ ଆଶ୍ରୟ ନେଇ ଶ୍ରୀ ଆଚାର୍ଯ୍ୟଙ୍କୁ ଚାର୍ଜ ଦେଉନଥିବା ବହୁ ପଂଚାୟତ ବାସୀ କହିଛନ୍ତି । ଶ୍ରୀମତି ଦଣ୍ଡପାଟଙ୍କୁ ଏ ବିଷୟରେ ପଚାରିବାରୁ ପଂଚାୟତର ବାକିଥା ଫାଇଲ କାର୍ଯ୍ୟ ଶେଷ କରି ସେ ଦାୟିତ୍ୱ ହସ୍ତାନ୍ତର କରିବେ ବୋଲି କହିଛନ୍ତି ।

## ଏବିଭିପିର ରେମୁଣା ନଗର ସମ୍ମିଳନୀ

ରେମୁଣା,୧୭।୧୨ (ନି.ପ୍ର): ଆଜି ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ରେମୁଣା ଏଭିବିପି ତରଫରୁ ଏକ ସମ୍ମିଳନୀ ବସିଥିଲା । ଜିଲ୍ଲା ସଂଯୋଜକ ଜୀବନ ଜ୍ୟୋତି ରାଉତଙ୍କ ସଭାପତିତ୍ୱରେ ସଂଗଠନର ପୂର୍ବ ପର କାର୍ଯ୍ୟକ୍ରମ ବିଷୟରେ ବିଷଦ ଭାବେ ଆଲୋଚନା କରାଯାଇ ରେମୁଣା ନଗର ସମ୍ମିଳନୀର ନୂତନ କର୍ମକର୍ତା ଚୟନ କରାଗଲା । ଏଥିରେ ସଭାପତି ଭାବେ ମିୟମଦ ଖାଁନ ମନୋନିତ କରାଯାଇ ଥିବା ବେଳେ ସଂପାଦକ ଭାବେ ନୃସିଂହ ପ୍ରସାଦ ନାୟକ ମନୋନିତ କରାଯାଇଛି । ଏଥିସହ ସହ ସଂପାଦକ ସଙ୍କର ସିଂ, ରାଷ୍ଟ୍ରିୟ କଳା ପ୍ରମୁଖ ଭଗତୋଷ ଅଙ୍କିତ ଦାସ, କ୍ରିଡା ପ୍ରମୁଖ କିରଣ ସିଂ, ମିଡିଆ ପ୍ରମୁଖ ରଜତ ନାୟକ, ସିଡିଡି ପ୍ରମୁଖ ରାଜଶ୍ରୀ ଆଚାର୍ଯ୍ୟ ମନୋନିତ କରାଯାଇ ରେମୁଣା ନଗର ସଂଗଠନର ବିକାଶ ପାଇଁ ଦାୟିତ୍ୱ ପ୍ରଦାନ କରାଗଲା । ଆଗାମୀ ଦିନରେ ରେମୁଣା ନଗର ସମ୍ମିଳିନୀ ଦ୍ୱାରା ଏହି ଅଂଚଳରେ ସାମାଜିକ ବିକାଶ ସହ ବୃକ୍ଷରୋପଣ, ରକ୍ତଦାନ ଶିବିର ତଥା ବିଭିନ୍ନ ପ୍ରତିଯୋଗୀତା ମାଧ୍ୟମରେ ସ୍ଥନୀୟ ପ୍ରତିଭା ମାନଙ୍କୁ ଉତ୍ସାହିତ କରାଯିବ ବୋଲି ସ୍ଥିର କରାଗଲା । ଉକ୍ତ ସମ୍ମିଳନୀର ଶୁଭେଚ୍ଛୁ ଚିତ୍ରଶିଳ୍ପୀ ପ୍ରୀତମ ନାୟକ ସଂଗଠନକୁ ମଜବୁତ ତଥା ସକ୍ରିୟ କରିବା ପାଇଁ ମୂଲ୍ୟବାନ ପ୍ରସ୍ତାବ ମାନ ଦେଇଥିଲେ ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୦ତମ ଜୟନ୍ତୀ



ବାଲେଶ୍ୱର,୧୭।୧୨ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୦ତମ ଜୟନ୍ତୀ ସ୍ଥାନୀୟ ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟରେ ଆଜି ପାଳିତ ହୋଇଯାଇଛି । କଲେଜର ଅଧ୍ୟକ୍ଷା ଲାବଣ୍ୟ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ । ଅବସରପ୍ରାପ୍ତ ଅଧ୍ୟାପକ କମଳାକାନ୍ତ ଦାଶ ଏଥିରେ ଯୋଗଦେଇ କଲେଜର ପ୍ରତିଷ୍ଠା ଓ ନାମକରଣର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ । ଶ୍ରୀରାମଚନ୍ଦ୍ର ଟୋଲର ପ୍ରଥମ ପ୍ରଧାନପଣ୍ଡିତ ଆର୍ତ୍ତତ୍ରାଣ ଦ୍ୱିବେଦୀ ଓ ପ୍ରଥମ ସଭାପତି ରାଜା ବୈକୁଣ୍ଠନାଥ ଦେବଙ୍କ ଅନୁରୋଧ କ୍ରମେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ କିପରି ଶତାଧିକ ବର୍ଷର ଏହି ଅନୁଷ୍ଠାନର ପ୍ରଥମ ହିସ୍ ମେଜେଷ୍ଟି ଗ୍ରାଣ୍ଟ ଦେଇଥିଲେ ଓ ତାଙ୍କ ନାମରେ ନାମିତ ହୋଇଥିଲା ବୋଲି ଶ୍ରୀ ଦାଶ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଅରୁଣ କୁମାର ଦାସ, ଭାରପ୍ରାପ୍ତ ପ୍ରଧାନପଣ୍ଡିତ ରମେଶଚନ୍ଦ୍ର ପ୍ରଧାନ, ଲମ୍ବୋଦର ଦାଶ, ପରମାନନ୍ଦ ପଣ୍ଡା ଓ ସାହିତ୍ୟର ଅଧ୍ୟାପିକା ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧ୍ୟାପକ ଡ. ଶରତଚନ୍ଦ୍ର ମିଶ୍ର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍କାଇଲାଇଟ ଭାଙ୍ଗି ଚୋରୀ: ସି.ସି କ୍ୟାମେରାରେ ଚୋରର ଫଟୋ



ବାଲିଆପାଳ,୧୭।୧୨ (ନି.ପ୍ର):- ବାଲିଆପାଳ ଥାନା ଅର୍ନ୍ତଗତ ପ୍ରତାପୁର ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଥିବା ଏକ ମାର୍ବଲ ଟାଇଲ ଦୋକାନର ସ୍କାଇ ଲାଇଟ ଭାଙ୍ଗି ଚୋରୀ ହୋଇଥିବା ଅଭିଯୋଗ ହୋଇଛି । ଚୋରର ଚେହେରା ସି.ସି ଠିଭି ଫୋଟେଜରେ କଏଦ ହୋଇଛି । ସୂଚନା ମୁତାବକ ସୁଦିପ ପାତ୍ରଙ୍କ ପାତ୍ର ଟାଇଲସ ଓାର୍ଲଡ ଦୋକାନରେ ମଙ୍ଗଳବା ବିଳମ୍ବିତ ରାତିରେ ଜଣେ ଦୁର୍ବୃତ୍ତ ଦୋକାନର ସ୍କାଇଲାଇଟ ଭାଙ୍ଗି ଭିତରକୁ ପ୍ରବେଶ କରିଥିଲା । ଦୋକାନ ଭିତରେ ଥିବା ଏକ ଲାପଟପ ସହ କେସ ଡ୍ରୟାରରେ ଥିବା ୨୫୦୦୦ ଟଙ୍କା ନେଇଯାଇଥିଲା । ତେବେ ଚୋରୀ ସମୟରେ ଦୁର୍ବୃତ୍ତର ଚେହେରା ଦୋକାନରେ ଲାଗିଥିବା ସି.ସି. ଟିଭ ଫୋଟେଜରେ କଏଦ ହୋଇଯାଇଥିଲା । ଦୋକାନରରେ ୩ଟି ସି.ସି. ଟିଭି କ୍ୟାମେରା ଲାଗିଥିବା ବେଳେ ୨ଟି କ୍ୟାମେରା ଟିକେ ତଳେ ଲାଗିଥିଲା ଏବଂ ଅନ୍ୟ ଗୋଟିଏ କ୍ୟାମେରା ବହୁ ଉଚ୍ଚରେ ଭିତରକୁ ଥିଲା । ଦୁର୍ବୃତ୍ତ ୨ଟି କ୍ୟାମେରା ଭାଙ୍ଗି ଦେଥିବା ବେଳେ ଅନ୍ୟ କ୍ୟାମେରାଟି କେଉଁଠି ଥିଲା ଜାଣି ପାରିନଥିଲା । ଚୋରୀ କରିବାର ଭିଡିଓ ଏବଂ ଫୋଟେଜ ଗୁଡିକ ସୋସିଆଲ ମିଡିଆରେ ଘୋରି ବୁଲୁଛି । ଏନେଇ ସୁଦିପ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି ।

## ଉତ୍କଳ କେମିଷ୍ଟ ଓ ଡ୍ରଗିଷ୍ଟ ସଂଘର ଜୋନ୍ ସ୍ତରୀୟ ବନ୍ଧୁମିଳନ




ବାଲେଶ୍ୱର,୧୭।୧୨ (ନି.ପ୍ର): ଉତ୍କଳ କେମିଷ୍ଟ ଓ ଡ୍ରଗିଷ୍ଟ ସଂଘର ଉତ୍ତରଜୋନ୍ ଗୁରୁତ୍ୱପୂର୍ଣ୍ଣ ରାଜ୍ୟସ୍ତରୀୟ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଟେଲ୍ ପୂର୍ବୀ ବିଚ୍ ରିସୋର୍ଟ, ଚାନ୍ଦିପୁରରେ ଆଜି ଅନୁଷ୍ଠିତ ହୋଇଯାଇଛି । ସଂଗଠନର ବାଲେଶ୍ୱର ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ସଭାପତିତ୍ୱ କରିଥିଲେ । ଜିଲ୍ଲାର ସମ୍ପାଦକ ଅକ୍ଷୟ କୁମାର ବେହେରା ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସରୋଜ କୁମାର ସାହୁ, ମାନସ ଚନ୍ଦ୍ର ଦାସ, ବିକାଶ ଦାସ, ମନୋଜ ଜେନା, ପ୍ରିୟରଞ୍ଜନ, ବରଦା ପ୍ରସନ୍ନ ଦାସ, ଦୀପକ ମହାନ୍ତି, ପ୍ରଗତି ରଞ୍ଜନ ମହାନ୍ତି, ଉମାକାନ୍ତ ସ୍ୱାଇଁ, ସୁଶାନ୍ତ ପଣ୍ଡା, ରଂଜିତ୍ ବିଶ୍ୱାଳ, ରଂଜିତ୍ ପାତ୍ର, ଆର୍ଯ୍ୟ କୁମାର ପ୍ରଧାନ ପ୍ରମୁଖ ସଂଗଠନର ରାଜ୍ୟ ଓ ବିଭିନ୍ନ ଜିଲ୍ଲା କର୍ମକର୍ତ୍ତା ଇତ୍ୟାଦି ଉପସ୍ଥିତ ରହି ସାମ୍ପ୍ରତିକ ବ୍ୟବସାୟିକ ସ୍ଥିତି ଓ ରାଜ୍ୟ ସଂଘର କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନ କରିଥିଲେ । ଉକ୍ତ ବୈଠକରେ ଶତାଧିକ ସାଧାରଣ ସଭ୍ୟଙ୍କ ସହିତ ଅଶୋକ ଦାସ, ଅତୁଲ ଶତପଥୀ, କୈଳାଶ ବେହେରା, ପ୍ରମୋଦ କୁମାର ମହାନ୍ତି, ଅଶୋକ ଖଣ୍ଡେଲୱାଲ୍, ଇନ୍ଦୁଭୂଷଣ ପାତ୍ର ପ୍ରମୁଖ ସହଯୋଗ କରିଥିଲେ । ସର୍ବଶେଷରେ ବାଲେଶ୍ୱର ଜିଲ୍ଲା ସମ୍ପାଦକ ଅକ୍ଷୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ମାଆ ସିନ୍ଦୁରଗୌରା ଦେବୀଙ୍କ ବାର୍ଷିକ ଯଜ୍ଞ

ବାଲେଶ୍ୱର,୧୭।୧୨ (ନି.ପ୍ର): ପ୍ରତିବର୍ଷ ଭଳି ଗୁରୁବାରଠାରୁ ଆରମ୍ଭ ହୋଇଛି ନୂଆବଜାରସ୍ଥିତ ମାଆ ସିନ୍ଦୁରଗୌରା ଦେବୀଙ୍କ ବାର୍ଷିକ ଯଜ୍ଞ କାର୍ଯ୍ୟକ୍ରମ । ଘଟ ଉତ୍ତୋଳନ ସହ ସକାଳ ୬ଟାରେ ଯଜ୍ଞକାର୍ଯ୍ୟ ଶୁଭାରମ୍ଭ ହୋଇଥିଲା । ଏହି ଯଜ୍ଞରେ ଅନ୍ୟାନ୍ୟ ଦେବାଦେବୀଙ୍କ ସହ ମାଆ ଚଣ୍ଡିଙ୍କ ଉଦ୍ଦେଶ୍ୟରେ ଆହୁତି ପ୍ରଦାନ କରାଯାଉଛି । ବେଦଜ୍ଞ ପଣ୍ଡିତଙ୍କ ବେଦମନ୍ତ୍ର ଓ ଆହୁତି ପ୍ରଦାନରେ ନୂଆବଜାର ଅଞ୍ଚଳ ପବିତ୍ରମୟ ହୋଇ ଉଠିଛି । ଏହି ଯଜ୍ଞ ମଧ୍ୟରାତ୍ରିରେ ପୂର୍ଣ୍ଣାହୁତି ହେବ । ଶୁକ୍ରବାର ଦିନ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା ରହିଥିବା ବେଳେ ଅଧିକରୁ ଅଧିକ ଶ୍ରଦ୍ଧାଳୁ ଏଥିରେ ଯୋଗ ଦେବା ପାଇଁ ଯଜ୍ଞ କମିଟି ପକ୍ଷରୁ ଆହ୍ୱାନ ଦିଆଯାଇଛି ।

## ବାୟୋଫ୍ଲକ୍ ମାଛ ଚାଷ ପ୍ରଶିକ୍ଷଣ ଶିବିର




ବାଲେଶ୍ୱର,୧୭।୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ଜାତୀୟ ମତ୍ସ୍ୟଚାଷ ଉନ୍ନୟନ ସଂସ୍ଥାନ (ଏନଏଫଡିବି) ଓ ଜାତୀୟ କୃଷି ବିସ୍ତାର ପ୍ରବନ୍ଧ ସଂସ୍ଥାନ (ମ୍ୟାନେଜ୍)ର ମିଳିତ ସହଯୋଗରେ ବାୟୋଫ୍ଲକ ମାଛ ଚାଷ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି । ମତ୍ସ୍ୟ ବିଭାଗ ଉପନିର୍ଦ୍ଦେଶକ ଅଜୟ କୁମାର ଭୋଇ, ମାର୍ସକୋ ଆକ୍ୱା କ୍ଲିନିକର ବୈଜ୍ଞାନିକ ଡ. ନିତ୍ୟାନନ୍ଦ ପାଲ, ବୈଜ୍ଞାନିକ ଡ. ସୁଷମା ରେଖା ଦାସ, ମତ୍ସ୍ୟ ଚାଷ ପରାମର୍ଶଦାତା ସମାରେନ୍ଦ୍ର କୁମାର ପଣ୍ଡା ଏବଂ ରିଲାଏନ୍ସ ଫାଉଣ୍ଡେସନର କୋଅର୍ଡିନେଟର ଦିଲ୍ଲୀପ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ବାୟୋଫ୍ଲକ ଚାଷ ପ୍ରଣାଳୀ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିନିମନ୍ତେ ଆବଶ୍ୟକ ଭିତ୍ତିଭୂମି ଓ ଜ୍ଞାନକୌଶଳ ସମ୍ପର୍କରେ ବିଶେଷଜ୍ଞମାନେ ଶିବିରାର୍ଥୀଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ । ସେମାନେ କହିଥିଲେ କି ବାୟୋଫ୍ଲକ ପ୍ରଣାଳୀ ଭାରତରେ କ୍ରମଶଃ ଆଦୃତ ହେଉଥିଲେ ବି ସଠିକ ପ୍ରଶିକ୍ଷଣ ଅଭାବରୁ ଚାଷୀ ଆଶାନୁରୂପ ଭାବେ ସଫଳ ହୋଇ ପାରୁନାହାନ୍ତି । ଜାତୀୟ ମତ୍ସ୍ୟଚାଷ ଉନ୍ନୟନ ସଂସ୍ଥାନ ଅନିମୋଦିତ ମାର୍ସକୋ ଆକ୍ୱା କ୍ଲିନିକର ଆକ୍ୱା ୱାନ ସେଂଟରରୁ ବୈଜ୍ଞାନିକ ସମ୍ମତ କୌଶଳ ସହ ଆବଶ୍ୟକୀୟ ପ୍ରଶିକ୍ଷଣ ନେଇ ଜଣେ ସଫଳ ମତ୍ସ୍ୟ ଚାଷୀ ହୋଇପରିବେ ବୋଲି ସଂସ୍ଥାର ପ୍ରଶିକ୍ଷିକା ଡ. ସୁଷମା ରେଖା ଦାସ ପ୍ରକାଶ କରିଥିଲେ । ସୋସିଆଲ ମିଡିଆରୁ ବାୟୋଫ୍ଲକ ସମ୍ପର୍କରେ ପ୍ରଶିକ୍ଷଣ ନ ନେଇ ଆବଶ୍ୟକୀୟ ବୈଜ୍ଞାନିକ ପ୍ରଣାଳୀ ଓ ତଥ୍ୟ ଆକ୍ୱା ୱାନ ସେଂଟରରୁ ନେବା ପାଇଁ ମତ୍ସ୍ୟଚାଷ ପରାମର୍ଶଦାତା ଶ୍ରୀ ପଣ୍ଡା ମତପ୍ରକାଶ କରିଥିଲେ । ସମ୍ପ୍ରତି ସ୍ୱଳ୍ପ ପୁଞ୍ଜି ଲଗାଇ ଆତ୍ମ ନିର୍ଭରଶୀଳ ହେବା ପାଇଁ ବାୟୋଫ୍ଲକ ମାଛ ଚାଷ ମାଧ୍ୟମ ହୋଇଥିବା ବେଳେ ଏହାର ସୁଯୋଗ ନେବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଗୋବରରୁ ନିର୍ମିତ ....

ସାକାର କରିବାରେ ଦୃଢ ସହାୟକ ହେବ । ସେ କହିଛନ୍ତି ଯେ ଡିଷ୍ଟେମ୍ପର ଓ ଏମଲସନରେ ପ୍ରସ୍ତୁତ ଏହି ରଙ୍ଗ ପରିବେଶ ଅନୁକୂଳ, ଅଣ ବିଷାକ୍ତ, ଜୀବାଣୁ ନାଶକ, ଶିଉଳି ରୋଧକ ଏବଂ ଧୋଇବା ଯୋଗ୍ୟ ସହ ରଙ୍ଗ ଲଗାଇବାର ମାତ୍ର ଚାରି ଘଣ୍ଟା ମଧ୍ୟରେ ଶୁଖିଯିବ । ଏହାଦ୍ୱାରା ପଶୁପାଳନ ଚାଷୀଙ୍କ ପାଇଁ ବର୍ଷକୁ ୫୫ ହଜାର ଟଙ୍କାର ସୁନିଶ୍ଚିତ ଅତିରିକ୍ତ ଆୟ ହେବ ବୋଲି ସେ କହିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କୁ ଗୃହବନ୍ଦୀ ...

ଏପଟେ ବିହାରୀ ଓ ସେପଟେ ତାମିଲ । ଏ ରାଜ୍ୟକୁ ଖାଇ ସାରିଲେଣି । ଭୁବନେଶ୍ୱର ଓ ଖୋର୍ଦ୍ଧାର ମୂଲ୍ୟବାନ ଜମିକୁ ଶାଗମାଛ ଦରରେ ବିକ୍ରି ଦେଉଛନ୍ତି । ଏହି ଜମି ବିକ୍ରିରେ ପ୍ରାୟ ୧୦ ହଜାର କୋଟି ଟଙ୍କାର ହେରଫେର ହୋଇଛି ବୋଲି ଶ୍ରୀ ରାଉତରାୟ ଅଭିଯୋଗ କରିଛନ୍ତି । ଭୁବନେଶ୍ୱର ଓ ଖୋର୍ଦ୍ଧାର ଜମିଗୁଡ଼ିକୁ କମ୍ ଦରରେ ବିକ୍ରି କରାଯାଉଛି, ଏପରିକି ସ୍କୁଲର ଖେଳ ପଡ଼ିଆ, ମଶାଣୀ, ମେଳଣ ପଡ଼ିଆକୁ ମଧ୍ୟ ବାଦ୍ ଦେଉନାହାନ୍ତି । ତେଣୁ ସରକାରଙ୍କ ଏହି ଜମି ବିକ୍ରିକୁ ବିରୋଧ କରି ଖୁବ୍‌ଶୀଘ୍ର ଖୋର୍ଦ୍ଧା ଓ ଭୁବନେଶ୍ୱର ଅଂଚଳର ୨୦ ହଜାର ଲୋକଙ୍କୁ ଆଣି ନବୀନ ନିବାସ ଘେରାଉ କରାଯିବ ବୋଲି ଶ୍ରୀ ରାଉତରାୟ ଚେତାବନୀ ଦେଇଛନ୍ତି ।

## ଆସୋଚାମ୍‌ର ପ୍ରତିଷ୍ଠା ....

କୋଭିଡ-୧୯ର ପରବର୍ତୀ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ନିରନ୍ତର ସଂସ୍କାଣ ଏବଂ ସଠିକ୍ ଦୂରଦୃଷ୍ଟି ଭାରତକୁ ଅଧିକ ଆତ୍ମନିର୍ଭର କରିବା ପାଇଁ ବଡ ଖୋରାକ୍ ଯୋଗାଇଛି । ଶିଳ୍ପ ସମୂହଙ୍କ ଅଂଶଗ୍ରହଣ ଏବଂ ପୁଞ୍ଜିନିବେଶ ସହ ଦେଶର ଉର୍ଜା କ୍ଷେତ୍ର ଅନେକ ସୁଯୋଗ ଆଣିଦେଇଛି । ଉର୍ଜା କ୍ଷେତ୍ର ତଥା ଅନ୍ୱେଷଣ ଏବଂ ଉତ୍ପାଦନ (ଇ ଏବଂ ପି), ବିଶୋଧନାଗାର, ଜୈବଇନ୍ଧନ, ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ଭଣ୍ଡାର, ଏଲଏନଜି କ୍ଷମତା ବୃଦ୍ଧି, ଗବେଷଣା ଏବଂ ବିକାଶ(ଆର ଏବଂ ଡ଼ି) କ୍ଷେତ୍ରର ବିକାଶ ପାଇଁ ସବୁପ୍ରକାର ଉଦ୍ୟମ ଜାରୀ ରହିଛି । ଏହି ଆଧାରରେ ସ୍ୱଚ୍ଛ ମାର୍ଗକୁ ଗ୍ରହଣ ଆଣିବା,ଆର୍ଥିକ ବିକାଶ, ଦେଶବାସୀଙ୍କ ପାଇଁ ନୂଆ ସୁଯୋଗ ପ୍ରଦାନ କରିବା ଦିଗରେ ଦୃଷ୍ଟି ଦିଆଯାଉଛି । ଦେଶରେ ପାଇପଲାଇନ, ସିଟି ଗ୍ୟାସ ବିତରଣ, ଏଲଏନଜି, ରି-ଗ୍ୟାସିଫିକେସନ ଟର୍ମିନାଲ ସହ ଗ୍ୟାସ ଭିତିଭୂମିର ବିକାଶ ପାଇଁ ୬୦ ବିଲିୟନ ଆମେରିକୀୟ ଡଲାର ପୁଞ୍ଜିନିବେଶ କରାଯାଉଛି । ସେହିପରି ୨୦ ବିଲିୟନ ଆମେରିକୀୟ ଡଲାର ନିବେଶରେ ଆଗାମୀ ଦିନରେ ଭାରତ ସରକାର ୫ ହଜାର ସିବିଜି ପ୍ଲାଂଟ୍ ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛନ୍ତି । ଏହି ସିବିଜି ପ୍ଲାଂଟରେ ବାର୍ଷିକ ୧୫ ମିଲିୟନ ମେଟ୍ରିକ ଟନ ସିବିଜି ଉତ୍ପାଦନ କରିବାର ଲକ୍ଷ୍ୟ ରଖାଯାଇଛି । ବର୍ତମାନ ସୁଦ୍ଧା ଦେଶର ବିଭିନ୍ନ ସ୍ଥାନରେ ୧୫୦୦ ସିବିଜି ପ୍ଲାଂଟର କାର୍ଯ୍ୟକ୍ଷମ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

## ୨୧ରେ ସବୁ ଏସପି ଅଫିସ୍ ....

ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟ ଓ କର୍ମକର୍ତା, କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କୁ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅବଗତ କରାଇ ଏହାକୁ ସଫଳ କରିବାକୁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଯେ ରାଜ୍ୟରେ ବର୍ତମାନ ଦିନକୁ ପ୍ରାୟ ୧୧ ଜଣ ଶିଶୁ ନିଖୋଜ ହେଉଛନ୍ତି । ବର୍ଷକୁ ପ୍ରାୟ ୪୩୧୫ ଜଣ ଶିଶୁଙ୍କର ଅପହରଣ ଚିନ୍ତାର କାରଣ ହୋଇଛି । ପରୀ, ସ୍ୱାତୀ, ପିହୁ, ଆୟୁଷ ପରି କୁନିକୁନି ଶିଶୁକନ୍ୟା ଓ ଶିଶୁପୁତ୍ରଙ୍କୁ ଅପହରଣ ଓ ସ୍ଥଳବିଶେଷରେ ଧର୍ଷଣ ଓ ହତ୍ୟା କରିବା ଘଟଣା ଅତ୍ୟନ୍ତ ବର୍ବରୋଚିତ । ଦୀର୍ଘ ୨୧ ବର୍ଷରୁ ଉର୍ଦ୍ଧ୍ୱ ବିଜୁ ଜନତା ଦଳର ସରକାର ଏ କ୍ଷେତ୍ରରେ ସଂପୂର୍ଣ୍ଣ ଫେଲ୍ ମାରିଛନ୍ତି । ଏତଲା ପରେ ବି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ ଜିଲ୍ଲାପାଳମାନେ ଯେପରି ତତ୍ପରତା ଦେଖାଇବା କଥା ତାହା ପରିଲକ୍ଷିତ ହେଉନାହିଁ । ୨୦୧୬ ସେପ୍ଟେମ୍ବର ଠାରୁ ଆଜିଯାଏଁ ରାଜ୍ୟରେ ପ୍ରାୟ ୭୦୦୦ ନାବାଳକ ଓ ନାବାଳିକା ନିଖୋଜ ହୋଇଛନ୍ତି ବୋଲି ସରକାରୀ ସୂତ୍ର କହୁଛି । ଏଥିରୁ ପ୍ରାୟ ୫୦୫୦ ଜଣ ହେଉଛନ୍ତି କେବଳ ନାବାଳିକା । ସେହିପରି ଘରୋଇ ହିଂସା, ମହିଳା ନିର୍ଯ୍ୟାତନାରେ ଓଡିଶା ଦେଶରେ ତୃତୀୟ ରାଜ୍ୟ ଭାବେ ଉଭା ହୋଇଛି । ନାରୀ ନିର୍ଯ୍ୟାତନା, ନାବାଳିକାଙ୍କୁ ଅପହରଣ, ଯୌନ ନିର୍ଯ୍ୟାତନା, ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ହତ୍ୟା ଏବଂ ଚୋରି, ଡକାୟତି, ଛିନ୍‌ତାଇ ଆଦି ଅପରାଧ ସଂଖ୍ୟା ପ୍ରତିବର୍ଷ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିଲେ ମଧ୍ୟ ଏଭଳି ସ୍ପର୍ଶକାତର ଓ ସମ୍ବେଦନଶୀଳ ଘଟଣାକୁ ନିୟନ୍ତ୍ରଣ କରିବାରେ ନବୀନବାବୁ ଓ ତାଙ୍କ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି ।

## ପରିଶ୍ରମ ପୋର୍ଟାଲର ...

ଏହି ଅବସରରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ କହିଥିଲେ ଯେ ଆଜିର ଏହି ନୂତନ ପୋର୍ଟାଲର ଉନ୍ମୋଚନ ଓ ଅନ୍‌ଲାଇନ ସେବା ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପିତ ଶିଳ୍ପସମୃଦ୍ଧ ଓଡିଶା ଗଠନରେ ସହାୟକ ହେବ । ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନାକୁ କାର୍ଯ୍ୟକାରୀ କରିବା ଦିଗରେ ବିଭାଗ ନିଷ୍ଠାର ସହ କାର୍ଯ୍ୟ କରୁଛି ବୋଲି ସେ କହିଥିଲେ । ସୂଚନାଯୋଗ୍ୟ ଯେ ବ୍ୟବସାୟିକ ପଦ୍ଧତିର ସରଳୀକରଣକୁ ପ୍ରୋତ୍ସାହିତ କରିବାପାଇଁ ୫-ଟି କାର୍ଯ୍ୟକ୍ରମରେ ଏହି ନୂତନ ପୋର୍ଟାଲକୁ ପ୍ରସ୍ତୁତ କରାଯାଇଛି । ଆଜିର ଏହି ୨୨ଟି ଅନ୍‌ଲାଇନ ସେବା ରାଜ୍ୟର ଉଦ୍ୟୋଗୀ ମାନଙ୍କୁ ଅନ୍‌ଲାଇନ ଜରିଆରେ ପଞ୍ଜୀକରଣ ପ୍ରମାଣପତ୍ର, ଲାଇସେନ୍‌ସ, କାରଖାନାର ନୂତନ ନକ୍‌ସାର ଅନୁମୋଦନ, ଲାଇସେନ୍‌ସର ବଦଳିକରଣ, ବାଷ୍ପିତ୍ର ନିରୀକ୍ଷଣ ଓ ସାମୟିକ ନବୀକରଣ ଆଦି ଅନେକ ସୁବିଧା ମିଳିପାରିବ । ଏଥିସହିତ ପୋର୍ଟାଲରୁ ବିଭାଗ ଅଧିନସ୍ଥ ଶ୍ରମ ଆଇନ ସହିତ ଫର୍ମ, ବିଭିନ୍ନ ସେବା ନିମନ୍ତେ ଆବେଦନ ପ୍ରକ୍ରିୟା ଓ ପୈଠର ପରିମାଣ ସଂପର୍କରେ ସୂଚନା ମିଳିପାରିବ । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ସଚିବ ଶ୍ରୀମତୀ ଚିତ୍ରା ଅରମୁଗମ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଶ୍ରମ କମିଶନର ଶ୍ରୀ ତିରୁମଲ୍ଲା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ପୋର୍ଟାଲ ସଂପର୍କରେ ଏକ ଭିଡିଓ ଚିତ୍ର ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗର ପ୍ରମୁଖ ସଚିବ ଶ୍ର ସତ୍ୟବ୍ରତ ସାହୁ, ଶିଳ୍ପ ବିଭାଗର ପ୍ରମୁଖ ସଚିବ ଶ୍ରୀ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ, ଆ.ଟି ବିଭାଗର ସଚିବ ଶ୍ରୀ ମନୋଜ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ଆଜିଠାରୁ ଖୋଲିବ ....

ତାଲିମ ପ୍ରତିଷ୍ଠାନଠାରେ ଥିବା ଏହି ସଂଗ୍ରହାଳୟକୁ ସର୍ବସାଧାରଣଙ୍କ ନିମନ୍ତେ ବନ୍ଦ ରଖାଯାଇଥିଲା । ଦର୍ଶକ ମାନଙ୍କ ପ୍ରବେଶ ନିମନ୍ତେ କୋଭିଡ଼-୧୯ ସଂକ୍ରମଣ ପ୍ରତିଷେଧକ ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି । ପ୍ରତ୍ୟେକ ଦର୍ଶକ ସଂଗ୍ରହାଳୟ ପରିସରକୁ ପ୍ରବେଶ କରିବା ପୂର୍ବରୁ ମୁଖ୍ୟ ପ୍ରବେଶ ଦ୍ୱାରରେ ସେମାନଙ୍କ ଶରୀରର ତାପମାତ୍ରା ଫୋରହେଡ୍ ସ୍କାନର ମେସିନ୍ ଦ୍ୱାରା ଯାଂଚ କରାଯାଇ ଭିତରକୁ ପ୍ରବେଶ କରିବା ପାଇଁ ଅନୁମତି ମିଳିବ । ପ୍ରତ୍ରେକ ଦର୍ଶକ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ଅଟେ । ସଂଗ୍ରହାଳୟ ମଧ୍ୟରେ ପ୍ରତ୍ୟେକ ଦର୍ଶକ ସେମାନଙ୍କ ମଧ୍ୟରେ ଅତି କମ୍‌ରେ ୧୦ ଫୁଟ୍ ଦୂରତା ରକ୍ଷା କରିବେ । ପ୍ରତ୍ୟେକ ଦର୍ଶକ ମୁଖ୍ୟ ପ୍ରବେଶ ପଥରେ ସେମାନଙ୍କ ହାତ ହ୍ୟାଣ୍ଡ ସାନିଟାଇଜର ଦ୍ୱାରା ସାନିଟାଇଜ କରିବା ଜରୁରୀ ଅଟେ । ପ୍ରତ୍ୟେକ ଦର୍ଶକ ସଂଗ୍ରହାଳୟ ମଧ୍ୟରେ ବୁଲି ଦେଖିବା ସମୟରେ କୌଣସି ସୋକେସ୍, ଟଚ୍‌ସ୍କ୍ରିନ୍ କିଓସ୍କ, ଭିଆର୍ ହେଡ଼୍‌ସେଟ୍ କିମ୍ବା କୌଣସି କଳାବସ୍ତୁକୁ ଛୁଇଁବା ନିଷେଧ କରାଯାଇଛି । ୬୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଓ ୧୪ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ସଂଗ୍ରହାଳୟ ମଧ୍ୟକୁ ପ୍ରବେଶ ନିମନ୍ତେ ଅନୁମତି ମିଳିବ ନାହିଁ । ଆଉ ମଧ୍ୟ ଏକ ସମୟରେ ୧୦ ଜଣ ଦର୍ଶକଙ୍କୁ ଭିତରକୁ ପ୍ରବେଶ ଅନୁମତି ମିଳିବ । ସେମାନଙ୍କ ମଧ୍ୟରୁ ପ୍ରଥମ ୫ ଜଣ ମୁଖ୍ୟ ସଂଗ୍ରହାଳୟ ଓ ତନ୍ମଧ୍ୟରୁ ଜଣେ ଲେଖାଏଁ ପ୍ରକେ କକ୍ଷ ମଧ୍ୟକୁ ପ୍ରବେଶ କରିପାରିବେ । ଅନ୍ୟ ୫ ଜଣ ପରିସର ମଧ୍ୟରେ ଥିବା ପାରମ୍ପରିକ ଜନଜାତି ଗୃହ ମଧ୍ୟକୁ ଜଣ ଜଣ କରି ପ୍ରବେଶ କରିପାରିବେ । ସଂଗ୍ରହାଳୟ ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଦିବା ୧୦ ଘଟିକାଠାରୁ ସନ୍ଧ୍ୟା ୫ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓଟା ପ୍ରକାଶ କରିଛନ୍ତି ।

## ସାଂସଦ ଓ ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ



ପାରାଦୀପ,୧୭।୧୨ (ନି.ପ୍ର): ଜଗତସିଂହପୁର ସାଂସଦ ଡା. ରାଜଶ୍ରୀ ମଳିକ୍ ଓ ପାରାଦୀପ ବିଧାୟକ ସମ୍ବିତ୍ କୁମାର ରାଉତରାୟ ଆଜି ପାରାଦୀପ ପୌର ପରିଷଦ ଅଧିନରେ ବିଭିନ୍ନ ପ୍ରକଳ୍ପ ଗୁଡିକର ଉଦଘାଟନ କରିବାସହ କେତେକ ନୁତନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ସେଥିମଧ୍ୟରୁ ଅଠରବାଙ୍କିର ସାମନ୍ତରା କଲୋନୀ ଠାରେ ଗୋଷ୍ଠି ଉନ୍ନୟନ କେନ୍ଦ୍ର, ରେଳବାଇ କଲୋନୀର ଗୋଷ୍ଠି ସୌଚାଳୟ, ମେରାଇନ୍‌ଡ୍ରାଇଭ୍ ଷ୍ଟ୍ରିଟ୍ ଲାଇଟ୍, ଷଣ୍ଢକୁଦ ବସ୍ତିର ସ୍କୁଲ୍ ଗୃହ, ଏମ୍ପୟାର୍ସ ଛକ ଠାରେ ଗୋଷ୍ଠି ସୌଚାଳୟ ଏବଂ ନୁଆବଜାର ଠାରେ ଗୋଷ୍ଠି ସୌଚାଳୟ ଭଳି ବିଭିନ୍ନ ପ୍ରକଳ୍ପ ଗୁଡିକର ଉଦଘାଟନ ଓ ଶିଳାନ୍ୟାସ କରିଥିଲେ । ତେବେ ଏହିସବୁ ପ୍ରକଳ୍ପ ଗୁଡିକର ଉଦଘାଟନ ସମୟରେ ପୂର୍ବତନ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ସାଂସଦଙ୍କ ପ୍ରତିନିଧୀ ମହେନ୍ଦ୍ର ପରିଡା ଓ ପୌର ନିର୍ବାହୀ ଅଧିକାରୀ ସୌରେନ୍ଦ୍ର କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହାସହ ବିଜେଡି ଦଳର ଅନେକ କର୍ମିମାନେ ମଧ୍ୟ ଉପସ୍ଥିତ ରହିଥିଲେ ।

# ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳିତ

ବାରିପଦା (ନି.ପ୍ର.) ତା ୧୭/୧୨ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମୟୂରଭଞ୍ଜର ପ୍ରାକ୍ତନ ପ୍ରଜାନୁରକ ମହାରାଜା ଶ୍ରୀରାମ ଚନ୍ଦ୍ର ଭଦେଓଙ୍କ ପ୍ରତିମୂର୍ତ୍ତୀ ସ୍ଥଳରେ ଜିଲ୍ଲା ପ୍ରଶାସନ ଓ ବାରିପଦା ପୌରପାଳିକା ମିଳିତ ଆନୁକୁଲ୍ୟରେ ମହାରାଜାଙ୍କ ୧୫୦ ତମ ଜନ୍ମଜୟନ୍ତୀ ପୂଷ୍ପମାଲ୍ୟ ଅର୍ପଣ ପୂର୍ବକ ପାଳିତ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବିନ୍ଦ୍ର କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି, ବାରିପଦା ଉପଜିଲ୍ଲାପାଳ ତଥା ପୌରନିର୍ବାହୀ ଅଧିକାରୀ ପି. ଅନ୍ୱେଷା ରେଡ୍ଡି, ବରିଷ୍ଠ ବୁଦ୍ଧିଜିବୀ ଭାଗବତ ପଣ୍ଡା, ସାହିତ୍ୟ ଓଡିଶା ଏକାଡେମୀ ସଦସ୍ୟ ପଦ୍ମନାଭ ସାହୁ, ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ଶରତ ଚନ୍ଦ୍ର ନାୟକ, ଶ୍ୟାମ ସୁନ୍ଦର ଦାସ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ମାଲ୍ୟାର୍ପଣ କରିଥିଲେ । ସେହିଭଳି ଭାବରେ ଜିଲ୍ଲା ବିଜେପିର କର୍ମକର୍ତ୍ତା ମାନେ ଓ ଜିଲ୍ଲା ବିଜେଡିର କର୍ମକର୍ତ୍ତା ମାନେ, ବିଭିନ୍ନ ସାହିତ୍ୟ ଓ ସାମାଜିକ ଏବଂ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ମାନେ ଏବଂ ବର୍ତ୍ତମାନମାନର ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ବାରିପଦା ବିଧାୟକ ପ୍ରକାଶ ସୋରେନ, ପୂର୍ବତନ ଉପ ନଗରପାଳ ଜିତେନ୍ଦ୍ର ମହାନ୍ତି, ଓଡିଶା କୃଷିଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଏସଡିସି ଚେୟାରମେନ ଡାଃ ଦେବାଶିଷ ମାରାଣ୍ଡି ସମାଧି ସ୍ଥଳକୁ ଆସି ମହାରାଜାଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ ।



## ମହିଳାଙ୍କୁ ଅଶାଳୀନ ମନ୍ତବ୍ୟ ଦେଇଥିବା ବିଷ୍ଣୁସେଠୀଙ୍କୁ ଗିରଫ ଦାବିରେ ତହସିଲ ଘେରାଉ




ଜଳେଶ୍ୱର, ୧୭/୧୨(ନିପ୍ର) : ମାତୃଜାତୀକୁ ସମସ୍ତେ ସମ୍ମାନ ଦେଉଥିବା ବେଳେ ମାନବାଧିକାର ଦିବସ ପରିପ୍ରେକ୍ଷୀରେ ଭଦ୍ରକର ଏକ ହୋଟେଲରେ ଅନୁଷ୍ଠିତ ସଭାରେ ବିରୋଧି ଦଳର ନେତା ତଥା ଧାମନଗର ବିଧାୟକ ବିଷ୍ଣୁ ସେଠୀଙ୍କ ନାରୀମାନଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ କୁ ନେଇ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ଅଖିଳ ଭାରତ ଗଣତାନ୍ତ୍ରୀକ ମହିଳା ସମିତି ପକ୍ଷରୁ ଆଜି ଗୁରୁବାର ପୂର୍ବାହ୍ନରେ ତହସିଲ ଅଫିସ ସମ୍ମୁଖରେ ଗଣଧାରଣ ଦେବା ସହିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର କ୍ଷୀରୋଦ କୁମାର ପଣ୍ଡାଙ୍କୁ ପ୍ରଦାନ କରାଯାଇଛି । ଅଖିଳ ଭାରତ ଗଣତାନ୍ତ୍ରୀକ ମହିଳା ସମିତିର ଜଳେଶ୍ୱର ବ୍ଲକ ସଂପାଦିକା ଶାନ୍ତିଲତା ପଣ୍ଡାଙ୍କ ନେତୃତ୍ୱରେ ଆରତୀ ପଲାଇ, ଈଷାନୀ ଆଚାର୍ଯ୍ୟ, ମମତା ରାଜ, ଗୀତା ସିଂ, ମାଳତୀ ଭୂୟାଁ, ଆରତୀ ମହାନ୍ତି, ଉମା ମାହାଲି, ସାବିତ୍ରୀ ନାୟକ, ବାଙ୍ଗିରୀ ପଲାଇ, ରାସମଲି ପଲାଇ, ବନ୍ଦିତା ପାତ୍ର, ଜୟନ୍ତୀ ରଣା, ଲକ୍ଷ୍ମୀ ପ୍ରିୟା ଜେନା, ଅନିତା ଦେବନାଥ, ମାଳତୀ ପଲାଇ, ସରସ୍ୱତୀ ନାୟକ, ମନ ଦେବନାଥ ପ୍ରମୁଖ ବହୁ ମହିଳା ଏହି ଘେରାଉରେ ସାମିଲ ଥିଲେ ।

# ଜିଲ୍ଲା ଏଡ୍‌ସ ପ୍ରତିକାର-ନିୟନ୍ତ୍ରଣ ସମିତି ବୈଠକ

ବାଲେଶ୍ୱର,୧୭।୧୨ (ନି.ପ୍ର): ଜିଲ୍ଲା ଏଡସ୍ ପ୍ରତିକାର ଓ ନିୟନ୍ତ୍ରଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟେରଜିତ ଏହି ବୈଠକରେ ଏଡସ ଭଳି ମାରାତ୍ମକ ରୋଗର ପ୍ରତିକାର ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା । ଏଥି ସହିତ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଆବଶ୍ୟକତା ପୂରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏଚଆଇଭି ଓ ଏଡସ ପରୀକ୍ଷାକୁ ଅଧିକ କ୍ରିୟାଶୀଳ କରିବା ସହ ଜିଲ୍ଲାର ସମସ୍ତ ଉପାନ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ନମୁନା ପରୀକ୍ଷା ବ୍ୟବସ୍ଥା କରାଯାଇଛି । ଜିଲ୍ଲାରେ ଏବେ ବର୍ଷକୁ ଏକ ଲକ୍ଷରୁ ଅଧିକ ନମୁନାର ଏଚଆଇଭି ପରୀକ୍ଷା କରାଯାଉଥିବା ବେଳେ ପଜିଟିଭ୍ ହାର ଧିରେ ଧିରେ କମି ଚାଲିଛି । ଜିଲ୍ଲାର ବିଭିନ୍ନ ଅଂଚଳରେ ଏଚଆଇଭି, ଏଡସ୍ ରୋଗ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହିତ ସେଠାରେ ମଧ୍ୟ ନମୁନା ପରୀକ୍ଷା କରାଯାଉଥିବା ଜିଲ୍ଲା ଏଡସ୍ ପ୍ରକଳ୍ପ ଅଧିକାରୀ ରଶ୍ମିତା ମହାନ୍ତି ବୈଠକରେ ସୂଚନା ଦେଇଥିଲେ । ଜିଲ୍ଲାରେ ଏବେ ପ୍ରାୟ ୧୬ଶହ ଏଡସ୍ ରୋଗୀ ଚିହ୍ନଟ ହୋଇଥିବା ବେଳେ ସମସ୍ତ ରୋଗୀ ଆଂଟି ରିଟ୍ରିଭାଲ ଥେରାପି ଔଷଧ ନିୟମିତ ସେବନ କରୁଥିବା ଜଣାପଡିଛି । ସେଥିପାଇଁ ଜିଲ୍ଲାରେ ଏବେ ଏଡସ୍ ରୋଗୀଙ୍କ ମୃତ୍ୟୁହାର ହ୍ରାସ ପାଇବାରେ ଲାଗିଛି । କୋଭିଡ ସମୟରେ ମଧ୍ୟ ରୋଗୀମାନଙ୍କୁ ଶତ ପ୍ରତିଶତ ଔଷଧ ବିତରଣ କରାଯାଇଛି । ସେହିପରି ମାଆଠାରୁ ଶିଶୁକୁ ହେଉଥିବା ସଂକ୍ରମଣକୁ କିଭଳି ରୋକାଯାଇପାରିବ ସେ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଶେଷଜ୍ଞା ତଥା ୟୁନିସେଫ ପରାମର୍ଶଦାତା ଡା. ତୃପ୍ତି ମିଶ୍ର ରାଜ୍ୟର ବିଭିନ୍ନ ଜିଲ୍ଲାରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଅନୁରୂପ ଭାବେ ଏଡସ୍ ରୋଗୀଙ୍କ ସାମାଜିକ ନିରାପତା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଏଆରଟି ସମନ୍ୱୟ କମିଟି ବୈଠକ ଆଜି ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ଲାଇନ ଡିପାର୍ଟମେଂଟର ଅଧିକାରୀମାନେ ଉପସ୍ଥିତ ରହି ଏଡସ୍ ରୋଗୀମାନଙ୍କୁ ଦିଆଯାଉଥିବା ବିଭିନ୍ନ ସରକାରୀ ସୁବିଧା ଓ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ । ଯେଉଁ କ୍ଷେତ୍ରରେ ସରକାରୀ ସହାୟତା ମିଳି ପାରି ନାହିଁ, ତାହା ତୁରନ୍ତ ଯୋଗାଇଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳସେନ ଜଗଦେବ, ବରିଷ୍ଠ ଚିକିତ୍ସାଧିକାରୀ ଡା ଅନୁପ ଘୋଷ, ଜିଲ୍ଲା ଯକ୍ଷ୍ମା ଅଧକାରୀ ଡା ରଞ୍ଜନ କୁମାର ନାୟକ, ଡିପିଏମ(ଏନ.ଏଚ.ଏମ୍.) ଅନୀଲ ମହାନ୍ତି ପ୍ରମୁଖ ଏହି ବୈଠକରେ ମଂଚାସୀନ ଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏଥିରେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଏଡସ୍ ପ୍ରକଳ୍ପ ଅଧିକାରୀ ରଶ୍ମିତା ମହାନ୍ତି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




## ବସୁଧା ମେଗା ପ୍ରକଳ୍ପର ନିମ୍ନମାନ କାର୍ଯ୍ୟର ତଦନ୍ତ ଦାବି

ଜଳେଶ୍ୱର,୧୭।୧୨ (ନି.ପ୍ର): ୨୦୨୨ ମସିହା ସୁଦ୍ଧା ସରକାର ସମସ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଲାଗି ପ୍ରତିଶୃତିବଦ୍ଧ ହୋଇଥିବା ବେଳେ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ଆରୁଆ ପଂଚାୟତର ଶାଳିକୋଠା ଗ୍ରାମରେ ନିର୍ମିତ ହୋଇଥିବା ୧ଲକ୍ଷ ବିଶିଷ୍ଟ ପାଣି ଟାଙ୍କି ନିମ୍ନ ମାନର ବୋଲି ପଂଚାୟତ ପକ୍ଷରୁ ଅଭିଯୋଗ ହୋଇଛି । ଟାଙ୍କିର ବିଭିନ୍ନ ସ୍ଥାନରେ ଫାଟ ହୋଇ ପାଣି ଝରୁଥିବା ବେଳେ ବିଛାଯାଇଥିବା ପାଇପ୍ ଅସଂପୂର୍ଣ୍ଣ ରହିଛି । ଏପରିକି ପାଇପ୍ ଫାଟି ରାସ୍ତା କାଦୁଅ ହେବା ସହିତ ଲୋକମାନେ ଶୁଦ୍ଧ ପାଣି ପାଇବାରୁ ବଂଚିତ ହେଉଛନ୍ତି । ବାରମ୍ବାର ଏ ସଂପର୍କରେ ଆର୍‌ଡବ୍ଲୁଏସ୍‌ଏସ୍ ର ନିର୍ବାହୀ ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ତାର ପ୍ରତିକାର ହେଉନଥିବାରୁ ଆସନ୍ତା ଡିସେମ୍ବର ୨୬ ତାରିଖରୁ ଅଫିସ୍ ସମ୍ମୁଖରେ ଗଣଧାରଣାରେ ବସିବେ ବୋଲି ସରପଂଚ ହରିଶ୍ଚନ୍ଦ୍ର ଭୂୟାଁ ଓ ସମିତି ସଦସ୍ୟ ରାଜେନ୍ଦ୍ର ପାତ୍ରଙ୍କ ସହିତ ବହୁ ପଂଚାୟତବାସୀ ଚେତାବନୀ ଦେଇଛନ୍ତି ।

## ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ତରଫରୁ ଶୀତ ଆସର ଅନୁଷ୍ଠିତ

ବାରିପଦା,୧୭।୧୨ (ନି.ପ୍ର): ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ତରଫରୁ ବାରିପଦା ପୂର୍ଣ୍ଣଚନ୍ଦ୍ର ପୁର ଏକାଡେମୀ କାର୍ଯ୍ୟାଳୟ ପରିସରରେ ଶୀତ ଆସର ଅନୁଷ୍ଠିତ ହୋଇଯାଇଛି । ଏକାଡେମୀର ସଭାପତି ଡଃ ସରୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆସରରେ କବି ଅମିତାଭ ମିଶ୍ର, ଅବସରପ୍ରାପ୍ତ ମାଇନିଂ ଇଂଜିନିୟର ପ୍ରଣବ କୁମାର କର, ସାହିତ୍ୟିକ ସୁଦାମ ମହାନ୍ତ, ଇଂ ପଙ୍କଜ କୁମାର ମହାନ୍ତ ପ୍ରମୁଖ ଯୋଗଦେଇ ଓଡିଆ ସାହିତ୍ୟକୁ ମୟୂରଭଞ୍ଜ ଦାନ ଶିର୍ଷକ ଉପରେ ଆଲୋଚନା କରି ଯୁଗେଯୁଗେ ଓଡିଆ ସାହିତ୍ୟକୁ ମୟୂରଭଞ୍ଜ ତାର ବହୁମୂଲ୍ୟ ଅବଦାନ ଯୋଗାଇ ଆସିଛି ବୋଲି କହିଥିଲେ । କୋଭିଡ କଟକଣା ଭିତରେ ନୀରାଡମ୍ବର ବାବରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଏସ.ପି. ଜ୍ୟୋତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଏକ କବିତା ଆସର ମଧ୍ୟ ଅନୁଷ୍ଠିତ ହୋଇଥିଲା ।




## ଜଳେଶ୍ୱର ତହସିଲ ପକ୍ଷରୁ ବାଲି ଓ ମାଟି ବୋଝେଇ ଟ୍ରାକ୍ଟର ଜବତ୍

ଜଳେଶ୍ୱର,୧୭।୧୨ (ନି.ପ୍ର): ବେଆଇନ୍‌ଭାବେ ବାଲି ଓ ମାଟି ପରିବହନକୁ ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇ ଆସୁଥିବାରୁ ଏକ ବାଲି ବୋଝେଇ ଟ୍ରାକ୍ଟର ଓଡି୦୧ୱାଇ-୬୯୯୧ ଓ ଅନ୍ୟ ଏକ ମାଟି ବୋଝେଇ ଟ୍ରାକ୍ଟର ଓଡି୦୧ଭି-୭୩୬୧କୁ ଜଳେଶ୍ୱର ତହସିଲ ପକ୍ଷରୁ ଜବତ୍ କରାଯାଇ ତହସିଲ ପରିସରକୁ ଅଣାଯାଇଛି । ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ଓ ସଦର ଆର୍‌ଆଇ ମାନସ କୁମାର ବେହେରା ଙ୍କ ଏନ୍‌ଫୋର୍ସମେଣ୍ଟ ଟିମ୍ ଏହି ଚଢାଉରେ ସାମିଲ ଥିଲେ । ବାଲି ଭୋଝେଇ ଟ୍ରାକ୍ଟରରୁ ୧୭ହଜାର ଟଙ୍କା ଜୋରିମାନା କରାଯାଇ ଥିବା ଜଣାଯାଇଛି ।



# ବାରିପଦାରେ ୮୫ହଜାର ଟଙ୍କାର ନକଲି ନୋଟ

## ୨ଗିରଫ, ନକଲି ନୋଟ ସହ ୨ଟି ମୋବାଇଲ ଫୋନ ଓ ଗୋଟିଏ ବାଇକ ଜବଦ

ବାରିପଦା,୧୭।୧୨ (ନି.ପ୍ର): ବାରିପଦା ଭଳି ଏକ ଶାନ୍ତିପ୍ରିୟ ସହରରେ ଦିନକୁ ଦିନ ଅପରାଧ ବୃଦ୍ଧିପାଇବାରେ ଲାଗିଛି । ବିଶେଷ କରି ସୀମାନ୍ତ ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ରାଜ୍ୟର ଅପରାଧି ମାନେ ସେମାନଙ୍କର ଅପରାଧ ଘଟାଇ ସହଜରେ ଫେରାର ହେବାକୁ ସକ୍ଷମ ହୋଇଯାଉ ଥିବାର କୁହାଯାଉଛି । ୧୬ ତାରିଖ ବିଳମ୍ବିତ ରାତ୍ରିରେ ବାରିପଦା ସହରର କୃଷ୍ଣଚନ୍ଦ୍ର ଗୋଲେଇ ଠାରେ ଜାଲିନୋଟ କାରବାର ସୂଚନା ପ୍ରବ ମୟୂରଭଞ୍ଜ ଏସ.ପି. ପରମାର ସ୍ମିଥଙ୍କ ନିର୍ଦ୍ଦେଶ କ୍ରମେ ବାରିପଦା ଟାଉନଥାନା ଅଧିକାରୀ ବିରେନ୍ଦ୍ର କୁମାର ସେନାପତିଙ୍କ ତତ୍ତ୍ୱାବଧାନ କ୍ରମେ ବାରିପଦା ଟାଉନଥାନା ପୋଲିସର ପେଟ୍ରଲିଂ ଡ୍ୟୁଟିରେ ଥିବା ଟିମ ଅଚାନକ ଚଢାଉ କରିଥିଲା । ପୋଲିସ ଗାଡି ପହଂଚିବା ଦେଖି ୨ ଅପରାଧି ଘଟଣା ସ୍ଥଳରୁ ଦୌଡି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ସେମାନଙ୍କୁ କାବୁ କରି ସେମାନଙ୍କ ଠାରୁ ୧୧୦ ଟି ଜାଲି ୫୦୦ ଟଙ୍କିଆ ନୋଟ ଓ ୩୦୦ ଟି ଜାଲି ୧୦୦ ଟଙ୍କିଆ ନୋଟ ଜବଦ କରିବା ସହିତ ଦୁଇଟି ମୋବାଇଲ ଫୋନ ଓ ଗୋଟିଏ ପଲସର ବାଇକ ମଧ ଜବଦ କରିଥିବାର ଜଣା ଯାଇଛି । ବାରିପଦା ଟାଉନଥାନାର ପେଟ୍ରଲିଂ ଦାୟୀତ୍ୱରେ ଥିବା ପୋଲିସ କର୍ମଚାରୀ ମାନିନୀ ପ୍ରଧାନଙ୍କ ଏତେଲା ଆଧାରରେ କେସ ନମ୍ବର ୯୦୬ ତା ୧୭.୧୨.୨୦ ମୂଳେ ମାମଲା ଦାଏର କରାଯାଇଛି । ତେବେ ଗିରଫ ହୋଇଥିବା ଦୁଇଜଣ ଅପରାଧି ହେଲେ ରାଖହରି ରଣା (୫୦) ଓ ରାସବିହାରୀ ରଣା (୪୫) ଏମାନେ ଦୁଇଭାଇ ହୋଇଥିବା ବେଳେ ଏମାନଙ୍କର ଘର ଝାଡଖଣ୍ଡ ରାଜ୍ୟ ବହଡଗୋଡା ଥାନାର ଝରିଆ ଗ୍ରାମରେ ବୋଲି ଜଣା ଯାଇଛି । ପୋଲିସ ଏମାନଙ୍କୁ ଗିରଫ କରି ଘଟଣାର ଅଧିକ ତଦନ୍ତ ଚଳାଇଥିବା ବେଳେ ଏହି ଜାଲନୋଟ କାରବାରରେ ସଂପୃକ୍ତ ଥିବା ଅନ୍ୟମାନଙ୍କୁ ଠାବ କରିବାକୁ ପ୍ରୟାସ ଚଳାଇଥିବା ବେଳେ ଫୋନ କଲରେକର୍ଡ ଯାଂଚ ଆଧାରରେ ଜାଲନୋଟ କାରବାରର ମାଷ୍ଟର ମାଇଣ୍ଡକୁ ଧରିବାକୁ ଜାଲ ବିଛାଇଛି ପୋଲିସ । ଆଜି ଗିରଫ ୨ଜଣ ଆସାମୀଙ୍କୁ ଡାକ୍ତରୀ ମାଇନା କରି କୋର୍ଟ ଚାଲାଣ କରାଯାଇଥିବାର ବାରିପଦା ଟାଉନଥାନା ଅଧିକାରୀ ବିରେନ୍ଦ୍ର ସେନାପତି କହିଛନ୍ତି ।



## ଭଦ୍ରକ ବିଡିଓଙ୍କର ହୃଦ୍‌ଘାତରେ ମୃତ୍ୟୁ : ଜିଲ୍ଲା ପ୍ରଶାସନ ପକ୍ଷରୁ ଶୋକ





ଭଦ୍ରକ,୧୭।୧୨ (ନି.ପ୍ର): ଭଦ୍ରକ ବ୍ଲକର ବିଡିଓ ଭାବେ କାର୍ଯ୍ୟ କରୁଥିବା ଦାମୋଦର ଖୁଣ୍ଟିଆଙ୍କର ଗତକାଲି ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ଘଟିଛି । ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ଖୁଣ୍ଟିଆ ଗତ ବର୍ଷ ଆଜିର ଦିନରେ ଭଦ୍ରକ ବିଡିଓ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୫୯ ବର୍ଷ ବୟସ ହୋଇଥିଲା । ତାଙ୍କ ମୃତ୍ୟୁରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଭୀର ଶୋକ ପ୍ରକଟ କରାଯାଇ ଏକ ଶ୍ରଦ୍ଧାଞ୍ଜଳି ସଭା ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଡ. ଜ୍ଞାନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସଭାରେ ଉପସ୍ଥିତ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ୟାମଭକ୍ତ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅରୁଣ କୁମାର ମହାପାତ୍ର, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଉପଜିଲ୍ଲାପାଳ ପୀତାମ୍ବର ସାମଲ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, କର୍ମଚାରୀ ଯୋଗ ଦେଇ ନିରବ ପ୍ରାର୍ଥନା ପୂର୍ବକ ଅମରଆତ୍ମାର ସଦ୍‌ଗତି କାମନା କରିଥିଲେ ।

# ନେସ୍କୋ ମୁଖ୍ୟ କାର୍ଯ୍ୟାଳୟ ଘେରାଓ ୨୨ରେ

## ଦଲାଲଙ୍କ ଚାପରେ ନ ପଡ଼ି ଆନ୍ଦୋଳନ ସଫଳତା ପାଇଁ ଆହ୍ୱାନ

ବାଲେଶ୍ୱର,୧୭।୧୨ (ନି.ପ୍ର): ଉତ୍ତର ଓଡିଶାର ବିଦ୍ୟୁତ ବିତରଣ ସଂସ୍ଥା 'ନେସ୍କୋ' କର୍ତ୍ତୃପକ୍ଷଙ୍କ ଗ୍ରାହକ ଶୋଷଣ ନୀତି ଓ ବିଭାଗୀୟ ଶ୍ରମିକ ତଥା କର୍ମଚାରୀଙ୍କ ପ୍ରତି ଅବହେଳା ବିରୋଧରେ ଏକାଧିକ ସଂଗଠନଙ୍କୁ ନେଇ ଗଠିତ 'ନେସ୍କୋ ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି' ପକ୍ଷରୁ ଡିସେମ୍ବର ୨୨ ତାରିଖରେ ମୁଖ୍ୟ କାର୍ଯ୍ୟାଳୟ ଘେରାଉ ଓ ବିକ୍ଷୋଭ ପ୍ରଦର୍ଶନ କରାଯିବା ନେଇ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି । ଏହି ପରପ୍ରେକ୍ଷୀରେ ବାଲିଆସ୍ଥିତ ପାୱାର ଏମ୍ପ୍ଲୋଇଜ୍ ୟୁନିଅନ କାର୍ଯ୍ୟାଳୟରେ ଗୁରୁବାର ଦିନ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମନ୍ୱୟ ସମିତିର ସଭାପତି ପୂର୍ବତନ ବିଧାୟକ ସୁଦର୍ଶନ ଯେନା, ସାଧାରଣ ସମ୍ପାଦକ ତାରାକାନ୍ତ ପଟ୍ଟନାୟକଙ୍କ, ପାୱାର ଏମ୍ପ୍ଲୋଇଜ୍ ୟୁନିଅନ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ଜଗଦୀଶ ବେହେରା, ଅକ୍ଷୟ କୁମାର ଜେନା, ଭରତ ଚନ୍ଦ୍ର ସେଠୀ, ବୃନ୍ଦାବନ ମହାନ୍ତି, ଦେବାଶିଷ ପଣ୍ଡା. ସତ୍ୟନାରାୟଣ ଦାସ ପ୍ରମୁଖ କର୍ମକର୍ତ୍ତାମାନେ ଯୋଗଦେଇ ୫ଟି ଜିଲ୍ଲାର ବିଦ୍ୟୁତ ଉପଭୋକ୍ତା ଓ ଶ୍ରମିକ କର୍ମଚାରୀଙ୍କ ସମସ୍ୟା ସମାଧାନ ନକରି ନେସ୍କୋ କର୍ତ୍ତୃପକ୍ଷ ବ୍ୟାପକ ଅନିୟମିତତା ଓ ଦୁର୍ନୀତିରେ ଲିପ୍ତ ରହିଥିବା ଅଭିଯୋଗ କରିଛନ୍ତି । ବିନା ଟେଣ୍ଡରରେ ମିଟର ରିଡିଂ, ବିଲିଂ ଓ ମାରାମତି କାର୍ଯ୍ୟ ଠିକାଦାରମାନଙ୍କୁ ଦିଆଯାଇ ଲକ୍ଷ ଲକ୍ଷ ଟଙ୍କା ତୋଷାରପାତ କରାଯାଉଛି । ହାତୀ ସୁରକ୍ଷା କରିଡୋର ପାଇଁ ପ୍ରାଥମିକ ବ୍ୟୟ ଅଟକଳରୁ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଥିବା ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି । କର୍ମଚାରୀ ଓ ଶ୍ରମିକଙ୍କ ସମେତ ସାଧାରଣ ଉପଭୋକ୍ତାଙ୍କୁ ଠକି ଚାଲିଥିବା ନେସ୍କୋ କର୍ତ୍ତୃପକ୍ଷ ବିରୋଧରେ ଆସନ୍ତା ୨୨ ତାରିଖରେ ଆନ୍ଦୋଳନ ଡାକରା ଦିଆଯାଇଥିବା କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି । ଉପଭୋକ୍ତା, ଶ୍ରମିକ ଓ କର୍ମଚାରୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ସମନ୍ୱୟ ସମିତି ପକ୍ଷରୁ ନେସ୍କୋ ମୁଖ୍ୟ କାର୍ଯ୍ୟାଳୟ ଘେରାଉ ଓ ବିକ୍ଷୋଭ ପ୍ରଦର୍ଶନ ସହ ୨୩ ତାରିଖରୁ କର୍ମଚାରୀମାନେ ଅସହଯୋଗ ଆନ୍ଦୋଳନ ପାଇଁ ନିଷ୍ପତି ହୋଇଥିବା ସେମାନେ କହିଛନ୍ତି । ଅପରପକ୍ଷେ ଶ୍ରମିକ କର୍ମଚାରୀ ପରିବର୍ତ୍ତେ ନେସ୍କୋ କର୍ତ୍ତୃପକ୍ଷଙ୍କ ସ୍ୱାର୍ଥରକ୍ଷାରେ ଦଲାଲ ସାଜିଥିବା କିଛି ସଂଗଠନର କର୍ମକର୍ତ୍ତା ଏବେ ସମିତିର ଆନ୍ଦୋଳନ ପାଇଁ ଅନ୍ତରାୟ ହୋଇଛନ୍ତି । ମାତ୍ର ସେହି ଦଲାଲଙ୍କ କଥାରେ ଭାସି ନଯାଇ ଶ୍ରମିକ ଓ କର୍ମଚାରୀଙ୍କ ସ୍ୱାର୍ଥରକ୍ଷାରେ ଆୟୋଜିତ ଆନ୍ଦୋଳନକୁ ସଫଳ କରିବା ପାଇଁ ସେମାନେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ବାଲେଶ୍ୱର, ମୟୁରଭଞ୍ଜ, ଭଦ୍ରକ, କେନ୍ଦୁଝର ଓ ଯାଜପୁର ଜିଲ୍ଲାର ବିଭିନ୍ନ ସଂଘର କର୍ମକର୍ତ୍ତାମାନେ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।




## ବାଲିଆପାଳ ପଂଚାୟତ ସମିତି ବୈଠକ ବାତିଲ

ବାଲିଆପାଳ,୧୭।୧୨ (ନି.ପ୍ର): ବାଲିଆପାଳ ପଂଚାୟତ ସମିତିର ବୈଠକ ପାଇଁ ଆଜି ଦିନ ଧାର୍ଯ୍ୟ ହୋଇଥିଲା । ତେବେ ବୈଠକରେ ବିଧାୟକ ଯୋଗ ଦେବା ପାଇଁ ତାଙ୍କୁ ଠିକ ଭାବେ ଅବଗତ କରାଯାଇନଥିବାରୁ ଆରମ୍ଭରୁ ପ୍ରବଳ ହଟଗୋଳ ହୋଇଥିଲା । ବିଜେଡି ସମର୍ଥୀତ ସରପଂଚ, ସଦସ୍ୟ ଓ ଜିଲ୍ଲା ପରିଷଦ ସଦସ୍ୟ ମାନେ ପ୍ରବଳ ପାଟିତୁଣ୍ଡ କରି ବୈଠକ ଛାଡି ଚାଲି ଆସିଥିଲେ । ଫଳରେ ଅଧକ୍ଷ ବୈଠକ ବାତିଲ କରିବାକୁ ବାଧ୍ୟ ହୋଇଥିଲେ । ସୂଚନା ଯୋଗ୍ୟ ଯେ ଆଜିର ବୈଠକକୁ ମଧ୍ୟ ଗଣମାଧ୍ୟମର କୌଣସି ପ୍ରତିନିଧିଙ୍କୁ ଡକା ଯାଇନଥିଲା ।

## ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଘନିଷ୍ଠ ସହଯୋଗୀ ସର୍ବେଶ୍ୱର ରାଓ ଗିରଫ

ଭୁବନେଶ୍ୱର,୧୭।୧୨ (ନି.ପ୍ର): ଟାଟା ମୋଟର୍ସ 'ନିଯୁକ୍ତି ଠକେଇ' ଅଭିଯୋଗରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଘନିଷ୍ଠ ସହଯୋଗୀ ଭି . ସର୍ବେଶ୍ୱର ରାଓଙ୍କୁ ଗୁରୁବାର ଦିନ ଓଡିଶା କ୍ରାଇମ ବ୍ରାଂଚ ଏସଆଇଟି ଗିରଫ କରିଛି । ପରେ ଗୁରୁବାର ସନ୍ଧ୍ୟାରେ ତାଙ୍କୁ ଝାରପଡ଼ା ଜେଲ ପଠାଇ ଦିଆଯାଇଛି । ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଜାମିନ ନାମଞ୍ଜୁର ହେବା ପରେ ସର୍ବେଶ୍ୱର ଜେଲ ଯାଇଛନ୍ତି । ସେ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତରେ ରହିବେ । ଚାକିରି ଠକେଇ ମାମଲାରେ ତାଙ୍କର ସମ୍ପୃକ୍ତି ସମ୍ପର୍କରେ ଅନୁସନ୍ଧାନକାରୀ ସଂସ୍ଥାକୁ ପ୍ରମାଣ ମିଳିବା ପରେ ସର୍ବେଶ୍ୱରଙ୍କୁ ଗିରଫ କରାଯାଇଛି । ତଦନ୍ତ ସମୟରେ ତାଙ୍କ ନାମ ପଦାକୁ ଆସିବା ପରେ ଅନୁସନ୍ଧାନକାରୀ ସଂସ୍ଥା ତାଙ୍କୁ କିଛି ଘଂଟା ଧରି ପଚରାଉଚରା କରିବା ପରେ ଗିରଫ କରିଥିଲା ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo